Spreading Knowledge Amongst Mankind.....

ଅପ୍ରେଲ - ୨୦୧୭ APRIL - 2017



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର

## ଯୋଗାଯୋଗ

Whatsapp: + 91 9594993733

ଭ୍ରାମ୍ୟଭାଷ - + 91 8828213733

**Email ids:**

vedantimagazine@gmail.com

editor.vedantimagazine@gmail.com

ବନ୍ଦେ ଉତ୍କଳ ଜନନୀ,

ଚାରୁ ହାସମୟୀ ଚାରୁ ଭାଷମୟୀ,
ଜନନୀ, ଜନନୀ, ଜନନୀ॥

ପୂତ- ପୟୋଧି- ବିଧୌତ- ଶରୀର,
ତାଳତମାଳ- ସୁଶୋଭିତ- ତୀର,
ଶୁଭ୍ର ତଟିନୀକୂଳ- ଶୀକର- ସମୀର,
ଜନନୀ, ଜନନୀ, ଜନନୀ॥

ଘନ ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ,
ଜନନୀ, ଜନନୀ, ଜନନୀ॥

ସୁନ୍ଦର ଶାଳୀ- ସୁଶୋଭିତ- କ୍ଷେତ୍ର,
ଜ୍ଞାନବିଜ୍ଞାନ- ପ୍ରଦର୍ଶିତ- ନେତ୍ର,
ଯୋଗୀଋଷିଗଣ- ଉଟଜ- ପବିତ୍ର,
ଜନନୀ, ଜନନୀ, ଜନନୀ॥

ସୁନ୍ଦର ମନ୍ଦିର ମଣ୍ଡିତ- ଦେଶା,
ଚାରୁକଳାବଳୀ- ଶୋଭିତ- ବେଶା,
ପୁଣ୍ୟ ତୀର୍ଥାଚୟ- ପୂର୍ଣ୍ଣ- ପ୍ରଦେଶା,
ଜନନୀ, ଜନନୀ, ଜନନୀ॥

ଉତ୍କଳ ଶୂରବର- ଦର୍ପିତ- ଗେହା,
ଅରିକୁଳ- ଶୋଣିତ- ଚର୍ଚ୍ଚିତ- ଦେହା,
ବିଶ୍ୱଭୂମଣ୍ଡଳ- କୃତବର- ସ୍ନେହା,
ଜନନୀ, ଜନନୀ, ଜନନୀ॥

କବିକୁଳମୌଳି ସୁନନ୍ଦନ- ବନ୍ଦ୍ୟା,
ଭୁବନ ବିଘୋଷିତ- କୀର୍ତ୍ତି ଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚରଶରଣ୍ୟେ,
ଜନନୀ, ଜନନୀ, ଜନନୀ॥

- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

# ଏଣୁତେଣୁ......

ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସି । ଉତ୍କଳ ଦିବସ ଉପଲକ୍ଷେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ । ଦିନ ଥିଲା, ଆମର ମାତୃଭୂମି ଥିଲା ପରାଧୀନ, ଜାତି ହରାଇ ବସିଥିଲା ତାର ପରିଚୟ ଓ ଭାଷା । ଉତ୍କଳକୁ ଅନ୍ୟ ରାଜ୍ୟ ମାନଙ୍କରେ ମିଶାଇ ଦେବାପାଇଁ ଚକ୍ରାନ୍ତ ଚାଲିଥିଲା । କିନ୍ତୁ ଏହି ଘଡିସନ୍ଧି ବେଳରେ ବୀରପ୍ରସବିନୀ ଉତ୍କଳମାତାର ଗର୍ଭରେ ଜନ୍ମ ନେଇଥିଲେ କେତେଜଣ ବରପୁତ୍ର ଆଉ ସେମାନଙ୍କ ତ୍ୟାଗ ଓ ତପସ୍ୟାର ଫଳସ୍ୱରୂପ ଗର୍ବରେ ଠିଆ ହୋଇପାରେଛେ ଆମେ ସମସ୍ତେ । ସେଇ ବରପୁତ୍ରମାନେ ହେଲେ, ପୁଣ୍ୟଶ୍ଳୋକ ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଫକର ମୋହନ ସେନାପତି, ଗୋଦାବରୀଶ ମିଶ୍ର, ନୀଳକଣ୍ଠ ଦାସ, କୃପାସିନ୍ଧୁ ମିଶ୍ର ଆଉ ବିଶ୍ୱନାତ ଦାସ ପ୍ରଭୃତି ସୁଯୋଗ୍ୟ ସନ୍ତାନମାନେ । ସେମାନଙ୍କର ଅକ୍ଳାନ୍ତ ଚେଷ୍ଟାର ଫଳସ୍ୱରୂପ ଓଡିଶା ରାଜ୍ୟର ଗଠନ ହୋଇଥିଲା ୧୯୩୬ ମସିହା ଅପ୍ରେଲ ମାସ ୧ ତାରିଖରେ ଯାହାକି ଓଡିଶାରେ ଉତ୍କଳ ଦିବସ ରୂପେ ପାଳନ କରାଯାଇଥାଏ ।

ଦିନ ଥିଲା ଓଡିଶା ଥିଲା ଏକ ଧନୀ ରାଜ୍ୟ । ଉଚ୍ଚ ସଂସ୍କୃତି ଏବଂ ବେପାର ବାଣିଜ୍ୟ ପାଇଁ ଉତ୍କଳର ନାମ ଥିଲା । କିନ୍ତୁ ଆଜିର ଓଡିଶା ଏକ ଗରିବ ରାଜ୍ୟ ରୂପେ ପରିଗଣିତ ହେଉଛି ଏବଂ ଆମେମାନେ ପ୍ରେତି କ୍ଷେତ୍ରରେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛୁ । ଆଉ ଆଜି ପୁଣି ଓଡିଶା ବାସୀ ଚେଷ୍ଟା ଚଲାଇଛନ୍ତି ବିଶ୍ୱ ଦରବାରରେ ଓଡିଶାକୁ ଏକ ସୁନାମଧନ୍ୟ ଏବଂ ଅଗ୍ରଣୀ ରାଜ୍ୟରୂପେ ପରିଗଣିତ କରିବା ପାଇଁ ।

ଆସନ୍ତୁ, ଓଡିଶାର ହୃତ ଗୌରବ ଫେରେଇ ଆଣିବା ପାଇଁ ସଂକଳ୍ପବଦ୍ଧ ହେବା । ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର

# ଏ ସଂଖ୍ୟାରେ....


| | | |
|---|---|---|
| ଉତ୍କଳ ଦିବସ | ହିମାଂଶୁ ଶେଖର ବାରିକ୍ | ୦୭ |
| ମୋ ଅନୁଭୂତିରେ ନବବର୍ଷ | ପ୍ରତିଭା ପ୍ରିୟଦର୍ଶିନୀ | ୦୮ |
| ମୋ ଓଡିଶା | ଲିନା ମହାନ୍ତି | ୧୩ |
| ମା' ମଙ୍ଗଳା ଓ ଝାମ ଯାତ୍ରା | ଅନାମ ଚରଣ ସାହୁ | ୧୪ |
| ଭାଷାର ମମତା | ସୁଲୋଚନା ପଟ୍ଟନାୟକ | ୧୫ |
| ଆମ ଉତ୍କଳ ପ୍ରଦେଶ | ଦୀପକ ଷଡଙ୍ଗୀ | ୧୯ |
| ଶିକ୍ଷା ଓ ଶିକ୍ଷିତ ହେବା | କାଳକଙ୍କର | ୨୧ |
| ମୁଁ ଓଡିଆ ମୋ ରାଇଜ ଓଡିଶା | ସନାତନ ମହାକୁଡ | ୨୫ |
| ଓଡିଶା | ବରୁଣ କୁମାର ଦାସ | ୨୬ |
| ବସୁନ୍ଧରା ଘଡି – ଏକ ମାନବିକ ଦୃଷ୍ଟିକୋଣ | ଅନୁସୂୟା ମିଶ୍ର | ୨୭ |
| ଏଇତ ଜୀବନ | ସଚ୍ଚିଦା ନନ୍ଦ ବାରିକ | ୩୦ |
| ସ୍ମୃତି ପଥର ଫଗୁଣ | କେ. କୃଷ୍ଣମୂର୍ତ୍ତି | ୩୧ |
| ଅଲିଭା ସ୍ମୃତି | ଆଶା ସାହୁ | ୩୨ |
| ଅବ୍ୟକ୍ତ ପୂରବୀ | ସୁସ୍ମିତା ମହାପାତ୍ର | ୪୦ |
| କ୍ଷୋଭ | ନଚକେତା ସାହୁ | ୪୧ |
| ପଞ୍ଚସଖା | ଡ. ବିଜ୍ଞାନୀ ଦାସ | ୪୨ |
| ଅକସ୍ମାତ୍ ( Accidentally ) | ବିନୟ ମହାପାତ୍ର | ୫୩ |
| ଜୀବନକୁ ଖୋଜୁ ଖୋଜୁ | ନୃସିଂହ ଚରଣ ବେହେରା | ୫୬ |
| ମାତା ତବ ଚରଣେ | ଶାନ୍ତିଲତା ମିଶ୍ର | ୫୭ |
| ମୁଁ ଭବିଷ୍ୟତ | ଜିତେନ୍ଦ୍ରୀୟ ବେହେରା | ୬୧ |

| | | |
|---|---|---|
| ଅସ୍ତରାଗିଣୀ<br>( ଧାରାବାହିକ) | ପ୍ରଫେସର ଅନତା ପଣ୍ଡା | ୬୨ |
| ପ୍ରେମ ପଳାଶ ଫୁଲର | ଆଶୁତୋଷ ମେହେର | ୬୯ |
| ମଧୁମାଷ୍ଟ୍ରେ | ଇଂ. ସାରଦା ପ୍ରସାଦ ପରିଡା | ୭୦ |
| ପଞ୍ଚାୟତ ଇଲେକ୍ସନ | ଶଶଧର ମହାପାତ୍ର | ୭୨ |
| ଅଲିଭା ଦାଗ | ଶ୍ରୀ ବଳରାମ ସାହୁ | ୭୪ |
| ଓଡିଆ କବି ମୁଁ... ପାଉଛି ଫାଶୀ | ଫିରୋଜ କୁମାର ପଟେଲ | ୭୯ |
| ଆଇଜଲ, ମିଜୋରାମ୍<br>( ଆଇଜଲ୍ ରେ ମିସନାରୀ ପ୍ରଭାବ )<br>- ଧାରାବାହିକ ଭ୍ରମଣ କାହାଣୀ- | ପ୍ରିୟବ୍ରତ ପାତ୍ର | ୮୧ |
| ତୁମ ପାଇଁ.... | ପ୍ରଦେଶ କୁମାର ପ୍ରଧାନ | ୮୬ |
| ଜ୍ୟାମିତି ଏମିତି ଏମିତି | ଡ. ସୌମ୍ୟ ରଞ୍ଜନ ମିଶ୍ର | ୮୭ |
| ଏଇତ ଜୀବନ | ପ୍ରଶାନ୍ତ କୁମାର ନାଥ | ୮୯ |
| ବୁଢାବର | ସୁବ୍ରତ କୁମାର ମୁଦୁଲି | ୯୦ |
| ଯୁଗେ ଯୁଗେ ଭୁଲ୍ | ଶୁଭମ ନାୟକ | ୯୧ |
| ପ୍ରାଇଡ୍ ଓଫ୍ ଓଡିଶା | ବେଦାନ୍ତୀ ପରିବାର | ୯୨ |
| ପର୍ବପର୍ବାଣୀ | ସଂଗୃହୀତ | ୯୫ |
| ଟିକଏ ହସନ୍ତୁ | ସଂଗୃହୀତ | ୯୬ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୯୭ |


ବେଦାନ୍ତୀ

# ଉତ୍କଳ ଦିବସ



ହିମାଂଶୁ ଶେଖର ବାରିକ୍

ଉନ୍ନିଶ ଛତିଶ ପ୍ରଥମ ଅପ୍ରେଲ
ଅଟେ ଦିବସ ମହତ
ଭାଷା ଆଧାରରେ ପ୍ରଥମ ରାଜ୍ୟ
ଓଡିଶା ହେଲା ଗଠିତ ॥
ସେହି ଦିନୁ ଆମେ ଅପ୍ରେଲ ଏକରେ
ପାଳୁ ଉତ୍କଳ ଦିବସ
କରୁ ସୁମିରଣ ତ୍ୟାଗ ଦେଶପ୍ରେମ
ଆମ ପୂରବ ପୁରୁଷ ॥
ଫକୀର ମୋହନ ଓ ମଧୁସୂଦନ
ଗୋପବନ୍ଧୁ କୃଷ୍ଣଚନ୍ଦ୍ର
ଆଦି ନେତା ଗଣ କରିଲେ ସଂଗ୍ରାମ
ଉତ୍କଳ ହେଲା ଉଦ୍ଧାର ॥
ଆମର ପୂର୍ବଜ କରିଥିଲେ ଯୁଦ୍ଧ
ଆମ ସ୍ୱାଭିମାନ ପାଇଁ
ଆଜି ଆମେ ପାତୁ ପର ପାଶେ ହାତ
ଅତି ଲଜ୍ଜ୍ୟାହୀନ ହୋଇ ॥
ଆମର ଶାସକ ମୁହେଁ ଦାନା ବାନ୍ଧି
ଚଳାନ୍ତି ଶାସନ ଘୋଡା
ମଧୁ ଗୋପବନ୍ଧୁ ନିସ୍ୱାର୍ଥ ଆଦର୍ଶ
ହୋଇଛି ଆଜି ଅଲୋଡା ॥
ଉଠ ହେ ଉତ୍କଳ ମାତାର ସନ୍ତାନ
ତ୍ୟାଗ ସୁଦୀର୍ଘ ଶୟନ
ପୂରବ ଗୌରବ ଫେରାଇବା ପାଇଁ
କର ଜୀବନର ପଣ ॥

ନଉ ଏ.ଜି. କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର

# ମୋ ଅନୁଭୂତିରେ ନବବର୍ଷ



ପ୍ରତିଭା ପ୍ରିୟଦର୍ଶିନୀ

ନବବର୍ଷ ବୋଲି ଏଠାରେ ଆମ ଓଡିଆ ନବବର୍ଷ ବାବଦରେ କହୁଛି। ଯେଉଁଦିନ ଠାରୁ ମହାପ୍ରଭୁ ଜଗନ୍ନାଥଙ୍କ ନୂଆ ପାଞ୍ଜି ଆରମ୍ଭ ହୁଏ। ସେଇତ ଓଡିଆଙ୍କ ଲାଗି ପ୍ରକୃତ ନୂଆ ଏକ ବର୍ଷର ଆରମ୍ଭ। ସେଇ ଦିନଟି ହେଉଛି ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି। ସେହିଦିନ ସୂର୍ଯ୍ୟ ମେଷ ରାଶିରେ ଅବସ୍ଥାନ କରିବା ସହିତ ନୂତନ ସୌରବର୍ଷ  ଆରମ୍ଭ ହୁଏ। ଆମେ ମାନେ ଉଭୟ ଚନ୍ଦ୍ରବର୍ଷ ଓ ସୌରବର୍ଷ କୁ ମାନନ୍ତି। କନ୍ତୁ ସୂର୍ଯ୍ୟ ସକଳ ଶକ୍ତିର ଆଧାର, ତେଣୁ ତାଙ୍କଠାରୁ ହିଁ ବର୍ଷର ଆରମ୍ଭ ଗଣନା କରାଯାଏ। ମେଷ ସଂକ୍ରାନ୍ତି ଏବଂ ତୁଳା ସଂକ୍ରାନ୍ତିରେ ସୂର୍ଯ୍ୟ ବିଷୁବ ରେଖାରେ ଅବସ୍ଥାନ କରନ୍ତି । ଆମ ଦେଶ ପୃଥିବୀର ଉତ୍ତର ଅର୍ଦ୍ଧବୃତ୍ତରେ ସ୍ଥାନତ। ମେଷ ସଂକ୍ରାନ୍ତି ପରେ ସୂର୍ଯ୍ୟଙ୍କ ଗତି ଉତ୍ତର ଗୋଲାର୍ଦ୍ଧ ଆଡକୁ ହୁଏ। ତେଣୁ ଏହି ଦିନଟିକୁ ଦେଶସାରା ଭିନ୍ନ ଭିନ୍ନ ନାମ ଓ ପରମ୍ପରା ସହିତ ଖୁବ୍ ଉତ୍ସାହ ଉଦ୍ଦୀପନା ରେ ପାଳନ କରାଯାଏ। ଓଡିଶାର ବିଭିନ୍ନ ଅଞ୍ଚଳରେ ମଧ୍ୟ ପାଳନ ଭିନ୍ନ ଭିନ୍ନ। ଉତ୍ତର ଓଡିଶା ରେ ମେରୁ ଯାତ୍ରା, ପଶ୍ଚିମ ଓ ଦକ୍ଷିଣ  ଓଡିଶାରେ ଦଣ୍ଡ ପର୍ବ ଏବଂ ଉପକୂଳ ଓଡିଶାରେ ଝାମୁଯାତ୍ରାର ଆୟୋଜନ ହୁଏ।

ପ୍ରତିବର୍ଷ ଏପ୍ରିଲ ୧୪ ( କେବେ କେବେ ୧୫)  ତାରିଖରେ ପାଳତ ହୁଏ ମହା ବିଷୁବ ସଂକ୍ରାନ୍ତି। ପିଲାଟି ଦିନରୁ ଏହି ପର୍ବର ଖାସ୍ ଗୋଟେ ଆକର୍ଷଣ ରହି ଆସିଛି ମୋ ପାଇଁ । ସ୍କୁଲ ସକାଳୁଆ ହୁଏ। ଗ୍ରୀଷ୍ମର ଆରମ୍ଭ ସମୟ ହୋଇଥିବାରୁ ଏବେ ଭଳ ଅତ୍ୟଧିକ ଗରମ ହୁଏନ। ସକାଳ ଓ ସଞ୍ଜ ଭାରି ଭଲଲାଗେ। ସଂନ୍ଧ୍ୟା ବେଳେ ଥଣ୍ଡା ପବନରେ ଫେଣ୍ଟି ହୋଇ ମଲ୍ଲୀ ଓ ମଧୁମାଳତୀ ବାସ୍ନାରେ ଚତୁର୍ଦିଗ ମହକଯାଏ। ମଲ୍ଲୀଫୁଲର ଗଜରା ଗୁନ୍ଥି ଘରପାଖ ଠାକୁରାଣୀ ମନ୍ଦିରକୁ ନେଇଯିବା ମୋର ସବୁଠୁ ପସନ୍ଦର କାମ ଥାଏ। ବିଭିନ୍ନ ପ୍ରକାର ଚମ୍ପା ବି ଖୁବ୍ ଫୁଟେ ଏଇଦିନେ। ବାସ୍ନା ବେଶୀ ନହେଲେ ବି ସୁନାରୀ ଫୁଲର ଝୁଲନ୍ତା ସ୍ତବକ ହେଉ, ଅବା ଫୁଲଭର୍ତ୍ତି କୃଷ୍ଣଚୂଡା, ସମସ୍ତେ ରଙ୍ଗୀନ କରି ଦିଅନ୍ତି ଗ୍ରୀଷ୍ମ ସମୟକୁ। ଦୋଳବେଳେ କଷି ଥିବା ଆମ୍ବ ସବୁ ଏ ଭିତରେ ଆଉଟିକେ ବଡ ହୋଇଯାଇଥାଏ। ଖରାବେଳେ ଲୁଚାଲୁଚ କଞ୍ଚାଆମ୍ବ ଖାଇବାର ମଜା ନଆରା। ନର୍ଦ୍ଧ୍ମ ଖରାବେଳେ ଶୋଇବା ଲାଗି ବୋଉର ଆକଟ କରିବା ଆଉ

ସମସ୍ତେ ଶୋଇଯିବା ପରେ ଚୁପ୍ ବାହାରିଯାଇ ସାଙ୍ଗସାଥିଙ୍କ ସହିତ ବାଡିପଛ ଝଙ୍କାଳିଆ ଗଛ ତଳେ ଖେଳିବା, ଭୁଲିବାର ସ୍ମୃତି ନୁହେଁ।

ଏହି ସମୟର ଅନ୍ୟଏକ ଆକର୍ଷଣ ହେଉଛି ଘଣ୍ଟ ପାଟୁଆ ମାନେ ବିଭିନ୍ନ ଦେବୀ ପୀଠରୁ ମା' ଙ୍କ ଘଟ ମୁଣ୍ଡେଇ ଦୂରଦୂରାନ୍ତ ଯାଏଁ ବୁଲିବା। ଉଦୁଉଦିଆ ଦ୍ୱିପ୍ରହର ରେ ଅବା ଛାଇ ଲେଉଟାଣି ବେଳେ ଘଣ୍ଟ ଶବ୍ଦ ଶୁଣିଲେ ଲୋମ ଟାଙ୍କୁରୀ ଉଠେ। ସୁନ୍ଦର ସୁସଜ୍ଜିତ ମା ଙ୍କ ଘଟକୁ ମୁଣ୍ଡରେ ଧରି ରଣପା ପିନ୍ଧି ନୃତ୍ୟ କରୁଥିବା ପାଟୁଆ ଙ୍କ କଥା ମନେପକାଇଲେ ଏବେବି ଶୀହରଣ ଜାଗେ। ଗାଁ ମଝିରେ ମା ଙ୍କ ଲାଗି ଆସ୍ଥାନ ପ୍ରସ୍ତୁତ ହୋଇଯାଏ ମାଟି ଦାଣ୍ଡକୁ ଲିପିଦେଇ। ସମସ୍ତେ ମିଶି ପୂଜାର୍ଚ୍ଚନା କରନ୍ତି। ପଣା ଅର୍ପଣ କରାଯାଏ ଯାହାକୁ ପରେ ସମସ୍ତେ ପ୍ରସାଦ ଭାବରେ ଗ୍ରହଣ କରନ୍ତି। ଲାଗେ ମା ଯେମିତି ସନ୍ତାନ ମାନଙ୍କ ଭଲମନ୍ଦ ବୁଝିବାକୁ ନିଜେ ଘର ଘର ବୁଲି ଆସିଛନ୍ତି। ଘଟ ଏବେବି ଆସନ୍ତି। କିନ୍ତୁ ସହରର ଶୀତତାପ ନିୟନ୍ତ୍ରିତ କକ୍ଷରୁ ବାହାରି ପୂଜାର୍ଚ୍ଚନା କରିବାର ଆଗ୍ରହ ବହୁତ କମ୍ । ବେଶୀ ହେଲେ କିଛି ଟଙ୍କା ଦେଇ ଦିଆଯାଏ, ଘଟ ଧରି ଆସିଥିବା ପାଟୁଆଙ୍କୁ। ମା କୁ ଘରକୁ ଡାକ ଅଭ୍ୟର୍ଥନା କରିବା ଆଧୁନିକତାର ପରିପନ୍ଥୀ ଅଧିକାଂଶଙ୍କ ପାଇଁ। ଭାବ, ଭକ୍ତି, ଧର୍ମ, ଆସ୍ଥା, ସବୁ ଆଜି ଟଙ୍କାରେ ତଉଲିବାକୁ ପ୍ରୟାସ ହୁଏ।

ମୋ ପିଲାଦିନ ବାଙ୍କୀରେ କଟିଛି। କଟକ ଜିଲ୍ଲାର ଅଳନ୍ଦ ନିଳୟରୁ କିଛି ଗୋଟାଏ ବୋଲାଉଥିବା ଏଇ ଛୋଟ ସହରଟିର ମୂଖ୍ୟ ପରିଚୟ ଏହାର ଅଧିଷ୍ଠାତ୍ରୀ ଦେବୀ ମା ଚର୍ଚ୍ଚିକାଙ୍କ ପାଇଁ। ମା ଙ୍କୁ ନେଇ ଏହାର ସମସ୍ତ ପରମ୍ପରା। ମା ଙ୍କର ଦୁଇଟି ମୂଖ୍ୟ ପର୍ବ ହେଉଛି କୁମାର ପୂର୍ଣିମା ଓ ପଣା ସଂକ୍ରାନ୍ତି । ଏହି ସମୟରେ ଖୁବ୍ ସୁନ୍ଦର ବେଶହୁଏ ମା ଙ୍କର। ପଣା ସଂକ୍ରାନ୍ତିର ମୂଖ୍ୟ ଆକର୍ଷଣ ହେଉଛି "ଝାମୁଯାତ୍ରା" । ଭକ୍ତି ଓ ଆସ୍ଥାର ପ୍ରତୀକ ଏହି ପର୍ବଦିନ ସକାଳେ ମା ଙ୍କ ବିଶେଷ ପୂଜା କରାଯାଏ। ମାନସିକ ଧାରୀ ବ୍ୟକ୍ତିମାନେ ନିଷ୍ଠା ପୂର୍ବକ ନିର୍ଜଳ ଉପବାସ ପାଳନ କରନ୍ତି ଝାମୁ ଚାଲିବା ପର୍ଯ୍ୟନ୍ତ। ମନ୍ଦିର ତଳେ ମାଟିରେ ମାହାଣ୍ଡ ପ୍ରସ୍ତୁତ ହୁଏ, ଯାହାର ପ୍ରସ୍ଥ ଓ ଗଭୀରତା ପ୍ରାୟ ଏକଫୁଟ ଏବଂ ଦୈର୍ଘ୍ୟ ୧୨ ହାତରୁ ୧୦୮ ହାତ ଯାଏଁ ହୋଇପାରେ ଚାଲିବାକୁ ଥିବା ବ୍ୟକ୍ତିଙ୍କ ମାନସିକକୁ ନେଇ। ମାହାଣ୍ଡ ର ଦୁଇମୁଣ୍ଡରେ ଅପେକ୍ଷାକୃତ ବଡ ଗର୍ତ୍ତ ଦୁଇଟି କରାଯାଇ ପାଣି ଭର୍ତ୍ତି କରାଯାଏ ଏବଂ ସମ୍ପୂର୍ଣ୍ଣ ମାହାଣ୍ଡରେ କାଠ ଅଙ୍ଗାର ଭରି ତହିଁରେ ନିଆଁ ଧରାଇ କୁହୁଳ କୁହୁଳ ନିଆଁରଡ ହେବାଯାଏଁ ପଙ୍ଖା କରାଯାଏ। ମାନସିକ କରିଥିବା ଶିଶୁଙ୍କୁ କାନ୍ଧରେ ଅବା କାଖରେ ଧରି ଅଥବା ବୟସ୍କ ହୋଇଥିଲେ ନିଜେ ସେହି ରଡ ନିଆଁରେ ଚାଲିବାକୁ ହୁଏ। ଏହା କେବଳ ଅଭିଷ୍ଟ ସିଦ୍ଧିର କିଛି ସାଧନା ନୁହେଁ, ବରଂ ଆସ୍ଥା, ଭକ୍ତି, ମା ପ୍ରତି ବିଶ୍ୱାସ ଓ ଆତ୍ମବଳର ସମନ୍ୱିତ କ୍ରିୟା। ପଣା

ସଂକ୍ରାନ୍ତିରେ ଖୁବ୍ ବଡ ଯାତ୍ରାର ଆୟୋଜନ ହୁଏ। ପ୍ରାୟତଃ ଗ୍ରୀଷ୍ମକାଳୀନ ଘରକରଣା ସାମଗ୍ରୀ ତଥା ପିଲାଙ୍କ ଖେଳଣା ମୁଖ୍ୟ କାରବାର ହୁଏ। ମୋ ପିଲାଦିନେ ମାଟି, ଗୋବର, କାଗଜ ମଣ୍ଡ ଓ ତାଳପତ୍ର ରୁ ପ୍ରସ୍ତୁତ ଖେଳଣା ଖୁବ୍ ମିଳୁଥିଲା। ଏବେ ପ୍ଲାଷ୍ଟିକ୍ କଣ୍ଢେଇ ତା ସ୍ଥାନ ନେଇଛି। ମାଟି କଣ୍ଢେଇ ସ୍ଥାନ ନେଇଛି ଟେରାକୋଟା। କନ୍ତୁ ମାଟି, ଗୋବର, ତାଳପତ୍ର ଏବଂ କାଗଜମଣ୍ଡରୁ ଖେଳଣା ତିଆରି ଆମ ରାଜ୍ୟର ଏକ ପାରମ୍ପାରିକ ହସ୍ତ ଶିଳ୍ପ, ଯାହା ଏବେ ବିଲୁପ୍ତ ପ୍ରାୟ।






ତେବେ ପଣା ସଂକ୍ରାନ୍ତିର ପ୍ରମୁଖ ଆକର୍ଷଣ ହେଉଛି "ପଣା"। ଗ୍ରୀଷ୍ମ ପ୍ରଭାବରୁ ରକ୍ଷା ପାଇବାଲାଗି ମୁଖ୍ୟତଃ ବେଲ, ଗୁଡ, ଦହି, ଗୋଲମରିଚ ମିଶାଇ ପ୍ରସ୍ତୁତ ପଣା ପ୍ରଥମେ ମା' ଙ୍କୁ ସମର୍ପଣ କରାଯାଏ। ପଣା ଶରୀରକୁ ଶୀତଳ କରେ। ଘରେ ଘରେ ପଣା ପ୍ରସ୍ତୁତ ହୁଏ। ଏହି ସମୟରେ ଛତା, ବିଞ୍ଚଣା, ପାଦୁକା ଓ ପଣା ଦାନ ଦେବାର ପରମ୍ପରା ରହି ଆସିଛି। ଏହି ପରମ୍ପରା ମଧ୍ୟ ଧୀରେ ଧୀରେ ହଜିବାକୁ ବସିଲାଣି। ପାରମ୍ପାରିକ ପଣା ର ସ୍ଥାନ ନେଉଛି ଲସି, ମାତ୍ର ଲସିରେ ବ୍ୟବହୃତ ରାବିଡି, କୋକୋ ଏବଂ ବରଫ, ଦେହକୁ ଅଧିକ ଗରମ କରେ। ପରମ୍ପରା ପଛର କାରଣକୁ ଜାଣି ପାରିଲେ, ଆମ ପରମ୍ପରା ଓ ଚଳଣୀ ପ୍ରତି ଆଗ୍ରହ ଓ ଆଦର ବଢିଯିବ।



ଏହିଦିନ ଆଉ ଏକ ବିଶେଷ କାର୍ଯ୍ୟ ର ଚଳଣି ରହିଛି। ଚଉଁର୍ ଉପରେ "ବସୁଧାର୍' ଘଡି ବାନ୍ଧିବା। ତୁଳସୀ ଚଉଁର୍ ଲ୍‌ଗି ଅସ୍ଥାୟୀ ଛାମୁଣ୍ଡିଆଟିଏ ତିଆରି କର୍‌ଯାଏ, ବାଉଁଶ ବାଡି ଓ ଦେବଦାରୁ ଡାଳ ସାହାଯ୍ୟରେ। ସେଥିର ଝୁଲେଇ ଦିଆଯାଏ ଛୋଟ ଏକ ମାଟି କଳସୀ ଯାହାର ପୃଷ୍ଠରେ ଛିଦ୍ରଟିଏ ଥାଏ। ସେଇ ଛିଦ୍ରରେ କୁଟା ଖଣ୍ଡେ ଖଞ୍ଜି, ଘଡିରେ ପାଣି ଭରିଦିଆଯାଏ। ଟୋପା ଟୋପା ପାଣି ପଡି ତୁଳସୀମୂଳ ଆର୍ଦ୍ର ରଖେ। ତୁଳସୀ ଭଳ ଏକ ଉପାଦେୟ, ଔଷଧୀୟ ଏବଂ ପୂଜନୀୟ ବୃକ୍ଷକୁ ଗ୍ରୀଷ୍ମରେ ସଂରକ୍ଷଣ ଦେବାର ଏହା ଏକ ନଆର୍ ବ୍ୟବସ୍ଥା।



ମନ୍ଦିର ବେଢାରେ, ଚଉରା ମୂଳେ, ଜଳପାତ୍ର ଓ ଶସ୍ୟପାତ୍ର ରଖିବାର ପରମ୍ପରା ପକ୍ଷୀ ମାନଙ୍କୁ ଆଧାର ଓ ଜଳ ଦେବାଲାଗି ସୃଷ୍ଟି ହୋଇଛି। ପ୍ରତ୍ୟେକ ନିୟମ, ପରମ୍ପରା ଓ ଚଳଣୀ ର ପ୍ରାସଙ୍ଗିକତା ରହିଛି। ପ୍ରକୃତିର ପରିବର୍ତ୍ତନ ସହିତ ସଭିଙ୍କ ସାମଗ୍ରିକ ଭଲମନ୍ଦ ଓ ହିତକୁ ଦୃଷ୍ଟି ରେ ରଖି ପରମ୍ପରା ଗୁଡିକ ସୃଷ୍ଟି କରାଯାଇଛି। ସମୟ ବଦଳୁ, ସମୟ ସହ ତାଳଦେଇ ଜୀବନଶୈଳୀ ମଧ୍ୟ ବଦଳୁ, କିନ୍ତୁ ପରମ୍ପରାକୁ ତାର ମୂଳ ଢାଞ୍ଚାରେ ପାଳନ କରିବାର ଅଭ୍ୟାସ ରହୁ। ଏହି ଅଭ୍ୟାସ କେବଳ ଆମପାଇଁ ମଙ୍ଗଳକାରୀ ନୁହେଁ, ବରଂ ଏହା ପୂର୍ବ ପୁରୁଷଙ୍କ ପ୍ରତି ଆମର ସମ୍ମାନ ଓ ଉତ୍ତର ପିଢୀ ପ୍ରତି ଆମର କର୍ତ୍ତବ୍ୟ।

ଏଥର ନବବର୍ଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ଏତିକି ପ୍ରାର୍ଥନା, ସେ ଏଇ ମାଟିର ହୃତ ଗୌରବ ଫେରିଇ ଆଣନ୍ତୁ। କେବଳ ଓଡିଶା ନୁହେଁ, ସମଗ୍ର ମାନବ ଜାତିକୁ ସମୃଦ୍ଧି, ସଦିଚ୍ଛା ଓ ସ୍ନେହରେ ବାନ୍ଧନ୍ତୁ। ମା ଆଦ୍ୟାଶକ୍ତି ଧନ, ଧାନ୍ୟ, ଶସ୍ୟ ଓ ପ୍ରାଚୁର୍ଯ୍ୟରେ ଭରିଦିଅନ୍ତୁ। ଆସ୍ଥା ଓ ବିଶ୍ୱାସ ର ସମିଶ୍ରଣ ଏହି ପରମ୍ପରା ଅକ୍ଷୁର୍ଣ୍ଣ ଓ ଉଜ୍ଜିବୀତ ରହୁ।

http://www.cnslounge.com/writer/pratibha-priyadarshini/
ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି। ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ପ୍ୟୁ ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@ gmail. com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ମୋ ଓଡିଶା



ଲିନା ମହାନ୍ତି

ସଂସ୍କୃତି ଯାହାର ଚିର ବନ୍ଦନୀୟ
ବଡଦେବ ଜଗନ୍ନାଥ,
ମନ୍ଦିର ମାଳିନୀ ଧନ୍ୟ ସେ ଜନନୀ
ସୁନା ଫଳାଏ ଯେ କ୍ଷେତ ।

କେତେ ସୂର ବୀର ଜନମୀ ତା କୋଳେ
ଦେଲେ ତଙ୍କ ପ୍ରାଣ ବଳ,
ଧନ୍ୟ ଧନ୍ୟ ସେଇ ମା ର ସନ୍ତାନ
ମୋ ପାଇଁ ଗଲେ ଟଳ ॥



ବୀରତ୍ୱର ଗାଥା ଗାଉଅଛୁ ଆମ୍ଭେ
ଧନ୍ୟ ତୁ ଉତ୍କଳ ମଆ,
ତୋ କୋଳେ ଜନମୀ ରଖିଯାଉଛନ୍ତି
ଚିରକାଳ ତୋ ନାଁ ॥

ଖୋଜୁଛୁ ଖୋଜିବୁ ଜନମ ମାଟିକୁ
ଥିବ ସଦା ଦେଶପ୍ରୀତି,
ଥିଲେ ଯେତେ ଦୂରେ ଗରବେ କହିବୁ
ଓଡିଶା ମୋ ଜନ୍ମ ମାଟି ॥

ଜଗତସିଂହପୁର, ଓଡିଶା

# ମା' ମଙ୍ଗଳା ଓ ଝାମ ଯାତ୍ରା



ଅନାମ ଚରଣ ସାହୁ

ଓଡିଶାର ଶକ୍ତିପୀଠ ମାନଙ୍କରେ ପଣା ସଂକ୍ରାନ୍ତି ଏକ ମୁଖ୍ୟ ପର୍ବ । ଏହି ଦିନ ସେହି ସ୍ଥାନ ମନଙ୍କରେ ଝାମଯାତ୍ରା ଅନୁଷ୍ଠିତ ହୋଇଥାଏ । ରାଜ୍ୟର ବିଭିନ୍ନ ସ୍ଥାନମାନଙ୍କରୁ ଅନେକ ଭକ୍ତ ରୁଣ୍ଡ ହୁଅନ୍ତି । କନ୍ତୁ କାକଟପୁରର ମା' ମଙ୍ଗଳାପୀଠ ଏଥିରୁ ବ୍ୟତିକ୍ରମ ଅଟେ ।

ଚୈତ୍ର ମାସର ପ୍ରଥମ ମଙ୍ଗଳବାରଠାରୁ ମା' ମଙ୍ଗଳାଙ୍କର ପାଳଯାତ୍ରା ଅନୁଷ୍ଠିତ ହୁଏ । ଏହାକୁ ପ୍ରଥମପାଳ କୁହାଯାଏ । ପରେ ପରେ ଦ୍ୱିତୀୟ ପାଳ, ତୃତୀୟ ପାଳ, ଚତୁର୍ଥ ପାଳ ଓ ପଞ୍ଚମ ପାଳ ଅନୁଷ୍ଠିତ ହୋଇଥାଏ । ପଞ୍ଚମ ପାଳକୁ ଝାମଯାତ୍ରା କୁହାଯାଏ । ଏହି ପଞ୍ଚମ ପାଳ ବା ଝାମଯାତ୍ରା ପ୍ରାୟତଃ ବୈଶାଖମାସର ପ୍ରଥମ ମଙ୍ଗଳବାରରେ ପଡିଥାଏ । କନ୍ତୁ ଯେଉଁ ବର୍ଷ ଏହା ଚୈତ୍ର ମାସରେ ପଡେ ତାହାକୁ ବାରୁଣୀ ଯାତ୍ରା କୁହାଯାଏ ।

ଏହି ପାଳଯାତ୍ରା ମାନଙ୍କରେ ବହୁ ଦୂରଦୂରାନ୍ତରରୁ ଭକ୍ତମାନେ ମଙ୍ଗଳାଙ୍କ ଦର୍ଶନ ନମନ୍ତେ ଆସି କାକଟପୁରରେ ପ୍ରବାହିତ ପୂଣ୍ୟତୋୟା ପ୍ରାଚୀ ଜଳରେ ଊଷାରେ ସ୍ନାନ କରି ମା' ମଙ୍ଗଳାଙ୍କର ପାଦ ଦର୍ଶନ କରିଥାଆନ୍ତି । ଫଳରେ ମା'ଙ୍କର ଆଶୀର୍ବାଦରେ ଜନ୍ମଜନ୍ମାନ୍ତରର ପାପର କ୍ଷୟ ଘଟି ଜୀବ ଓ ପରମାତ୍ମାର ମିଳନ ପ୍ରସସ୍ତ ହୋଇଥାଏ । ଜୀବମାନେ ମୃତ୍ୟୁପରେ ମୋକ୍ଷପ୍ରାପ୍ତ ହୋଇଥାଆନ୍ତି ବୋଲି ଭକ୍ତମାନଙ୍କର ଦୃଢ ବିଶ୍ୱାସ ରହିଛି ।

**ପାଟୁକା ନାଚ** – ପ୍ରତ୍ୟେକ ପାଳଯାତ୍ରା ଦିନ ପାଟୁକା ନାଚ ହୁଏ । ପ୍ରଥମ ପାଳ ଠାରୁ ପଞ୍ଚମ ପାଳ ଯାଏଁ ପ୍ରତି ପାଳରେ ପାଞ୍ଚଜଣ ଭୋଇ ପାଟୁକା ବେଢା ବହାରେ ଓ ଛଅ ଜଣ ମାଳ ପାଟୁକା ବେଢା ଭିତରେ ନାଚଥାନ୍ତି । ପାଟୁକାମାନେ ସ୍ୱତନ୍ତ୍ର ଧରଣର ପୋଷାକ ପରିଧାନ କରିଥାନ୍ତି । ଗୋଟିଏ ଲେଖାଁ କାଷ୍ଠ ଦଣ୍ଡ ସହିତ ପିତ୍ତଳ ନର୍ମିତ ପଞ୍ଚମୁଖୀ ଘଟ ଧାରଣ କରିଥାନ୍ତି । ମାଳ ପାଟୁକାମାନେ ମାଆଙ୍କୁ ଦର୍ଶନ କରି ଧଣ୍ଡା ଆଣିବା ପରେ ସମସ୍ତେ ଢୋଲ, ମହୁରୀ ବାଦ୍ୟ ଗହଣରେ ପ୍ରାଚୀର ଘଟତୋଳା ତୁଠକୁ ଗମନ କରନ୍ତି । ସ୍ୱ ସ୍ୱ ଘାଟରେ ପାଣି

ତୋଳ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ମାଳ ପାଟୁକାମାନେ ବେଢା ଭିତରେ ଓ ଘୋଇ ପାଟୁକାମାନେ ବେଢା ବାହାରେ ନୃତ୍ୟ କରନ୍ତି ।

ପଞ୍ଚମପାଳ ବା ଝାମଯାତ୍ରା ଦିନ ସିଂହଦ୍ୱାର ଆଗରେ ୨୦ ଫୁଟ ଲମ୍ବ, ୨ ଫୁଟ ପ୍ରସ୍ଥ ଓ ୧ ଫୁଟ ଗଭୀରର ଏକ ଖନ୍ଦକ ଖୋଳାଯାଇ ଅଙ୍ଗାର ନିଆଁ କରାଯାଇ ସେଥିରେ ଝୁଣା ଦିଆଯାଇଥାଏ । ପାଟୁକାମାନେ ଖାଲିପାଦରେ ସେଥିରେ ପ୍ରବେଶ କରି ନୃତ୍ୟ କରନ୍ତି । ଏହା ଭକ୍ତମାନଙ୍କୁ ବହୁ ଭାବରେ ଆକର୍ଷିତ କରିଥାଏ ।

**କାଳିକା ନାଚ:** ତୃତୀୟ ପାଳଯାତ୍ରାଠାରୁ ପଞ୍ଚମ ପାଳ ଯାଏଁ ମଧ୍ୟରାତ୍ରରେ ଏହା ପରିବେଷଣ କରାଯାଇଥାଏ । ଏକ ନିର୍ଦ୍ଦିଷ୍ଟ ପରିବାର ଏଥିପାଇଁ ଉଦ୍ଦିଷ୍ଟ । ନିର୍ଦ୍ଦିଷ୍ଟ ବ୍ୟକ୍ତି ଦିନସାରା ଉପବାସ କରି ମା'ଙ୍କ ଶରଣରେ ଥାଏ । ପ୍ରାୟ ରାତ୍ର ୧୧ ଘଟିକା ସମୟରେ ମହାକାଳ ବେଶରେ ସଜ୍ଜିତ ହୋଇ ଖଡଗ ଧାରଣ ପୂର୍ବକ ଘଣ୍ଟ, ଢୋଲ, ମହୁରୀ, ମଶାଲ ମଧ୍ୟରେ ମା'ଙ୍କ ମନ୍ଦିର ଅଭିମୁଖେ ନାଚ ନାଚ ଯାତ୍ରା କରେ । ଏକ ଥର ବେଢା ପରିକ୍ରମା କରି ମନ୍ଦିର ମଧ୍ୟକୁ ପ୍ରବେଶ କରେ । ମା'ଙ୍କ ସନ୍ଧ୍ୟା ଆଳତିର ପରବର୍ତ୍ତୀ ବେଶକୁ ଦର୍ଶନ କରି ଦକ୍ଷିଣ ଦ୍ୱାର ଦେଇ ନିର୍ଗତ ହୁଏ । ଏହି ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ ।

### ମା' ମଙ୍ଗଳାଙ୍କ ପୀଠର ଝାମଯାତ୍ରା ପଛରେ ଥିବା କିମ୍ବଦନ୍ତୀ:

ଓଡିଶାର ପ୍ରଭୁ ଶ୍ରୀ ଜଗନ୍ନାଥ ଓ ମା' ମଙ୍ଗଳାଙ୍କ ମଧ୍ୟରେ ସାଂସ୍କୃ ତି କ ସମ୍ପର୍କ ବହୁ ଗଭୀର ଓ ପ୍ରାଚୀନ । ଯେଉଁ ବର୍ଷ ଦୁଇଟି ଆଷାଢମାସ ପଡେ, ସେହି ବର୍ଷ ପଭୁ ଶ୍ରୀ ଜଗନ୍ନାଥଙ୍କର ନବକଳେବର ଅନୁଷ୍ଠିତ ହୁଏ ଏବଂ ମା' ମଙ୍ଗଳାଙ୍କ ନିର୍ଦ୍ଦେଶରେ ଦାରୁ ନିର୍ଣ୍ଣୟ ହୋଇ ଶ୍ରୀ ବିଗ୍ରହ ଗଢା ଯାଇଥାଏ । ଏହି ପରମ୍ପରା ବହୁ ପ୍ରାଚୀନ କାଳରୁ ରହିଆସିଛି । ଏକଦା ନବକଳେବରର ଆବଶ୍ୟକତା ପଡିଲା । ଓଡିଶାର ତତ୍କାଳୀନ ଗଜପତି ଖବର ପାଇଲେ ଯେ ମା' ମଙ୍ଗଳା ନିଜ ଆସ୍ଥାନରୁ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି । ତେଣୁ ସେ ଚିନ୍ତିତ ହୋଇ ପଡିଲେ । ନବକଳେବର କିପରି ହେବ? ଶେଷରେ ମନ୍ତ୍ର, ଯନ୍ତ୍ର, ଯଜ୍ଞାଦିରେ ସିଦ୍ଧ "ହଟ" ଓ "ବଟ" ନାମକ ଦୁଇଜଣ ବ୍ୟକ୍ତିଙ୍କୁ ଦେବୀଙ୍କ ଅନ୍ୱେଷଣରେ କାକଟପୁର ପଠାଇଲେ । ସେମାନେ ଆସି ପ୍ରାଚୀ କୂଳରେ ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଦିନ ପ୍ରାଚୀ ଜଳରେ ସ୍ନାନ କରି ଶୁଦ୍ଧପୂତ ଭାବରେ ସେମାନଙ୍କର ପୂଜା, ଆରାଧନା ଯଜ୍ଞ ଆଦି କ୍ରିୟା ଆରମ୍ଭ କଲେ ।

ଦିନପରେ ଦିନ ଗଡି ଗ୍ଲଲିଲା । ଇତି ମଧ୍ୟରେ ଶ୍ରୀ ମନ୍ଦିର ବିଧି ଅନୁସାରେ ନବକଳେବର ଦାରୁ ଅନେଷ୍ୱଣରେ ଦଇତାପତି ଓ ଅନ୍ୟ ସେବକମାନେ ଶ୍ରୀ ଜଗନ୍ନାଥଙ୍କର ଆଜ୍ଞାମାଳ ନେଇ ଚୈତ୍ର ଶୁକ୍ଳ ଏକାଦଶୀ ଦିନ ଶ୍ରୀ କ୍ଷେତ୍ରରୁ ପଦବ୍ରଜରେ କାକଟପୁର ଅଭିମୁଖେ ଯାତ୍ରା ଆରମ୍ଭ କରିଦେଲେ । ସେତେବେଳକୁ "ହଟ" ଓ "ବଟ"ଙ୍କର ପୂଜା ଆରାଧନାରେ ଗ୍ଲରୋଟି ମଙ୍ଗଳବାର ଅତିବାହିତ ହୋଇ ସାରିଥାଏ । ଦେବୀଙ୍କର ସନ୍ଧାନ ମିଳ ନଥାଏ । ବନଯାଗଯାତ୍ରୀ ଦେଉଳ ମଠରେ ପହଞ୍ଚି ସାରିଥାନ୍ତି । ଦାରୁର ଠିକଣା ଦେବ କଏ? ଅନନ୍ୟୋପାୟ ହୋଇ କାୟ- ମନୋବାକ୍ୟରେ ଦେବୀଙ୍କର ଶରଣାପନ୍ନ ହୋଇ ଯଜ୍ଞାଗ୍ନିରେ ଝାସ ଦେବାକୁ "ହଟ" ଓ "ବଟ" ଉଦ୍ୟନ୍ତ ହୁଅନ୍ତେ ମା' ମଙ୍ଗଳା ସେମାନଙ୍କର ଦୁଃଖ ସହି ନପାରି ପୁଣ୍ୟତୋୟା ପ୍ରାଚୀ ଗର୍ଭରୁ ପୁନଃ ଆବିର୍ଭାବ ହେଲେ । ସେହି ଦିନ ଥିଲା ଆରାଧନାର ପଞ୍ଚମ ମଙ୍ଗଳବାର । ମା'ଙ୍କର ଦର୍ଶନରେ ସମସ୍ତଙ୍କର ମନ ଆନନ୍ଦରେ ଭରି ଉଠିଲା । ମା'ଙ୍କର ସେହି ଦିବ୍ୟଲୀଳାକୁ ମନେ ରଖିବା ପାଇଁ ଏହି ଦିନ ଝାମଯାତ୍ରା ଅନୁଷ୍ଠିତ ହୁଏ ।

ବି.ଦ୍ର.: ଏହି ବର୍ଷ ଅର୍ଥାତ ୨୦୧୭ ମସିହା ଅପ୍ରେଲ ମାସ ୧୧ ତାରିଖ ଦିନ ହେବାକୁ ଥିବା ଝାମଯାତ୍ରା ବାରୁଣୀ ଯାତ୍ରା ଅଟେ ।

ବିଭୂତିପୁର, କାକଟପୁର, ପୁରୀ



# ଭାଷାର ମମତା



ସୁଲୋଚନା ପଟ୍ଟନାୟକ

୧୯୩୬ ମସିହା ଏପ୍ରିଲ ପହିଲ୍ ଦିନ ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟହିସାବରେ ପରିଗଣିତ ହେଲ୍। ଭାଷାଗତ ସ୍ୱତନ୍ତ୍ରତା ଅନୁଯାୟୀ ଏକ ସ୍ୱତନ୍ତ୍ର ରାଜ୍ୟହିସାବରେ ପରିଗଣିତ ହେବାଓଡିଶା ପାଇଁ ଗର୍ବ ଓ ଗୌରବରବିଷୟ । ଓଡିଶା ସ୍ୱତନ୍ତ୍ରତା ପାଇବାର ପଶ୍ଚାତରେ ଅନେକ ମହାନ ବ୍ୟକ୍ତିଙ୍କର ମହାନ ଦାନ ଉଲ୍ଲେଖନୀୟ। ସେମାନଙ୍କ ମଧ୍ୟରୁ, ଉତ୍କଳ ଗୌରବ ମଧୁସୁଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାଶ, ପଣ୍ଡିତ ନୀଳକଣ୍ଠ ଦାଶ, ବ୍ୟାସକବି ଫକରମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେର, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ଅବଦାନ ଉଲ୍ଲେଖଯୋଗ୍ୟ । ନିଜର ମାତୃଭାଷା ପ୍ରତି ସମ୍ମାନ ପ୍ରଦାନ କରିବା ଆମ ସମସ୍ତ ଓଡିଶାବାସୀ ଓ ଓଡିଆମାନଙ୍କର କର୍ତ୍ତବ୍ୟ ଅଟେ । ଏହା କେବଳ ଓଡିଶାରେ ବାସକରୁଥିବା ନାଗରୀକମାନଙ୍କ ମଧ୍ୟରେ ସୀମାବଦ୍ଧ ହେବା ଉଚତ ନୁହେଁ। ତେଣୁ ପ୍ରତ୍ୟେକ ଓଡିଆ ଏହାକୁ ନିଜର ଏକ ପ୍ରଧାନ କର୍ତ୍ତବ୍ୟ ହିସାବରେ ମାନି ନେଇ ମାନ୍ୟତା ସହ ନିଜ ଭାଷାର ପ୍ରଚାର ଓ ପ୍ରସାର କରାଇବା ସହିତ, ବିଶ୍ୱ ଦରବାରରେ ଏହାର ଉଛତମ ସ୍ଥାପନା କରିବା ସର୍ବାଦୌ ଆବଶ୍ୟକ ।

ମୁଁ ଗର୍ବର ସହିତ କହିପାରେ, ଆମେରିକାରେ ବାସ କରୁଥିବା ଓଡିଆମାନେ ନିଜର ଭାଷାକୁ ଭୁଲି ନାହାନ୍ତି । ଓଡିଆ ଭାଷାକୁ ମାନ୍ୟତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହି "ସ୍ୱତନ୍ତ୍ର ଓଡିଶା ଦିବସ"ଟିକୁ ବିଭିନ୍ନ ସ୍ଥାନରେ ପାଳନ କରୁଛନ୍ତି । କେବଳ ଏତିକି ତୃଟି ହୋଇପାରେ ଯେ ଯଦିଓ ଓଡିଶାରେ ଏପ୍ରିଲ ପହିଲ୍‌ରେ ଏହି ଶୁଭ ଦିବସ ପାଳନ କରାଯାଇ ଥାଏ, ଆମେରିକୀୟ ଓଡିଆମାନେ କନ୍ତୁ ସମୟର ନ୍ୟୁନତା ପାଇଁ, ଏହାକୁ ପରବର୍ତ୍ତୀ ଛୁଟି ଦିନଟିଏ ଦେଖି ପ୍ରାୟତଃ ପାଳନ କରିଥାନ୍ତି। ଏହାଦ୍ୱାରା ବିଶେଷ ଜନ ସମାଗମ ହୋଇପାରିଥାଏ । ଆମେରିକାରେ ଓଡିଆମାନଙ୍କ ଗଠିତ ସଂସ୍ଥା, "ଦି ଓଡିଶାସୋସାଇଟି ଅଫ ଆମେରିକାଜ୍' ଏହାକୁ ପ୍ରୋତ୍ସାହିତ କରିଥାଏ। ତେଣୁ ବିଭିନ୍ନ ପ୍ରାଦେଶିକ ସ୍ତର ସ୍ଥିତ ଉପସଂସ୍ଥାରେ ଜଡିତ ଓଡିଆମାନେ ଏହି ସ୍ୱତନ୍ତ୍ର ଦିବସଟିକୁ ପ୍ରାଦେଶିକ ସ୍ତରରେ ପାଳନ କରିଥାନ୍ତି । କେଉଁଠି କେଉଁଠି ଏକତ୍ରିତ ଓଡିଆ- ଆମେରିକୀୟ ପିଲାମାନେ ବକ୍ତୃତା ପ୍ରତିଯୋଗିତାରେ ଯୋଗ ଦେଇ ଓଡିଆ କହିବା ସହିତ ବିଶିଷ୍ଟ ଓଡିଆ ବ୍ୟକ୍ତିବିଶେଷଙ୍କ ଓଡିଶା ପାଇଁ ଅବଦାନ ବିଷୟରେ ଅବଗତ ହେବାର ସୁଯୋଗ ଲାଭ କରନ୍ତି। ସମୟେ ସମୟେ, ଓଡିଶାରୁ ଅବସର ବିନୋଦନରେ ଅଥବା

ସେମାନଙ୍କର ପୁତ୍ର କନ୍ୟା ମାନଙ୍କୁ ଦେଖି ଆସିଥିବା ବିଶେଷ ସାହିତ୍ୟିକ ମାନଙ୍କୁ ଆମନ୍ତ୍ରଣ କରିବା ଦ୍ୱାରା ସେମାନଙ୍କଠାରୁ ଉଦବୋଧନ ପାଇବାର ସୁଯୋଗ ମିଳଥାଏ । ସମୁହିତ ଜନ ସମାଜ ଏହି ସୁଯୋଗରେ ଭାଗ ନେଇଥାନ୍ତି ।

ଓଡିଶାରୁ ଦୂରରେ ରହୁଥିବା ସତ୍ୱେ ଆମେରିକାରେ ବାସ କରୁଥିବା ଓଡିଆଭାଷୀମାନେ ନିଜର ମାତୃଭୂମି ଏବଂ ମାତୃଭାଷା ପ୍ରତି ସେମାନଙ୍କର ମମତା ଓ ମାନ୍ୟତା ପ୍ରଦର୍ଶନ କରିବାକୁ ଭୁଲି ନ ଥାନ୍ତି । ଆମେରିକାର ଓଡିଆମାନେ, ଅନ୍ୟ ଏକ ଦେଶର ନାଗରୀକତ୍ୱ ଗ୍ରହଣ କରିଥିବା ସତ୍ୱେ ଓଡିଆ ଭାଷାର ପ୍ରସାର ଉଦ୍ଦେଶ୍ୟରେ ନ ହେଲେ ମଧ୍ୟ ନିଜର ଆତ୍ମସନ୍ତୋଷ ପାଇଁ ଓଡିଆ କବିତା ପାଠ, ଓଡିଆ ପୁସ୍ତକ ପ୍ରକାଶ, ଓ ଓଡିଆ ପତ୍ରିକା ପ୍ରକାଶ କରିଥାନ୍ତି । "ଦି ଓଡିଶା ସୋସାଇଟି ଅଫ ଆମେରିକାଜ୍' ଏହାର ବାର୍ଷିକ ଉତ୍ସବ ପାଳନ ସମୟରେ ଏହାର ବାର୍ଷିକ ପତ୍ରିକା "ଉର୍ମି" ପ୍ରକାଶ କରିଥାଏ । ପ୍ରାୟତଃ ଉର୍ଦ୍ଧାଧିକ ଏକଶତ ଲେଖକ ଲେଖିକା ଏଥିରେ ସ୍ୱଲିଖିତ କବିତା, ଗଳ୍ପ ଏବଂରଚନା ପ୍ରକାଶ କରିଥାନ୍ତି । ଏହାବ୍ୟତିତ ଆମେରିକାରେ ଓଡିଆମାନେ ନିଜର ପିଲାମାନଙ୍କୁ ନିଜର ଭାଷା ସହିତ ପରିଚତ କରାଇବା ଉଦ୍ଦ୍ୟେଶରେ ବିଭିନ୍ନ ନାଗରୀକ/ ନାଗରୀକାମାନଙ୍କର ତତ୍ତ୍ୱାବଧାନରେ ଓଡିଆ- ଶିକ୍ଷାର ବିଦ୍ୟାଳୟ ଖୋଲି ଏହି ଶିକ୍ଷାର ପ୍ରଚେଷ୍ଟା ଜାରି ରଖିଛନ୍ତି । ଓଡିଆ ସାହିତ୍ୟ, ସଂସ୍କୃତି ଓ ଓଡିଆ ପରମ୍ପରା ସହିତ ଆମର ଆଗାମୀ ପିଢିକୁ ଜଡିତ ରଖିବାର ମହତ ଉଦ୍ଦେଶ୍ୟ ପାଇଁ ବିଦେଶରେ ରହୁଥିବା ଓଡିଆଭାଷୀ ମାନଙ୍କର ପ୍ରଚେଷ୍ଟା ମହତ୍ୱପୂର୍ଣ୍ଣ ଏବଂ ପ୍ରଶଂସାଯୋଗ୍ୟ । ଏହି ପବିତ୍ର ଓଡିଶା ଦିବସରେ ମୁଁ ସମସ୍ତ ଓଡିଆଭାଷୀ ଭାଇ ଭଉଣୀଙ୍କୁ ଏହି ମହତ ଉଦ୍ଦେଶ୍ୟ ଜାରି ରଖିବାକୁ ଅନୁରୋଧ କରୁଛି ।

ଆଜିକାଲି ଓଡିଶା ଗସ୍ତରେ ଯିବା ସମୟରେ, ଓଡିଆ ପିଲାମାନେ ପ୍ରାୟତଃ ଜାତୀୟ ଭାଷାରେ ପରସ୍ପର ମଧ୍ୟରେ କଥୋପକଥନ କରିବାର ଦେଖିବାକୁମିଳୁଛି । ମନରେ ପ୍ରଶ୍ନ ଆସେ, ଏହା ତାଙ୍କର ନିଜରଭାଷା ପ୍ରତି ଅନାଦର ଭାବ ନୁହେଁ ତ? ଆମକୁ ଦେଖିବାକୁ ପଡିବ, ଏହି କାରଣର ମୂଳ ଉଦ୍ଦେଶ୍ୟ କ'ଣ ହୋଇପାରେ ଅବା ପରିବାର ସ୍ତରରେ କେଉଁଠି କିଛି ଭୁଲ ରହିଯାଇଛି କି? ଏହା ପ୍ରତ୍ୟେକ ନାଗରିକର ଦାୟିତ୍ୱ । ଆମର ଆଗାମୀ ବଂଶଧରମାନେ ନିଜର ମାତୃଭାଷାର ମୂଲ୍ୟୋପଲବ୍ଧି ନ କରିବା ପର୍ଯ୍ୟନ୍ତ ଭାଷାର ଭବିଷ୍ୟତ କ'ଣ ଜାଣିବା ଏକ କଠିନ ପ୍ରଶ୍ନ । ଏହାର ଉତ୍ତର କେବଳ ଦେଇ ପାରିବେ ସେଇମାନେ, ଯେଉଁମାନଙ୍କ ଉପରେ ଏହା ନିର୍ଭର କରୁଛି ।

ଉପ- ସଭାପତି, ଦି ଓଡିଶାସୋସାଇଟି ଅଫ୍ ଆମେରିକାଜ୍
ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଆମ ଉତ୍କଳ ପ୍ରଦେଶ

ଦୀପକ ଷଡଙ୍ଗୀ

ମାଟି ମାଆ ଆମର ଏଇ
ଉତ୍କଳ ପ୍ରଦେଶ
ଫୁଟାଇଛି ମନେ ଆମର କେତେ
ଉଲ୍ଲାସ ଓ ହର୍ଷ ।

ଏଇ ମାଟି ଦେଇଛି ଆମକୁ
କେତେ ବୀର ଆଉ ବରପୁତ୍ର
ନଦନଦୀ, ପାହାଡ ପର୍ବତ
ସବୁଜିମାରେ ଭରିଛି ସର୍ବତ୍ର ।

ପାଇକ ପୁଅର ରଣ ହୁଙ୍କାରରେ
ଦିନେ ଥରିଥିଲା ଇଂରେଜ ଜାତି
ଗ୍ଳଲି ଯାଇଥିଲେ ଛାଡି ସେମାନେ
ଲଜ୍ଜାରେ ମଥା ପୋତି ।

ଇତିହାସର ମୂକସାକ୍ଷୀ ହୋଇ
ରହିଛି ଧଉଳୀ ଦଣ୍ଡାୟମାନ
ନଷ୍ଠୁର ଅଶୋକ ପୁଣି ପାଇଥିଲା
ଏଠି କେତେ ଯଶ ଓ ସମ୍ମାନ ।

ଯାନୀ ଯାତଗ୍ରେ ପୂଜା ପାର୍ବଣରେ
ଏଠି ଲାଗଇ କେତେ ଭେଳ
ରଜ ପରବର ମଉଜରେ ଝୁମି
ସଭିଁଏ ଖେଳନ୍ତି ଦୋଳ ।

ପ୍ରକୃତିର ନଷ୍ଠୁରତାକୁ ସର୍ବଦା
ସହିଛି ଏ ପ୍ରଦେଶ
ହେଲେ ବି ଓଡିଆ ମନରେ
ନଥାଏ ତିଳେ ମାତ୍ର କ୍ଳେଶ ।

ଶସ୍ୟ ଶ୍ୟାମଳା ସୁଜଳା ସୁଫଳା
ଓଡିଶା ମାଟି ଆମର
ସବୁ ବିପତ୍ତିରୁ ଉଦ୍ଧାରୁ ଥାଆନ୍ତୁ
ପ୍ରଭୁ ହେ କଳା ଠାକୁର ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

**"ବେଦାନ୍ତୀ" କୁ ଘରେ ଘରେ ପରିଚତ କରାଇବା ଆପଣମାନଙ୍କର ଦାୟିତ୍ୱ । ଆପଣମାନଙ୍କୁ ଅନୁରୋଧ ବେଦାନ୍ତୀ କୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କ ପରିବାରର ସଦସ୍ୟ, ବନ୍ଧୁବାନ୍ଧବ ଏବଂ ସାଙ୍ଗସାଥିମାନଙ୍କୁ ପାଖକୁ ପଠାନ୍ତୁ ।**

# ଶିକ୍ଷା ଓ ଶିକ୍ଷିତ ହେବା



କାଳକଙ୍କର

ମୋର ପାଠ ବୁଝିଲେ ବାଟ ସୁଗମ ପୁସ୍ତକରେ ପ୍ରକାଶିତ ସମସ୍ତ ସ୍ତମ୍ଭରେ ପାଠ, ପାଠକ, ସରକାରୀ ଓ ବେସରକାରୀ ତନ୍ତ୍ର ଉପରେ ବହୁତ ଆଲୋଚନା ହୋଇଛି । ମୋର ଅନେକ ପାଠକ ଓ ବିଭିନ୍ନ ସଂବାଦପତ୍ରର ସଂପାଦକ ବନ୍ଧୁମାନେ ମଧ୍ୟ ମୁଁ ଆଉ କାହିଁକି ଶିକ୍ଷାକୁ ନେଇ ଆଲୋଚନା ଲେଖୁନାହିଁ ବୋଲି ଆଗ୍ରହ ପ୍ରକାଶ କଲାରୁ ପୁଣି କିଛି ଲେଖିବାକୁ ଇଚ୍ଛା ହେଲା । ଅବଶ୍ୟ ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ ବିଭିନ୍ନ ପ୍ରତିଷ୍ଠାପ୍ରାପ୍ତ ବେସରକାରୀ ସିବିଏସଇ ବିଦ୍ୟାଳୟର ଅଧ୍ୟକ୍ଷ ଭାବରେ ମୋ ଭିତରେ ବହୁ ମୂଲ୍ୟବାନ ଅନୁଭବ ସଂଚ ରହିଛି । ସେ ସବୁକୁ ହୁଏତ ପ୍ରକାଶ କଲେ ଆଗାମୀ ବଂଶଧର ନିଶ୍ଚୟ ଉପକୃତ ହୁଅନ୍ତେ ! ତେବେ ତାହା ସମୟ କହିବ ଯେ ମୁଁ ଏ ସବୁ ସ୍ୱପ୍ନକୁ ସାକାର କରି ପାରୁଛି କି ନାହିଁ । ତେବେ ଏ ସଂଦର୍ଭରେ ପ୍ରଥମେ ସାଧାରଣରେ ଶିକ୍ଷାର ଅର୍ଥ କଣ ଅର୍ଥାତ୍ ଲୋକେ ଶିକ୍ଷା ବୋଇଲେ ସାଧାରଣରେ କଣ ବୁଝନ୍ତି ସେ ବିଷୟରେ ସରଳ ଭାବରେ ଆଲୋଚନା କରିବା । ତାପରେ ସେହି ଶିକ୍ଷାର ଭାବକୁ ଲମ୍ବାଇ ଆମେ ନିଜକୁ ଶିକ୍ଷିତ ଭାବିବା ଓ ଆଜିର ସମୟରେ ଶିକ୍ଷିତ ହେବାଇଲେ କଣ ବୁଝାଏ ଓ ଶିକ୍ଷିତ ପ୍ରକୃତରେ କଣ ସେ ବିଷୟରେ ଆଲୋଚନା କରିବା ।

ପ୍ରଥମେ ବୁଝିବା ଯେ ଶିକ୍ଷା କଣ ? ମଣିଷର ଶିଶୁ ଜନ୍ମ ହେଲା ପରେ ସେ ଧିରେ ଧିରେ ଆଖି ଖୋଲେ, ବାହାରର ଦୁନିଆଁକୁ ଦେଖେ, ଧିରେ ଧିରେ ବଡ ହୋଇ ସେହି ଦୁନିଆଁର କଣ ନାମ ଓ କଣ କାମ ସେ ବୁଝେ । ସେ ତା ଭିତରୁ ଏକ ଉଚ୍ଚାରଣ ବାହାର କରେ । ସେ ଉଚ୍ଚାରଣ ଧିରେ ଧିରେ ଶବ୍ଦ ଓ ପରେ ଶବ୍ଦରୁ ବାକ୍ୟ ହୁଏ । ସେ ସମ୍ବୋଧନ ଶିଖେ । ସମ୍ବୋଧନ ପରେ ସଭ୍ୟତା ଶିଖେ, ସଭ୍ୟତାରୁ ସେ ଭାଷା ସାହିତ୍ୟର ଜ୍ଞାନ ଆପଣା ଛାଏଁ ହାସଲ କରେ । ତାର ପରିବେଶରେ ଯେଉଁ ଭାଷା ପ୍ରଚଳିତ ଥାଏ ସେ ସେହି ଭାଷା ଶୁଣି ଶୁଣି ଶିଖି ପକାଏ । ସେ ମାନବୀୟ ବ୍ୟବହାର ମଧ୍ୟ ଶିକ୍ଷାକରେ । ଗୁରୁଜନଙ୍କୁ ସମ୍ମାନ, ସାନଙ୍କୁ ସ୍ନେହ, ସାଂଗ ସାଥୀଙ୍କୁ ସୌହାର୍ଦ୍ଦ୍ୟ ଆଦି ସେ ଆପଣା ଛାଏଁ ଶିଖିଯାଏ । ସେ ପରିବାରକୁ ଶିକ୍ଷା କରେ, ସମାଜକୁ ଶିକ୍ଷାକରେ ଆଉ ତାପରେ ପରିବେଶକୁ ଶିକ୍ଷାକରେ ।

ମାଓଗ୍ଲି ବ୍ରଦର୍ସରେ ଆମେ ଦେଖିଥିଲୁ ଯେ ମଣିଷର ଶିଶୁଟି ଯେତେବେଳେ ବଣର ପଶୁମାନଙ୍କ ସହ ରହେ ତେବେ ସେ ପଶୁର ପ୍ରକୃତିହିଁ ଶିଖେ । ସେ ହାତକୁ ପାଦ ଭାବରେ ବ୍ୟବହାର କରି ଗୁରିଗୋଡିଆ ହୋଇଯାଏ । ସେ ପଶୁମାନଙ୍କ ପରି ଶବ୍ଦ କରେ କିନ୍ତୁ ମଣିଷ ଭଳି କଥା କହେ ନାହିଁ । ସେ ମଣିଷ ଶିଶୁଙ୍କ ଭଳି ରୋଷେଇ ହୋଇଥିବା ଖାଦ୍ୟ ଖାଏ ନାହିଁ କମ୍ବା ଘରେ ରହେ ନାହିଁ । ସେ ସ୍କୁଲ୍ କି କଲେଜ ଯାଏ ନାହିଁ କି ଗୁକରୀ କାମଧନ୍ଦା ଖୋଜେ ନାହିଁ । ତାର ଆବଶ୍ୟକତା ମଧ୍ୟ ନଥାଏ । କାହିଁକି ନା ସେ ଯେ ମଣିଷ ସେ କଥା ସେ ଜାଣି ନ ଥାଏ । ଏହାର ଅର୍ଥ ହେଲା ଯେ ଶିକ୍ଷା ପରିବାର ଓ ପରିବେଶରୁ ହିଁ ଆରମ୍ଭ ହୋଇଥାଏ । ଏ ସଂସାରରେ ଯେତେ ପିଲା ମଣିଷର ଏହି ସମାଜରେ ଜନ୍ମ ହୋଇଛନ୍ତି ସେମାନେ ସମସ୍ତେ ବୁଝିବାକୁ ଗଲେ ଶିକ୍ଷିତ ଓ ସେମାନଙ୍କୁ ସେମାନଙ୍କର ପରିବାର ଓ ପରିବେଶ ପ୍ରଥମେ ଶିକ୍ଷିତ କରାଏ ।

ରାତିରେ ଶୋଇବା, ସକାଳୁ ଉଠି ନିତ୍ୟକର୍ମ ସାରିବା, ଘର ଦ୍ୱାର ସଫା ସୁତୁରା ରଖିବା, ସମସ୍ତଙ୍କୁ ଯଥାମାନ୍ୟ ପ୍ରଦାନ କରିବା ଆଦି ସେ ସବୁ ସେହି ପରିବାର ଓ ପରିବେଶରୁ ଶିଖିଯାଏ । ତେବେ ସଭ୍ୟତା, ସଂସ୍କୃତି ପ୍ରଗତି ଆଦିର ବିଦ୍ୟା ସେ ଅଧ୍ୟୟନ କରିପାରି ନ ଥାଏ । ସେ ସବୁ ଶିକ୍ଷା ପାଇଁ ସେ ସ୍କୁଲ୍ କଲେଜ ଆଦି ଯାଏ । ସେଠାରେ ସେ ଲେଖିବା ଶିଖେ ଭାଷାର, କହିବା ଶିଖେ ଭାଷାର, ବୁଝିବା ଶିଖେ ଭାଷାର ଆଉ ତାପରେ ସେ ନିଜକୁ ଶିକ୍ଷିତ ବୋଲି କହେ । ସେ ଓଡିଆ ପଢେ, ଇଂରାଜୀ ପଢେ, ହିନ୍ଦୀ ପଢେ, ବୁଝେ ଓ ଲେଖେ । ସେ ବିଜ୍ଞାନ, ଭୂଗୋଳ, ସାହିତ୍ୟ, ଗଣିତ, ଚିତ୍ର, ଆଦି କେତେ ପାଠ ପଢେ । ସେ ଧିରେ ଧିରେ ଅନ୍ୟ ଭାଷାକୁ ଶିଖେ । ଅର୍ଥାତ୍ ଏମିତି ବିଭିନ୍ନ ପ୍ରକାରର ଶିକ୍ଷା ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଆମେ ଶିକ୍ଷିତ କହିବା ।

ତେବେ ମଣିଷ ଯେଉଁ ପରିବାର ଓ ପରିବେଶର ସୁରକ୍ଷିତ ବଳୟ ଭିତରେ ଜୀବନର ପ୍ରଥମ ଶିକ୍ଷା ଗ୍ରହଣ କରି ନିଜକୁ ଶିକ୍ଷିତ କରିଥିଲା ସେ ଶିକ୍ଷା ବା ଶିକ୍ଷିତ ହେବାର ପଣ ତାର ପରବର୍ତୀ ସମୟରେ ପରିପକ୍ୱ ଓ ପରିପୁଷ୍ଟ ହେବାର କୁହାଯାଏ । ସାହିତ୍ୟ ବା ଭାଷାର ଅଧ୍ୟୟନ କରୁ କରୁ ପିଲାଟିଏ ଯେତେବେଳେ ମଣିଷ ହୁଏ ସେ ବେଳେ ବେଳେ ଜଣେ ଭଲ ଲେଖକ, କବି, ନାଟ୍ୟକାର, ସମାଲୋଚକ, ପ୍ରାବନ୍ଧିକ, ସଂଗୀତକାର ଆଦି ହୋଇଯାଏ । ସେମିତି ବିଜ୍ଞାନ ପଢୁ ପଢୁ ପିଲାଟି ନିଜକୁ ଜଣେ ବହୁତ ବଡ ବୈଜ୍ଞାନିକ ଭାବରେ ଗଢି

ପକାଏ । ଚନ୍ଦ୍ର ଆଙ୍କୁ ଆଙ୍କୁ କଏ ଏମିତି ଚନ୍ଦ୍ର ଆଙ୍କି ପକାଏ ଯେ ତାକୁ ଜଣେ ବିଶିଷ୍ଟ ଚନ୍ଦ୍ରକରର ଉପାଧୀ ମିଳଯାଏ । ଏମିତି ଭାବରେ ପ୍ରତ୍ୟେକ ମଣିଷ ଆଜିର ପୃଥିବୀରେ ଶିକ୍ଷିତ ହେବାର ଦୌଡରେ ସାମିଲ୍ ହୋଇଛନ୍ତି ।


ଏବେ ଏହି ଶିକ୍ଷା ଓ ଶିକ୍ଷିତ ହେବା ସଂଦର୍ଭକୁ ଆମେ ଆଉ ଟିକଏ ସହଜ ଓ ସରଳ ଅର୍ଥରେ ବିବେଚନା କରି ବୁଝିବା ଯେ କଣ ଆଜିର ଦୁନଆଁରେ ବିଦ୍ୟାବନ୍ତ ଗୁଣବନ୍ତ ମଣିଷ ବୋଲାଉଥିବା ମଣିଷ ପ୍ରକୃତରେ ଶିକ୍ଷିତ ? ଧରାଯାଉ ପିଲାଟିକୁ ଶିକ୍ଷା ଦିଆଗଲା ଯେ ସେ ସତ କହିବ ଓ ସତ କହି ପଛେ ମଲେ ମରିବ, ତାକୁ ଶିକ୍ଷା ମିଳଲା ଯେ ମଧୁର ବିନୟ ବଚନ କହି ତୋଷିବ ଜନମନ, ପରୋପକାରାୟ ସ୍ୱର୍ଗାୟ, ସର୍ବେଭବନ୍ତୁ ସୁଖୀନ, ଅତିଥୀ ଦେବୋ ଭବ ଇତ୍ୟାଦି କେତେ ଶିକ୍ଷା ! ତେବେ କହି ହେବ କ ଏ ପୃଥିବୀରେ ଏମିତି କେହି ବ୍ୟକ୍ତି ଅଛନ୍ତି ଯିଏ କେବଳ ସତ୍ୟ କହିଛନ୍ତି ? ଏମିତି କେହି ବ୍ୟକ୍ତି ଅଛନ୍ତି ଯିଏ କେବଳ ବିନୟ ମଧୁର ବଚନ କହିଛନ୍ତି ? ଏମିତି କେହି ବ୍ୟକ୍ତି ଅଛନ୍ତି ଯିଏ ସମଗ୍ର ଜୀବନ କେବଳ ପରୋପକାର କରିଛନ୍ତି? ଏମିତି କେହି ବ୍ୟକ୍ତି ଅଛନ୍ତି ଯିଏ କେବଳ ଅନ୍ୟର ସୁଖ ଗୁହିଁଛି ? ଏମିତି କେହି ବ୍ୟକ୍ତି ଅଛନ୍ତି ଯିଏ ଅତିଥୀଙ୍କୁ ଦେବତା ଭଳ ସମ୍ମାନ ଦେଇଛି ? ଏହା କେବଳ କେତେକ ସାଧାରଣ ଶିକ୍ଷା ବୋଲି ଧରି ନଆ ଯାଇପାରେ । ଏହା ଛଡା ଯେଉଁ ପିତା ମୁଣ୍ଡର ଝାଳ ତୁଣ୍ଡରେ ମାରି ପୁଅ କମ୍ବା ଝିଅକୁ ଭଲରେ ରଖିବାର ସର୍ବଦା ପ୍ରୟାସ କରିଛି, ଭଲ ସ୍କୁଲ କଲେଜ ଆଦି ପଠାଇଛି, ଭଲ ଗୁକରୀ କରିବାର ଯୋଗ୍ୟତା ଦେଇଛି ସେ ପିତା କଣ ତାର ଶିକ୍ଷିତ ସନ୍ତାନଠାରୁ ସମୁଚତ ସମ୍ମାନ ଓ ଶ୍ରଦ୍ଧା ପାଉଛି ? ଯେଉଁ ମାଆ ଦଶମାସ ଦଶଦିନ ଗର୍ଭରେ ଧରି ପୁଣି ଗର୍ଭ ଯନ୍ତ୍ରଣା ସହି ସନ୍ତାନକୁ ଭୂମିଷ୍ଠ କରାଏ, ତାର ଗୁହ ମୁତ ସଫା କରେ, ଛାତିରୁ କ୍ଷୀର ବାହାର କରି ପିଆଏ, ରାତି ଦିନ ନ ଖାଇ ନ ପିଇ ସନ୍ତାନର ସେବା ଯତ୍ନ, ସୁଖରେ ଲାଗିଥାଏ, ସେ ମାଆକୁ କଣ ତାର ସନ୍ତାନଠାରୁ ଉଚତ୍ ଶିକ୍ଷାର ଗୁଣ ମିଳୁଛି ?

ଏମିତି କ ଯେଉଁ ଦେଶ ଯେଉଁ ମାଟି ଜଣେ ଶିଶୁକୁ ସବୁ କଛି ଦେଇ ବଡ କରିଛି ସେ ଶିଶୁ ବଡ ହୋଇ ସେହି ଦେଶ ସେହି ମାଟିକୁ ଲହୁଲୁହାଣ କରିଛି । ଏହା କଣ ଶିକ୍ଷା ନା ସେ ବ୍ୟକ୍ତିକୁ ଆମେ ଶିକ୍ଷିତ କହିବା ? ଆଜିର ପୃଥିବୀକୁ ଆମେ ବହୁତ ପ୍ରଗତିର ପୃଥିବୀ କହୁଛୁ। ମଣିଷ ଗ୍ରହ ଉପଗ୍ରହ ଯାତ୍ରା କଲାଣି, ବିଜ୍ଞାନର ପ୍ରୟୋଗଶାଳାରେ ବସି ଅନେକ ବିଧ୍ୱଂସକାରୀ ଅସ୍ତ୍ର ଶସ୍ତ୍ର ବାହାର କଲାଣି, କେତେ ରୋଗ ବ୍ୟାଧୀର ନିରାକରଣ କଲାଣି, ଟେଷ୍ଟଟ୍ୟୁବ୍‌ରେ ମଣିଷ

ଓ ପଶୁ ପକ୍ଷୀର ଜୀବନ ଭରିଲାଣି । ତେବେ ଆମେ କଣ ଏ ପୃଥିବୀକୁ ଶିକ୍ଷିତ ମଣିଷ କହିବା ନାହିଁ ? କଣ ମଣିଷ ସଠିକ୍ ଶିକ୍ଷା ପାଉଛି ବୋଲି ଗର୍ବ କରିବା ନାହିଁ ? ଏହାର ଉତର ମଧ୍ୟ ଆମକୁ ବିଶେଷ ଆଶ୍ୱସ୍ତ କରି ପାରୁନାହିଁ । କାରଣ କଣ ? ବିଜ୍ଞାନୀ ମଣିଷଙ୍କୁ ଶିକ୍ଷିତ କହିଲେ କ୍ଷତି କଣ ? କ୍ଷତି ହେଉଛି ଯେ ମଣିଷ ବିଜ୍ଞାନକୁ ସମାଜର ନିର୍ମାଣ ପାଇଁ ଗଢିଥାଏ ଆଉ ଯଦି ସେହି ବିଜ୍ଞାନ ଏ ସମାଜର ଧ୍ୱଂସ କରେ ତେବେ କଣ କହିବା ? ବସୁଧୈବ କୁଟୁମ୍ବକମ୍ ର ବିଦ୍ୟା ହାସଲ କରିଥିବା ବିଶ୍ୱର ଶିକ୍ଷିତ ବୋଲାଉଥିବା ମଣିଷ ଯଦି କ୍ରୁରତାର ପରିଚୟ ଦେଇ ନିର୍ଦ୍ଦୋଷ ନିରପରାଧ ମଣିଷର ବଳି ଚଢାଉଥାଏ, ତା ଉପରେ ଅତ୍ୟାଚାର କରୁଥାଏ ତେବେ କଣ ତାକୁ ଶିକ୍ଷିତ କହିବା ? ଦେଶ ଓ ଜାତିର ସୁଖ ସଂପନ୍ନତା ପାଇଁ ଜୀବନ ଉତ୍ସର୍ଗ କରିବାର ଶପଥ ନେଉଥିବା ନେତା ବା ଜନସେବକ ବୋଲାଉଥିବା ଶିକ୍ଷିତ ବ୍ୟକ୍ତି ଯେତେବେଳେ ଜଣେ ଜଣେ ଚୋର ଓ ଖଂଟ ଭଳ ଭେକରେ ଧରାପଡନ୍ତି ସେତେବେଳେ କଣ କୁହାଯାଇ ପାରିବ ? ମନ୍ଦିରର ପଣ୍ଡା ବା ପୂଜକ, ଗୀର୍ଜାଘରର ପାଦ୍ରୀ, ମସଜିଦ୍ ର ମୌଲବୀ, ଗୁରୁଦ୍ୱାରର ଗ୍ରନ୍ଥି ଯଦି ଇଶ୍ୱର ଅଥବା ଦେବାଦେବୀଙ୍କ ନାମରେ ଲୋକଙ୍କୁ ଠକୁ ଥାଆନ୍ତି ତେବେ ସେ ଧର୍ମ ଶିକ୍ଷାରେ ଶିକ୍ଷିତ ବ୍ୟକ୍ତିଙ୍କୁ କଣ କହିବା ? ଏମିତି ଲେଖି ବସିଲେ ଶିକ୍ଷା ଓ ଶିକ୍ଷିତ ପ୍ରସଙ୍ଗର କଳେବର ବହୁତ ବଢି ଯାଇପାରେ ଏଣୁ ଏଇଠି ଏହାକୁ ସିମୀତ କରି ନିଜକୁ ପଚାରିବା ଯେ କଣ ଆମେ ଆଜି ଶିକ୍ଷିତ ? ଆମେ ଜୀବନରେ ଯେଉଁ ଶିକ୍ଷା ଗ୍ରହଣ କରିଛୁ ତାର କଣ ଯଥାର୍ଥ ଅନୁସରଣ ଓ ଅନୁଗମନ କରିଛୁ ? ଯଦି କରିନାହୁଁ ତେବେ କେମିତି ଆମେ କହିବା ଯେ ଆମେ ଶିକ୍ଷିତ ?

ସମୟ ଆସି ଦାଣ୍ଡ କବାଟରେ ଶକ୍ତ ଆଘାତ ଦେଇ କହିଲାଣି ହେ ଏ ପୃଥିବୀର ଭାଗ୍ୟବାନ ମଣିଷ ! ଶିକ୍ଷାକୁ ବୁଝ, ପଢ , ଲେଖ, ହୃଦୟଙ୍ଗମ କର ଓ ନିଜକୁ ଶିକ୍ଷିତ କରାଅ । ତୁମେ ଶିକ୍ଷିତ ହେଲା ଏ ବିଶ୍ୱ ଶିକ୍ଷିତ ହେବ ଏବଂ ଶିକ୍ଷିତ ବିଶ୍ୱ ନିଶ୍ଚୟ ଶାନ୍ତି ଓ ସମୃଦ୍ଧିର ହେବ ।

ସୌଭାଗିନୀ, ରଟିଲୋ, ରେଂଚ, ପୁରୀ



# ମୁଁ ଓଡିଆ ମୋ ରାଇଜ ଓଡିଶା



ସନାତନ ମହାକୁଡ

ଉଡ୍ର କଳଙ୍ଗ ଉତ୍କଳ ଓଡିଶା
ଏଇ ରାଇଜେ ମୋ ଅଟଇ ବସା ।
ତିରିଶି ଜିଲ୍ଲାର ଓଡିଶା ରାଜ୍ୟ
ଜଗତର ନାଥ ପରମ ପୂଜ୍ୟ ।
ବଣ ନାଳ ନଈ ଖଣି ଖାଦାନ
ଦିଏ ଶିଳ୍ପକୁ ବହୁ ଉପାଦାନ ।
ଭାଷା ଓଡିଆ ମୋ ରାଜ୍ୟ ଓଡିଶା
କୃଷି କାମ ଅଟେ ମୂଳ ବେଉଷା ।
ଭାଷ୍ୟ ଧର୍ମ ସଂସ୍କୃତି ପରମ୍ପରା
ଖେଳ ରାଜନୀତି ସବୁ ନିଆରା ।
ସ୍ୱାଧୀନ ସଂଗ୍ରାମ ଐତିହ୍ୟ ଆଦି
ଇଂରେଜ ପାରିନି ତା ଗୁଢ ଭେଦି ।
ମନ୍ଦିର ମାଳିନୀ ଭୁବନେଶ୍ୱର
ଦେବା ଦେବୀଙ୍କର ସରଗପୁର ।
ବାରମାସେ ହୁଏ ତେର ପରବ
ଓଡିଆ ଜାତିର ଅତି ଗରବ ।
ବୈଶାଖ ମାସରେ ଯାତ ଚନ୍ଦନ
ଜ୍ୟେଷ୍ଠ ପୁନିଆଁରେ ଦେବ ସିନାନ ।
ଆଷାଢ ମାସର ରଥ ଯାତରା
ଶ୍ରାବଣ ଆଣଇ ବରଷା ଧାରା ।
ଚିତଉ ଝୁଲଣ ଗହ୍ମା ପରବ
ସାତପୁରୀ ଅଷ୍ଟି ପାଳେ ଭାଦ୍ରବ ।

ଆଶ୍ୱିନ ମାସର ଜହ୍ନି ଓଷାରେ
କୁଆଁରୀ ପୂଜନ୍ତି ଅତି ଖୁସିରେ ।
ପଞ୍ଚୁକ ବରତ କାର୍ତ୍ତିକ ମାସ
ପବିତର ମାସେ ଚଳେ ହବିଷ ।
ଲକ୍ଷ୍ମୀଦେବୀ ମାସ ମାର୍ଗଶୀରରେ
ମାଣବସା ହୁଏ ଗୁରୁବାରରେ ।
ପଉଷ ମାସର ପହିଲି ଭୋଗ
ଭକତର ମନ ବଡ ସରାଗ ।
ଆସେ ବାଘ ପରି ମାଘର ଶୀତ
ପିଲାଏ ଗାଆନ୍ତି ପଞ୍ଚମୀ ଗୀତ ।
ଜାଗର ଆନନ୍ଦ ଶିବ ରାତିରେ
ଫଗୁଣ ବସନ୍ତ ହୋଲି ଖେଳରେ ।
ଚଇତ ମାସର ଦଣ୍ଡ ଯାତରା
ପରବଟି ଅଟେ ସୁମନୋହରା ।
ହିନ୍ଦୁ ମିସଲିମ୍ ବୁଦ୍ଧ ଜଇନ
ସରବ ଧରମ ଅଟେ ସମାନ।
ମୁଁ ଓଡିଆ ମୋ ରାଇଜ ଓଡିଶା
ଜଗତର ନାଥ ସାହା ଭରଷା ।

ବେରୁଆଁବାରୀ, ନୟାଗଡ, ଓଡିଶା

# ଓଡିଶା

ବରୁଣ କୁମାର ଦାସ

ଆମ୍ଭର ସଂଳାପ

ହୃଦୟର ବର୍ଣ୍ଣମାଳା

ବଂଧା ପୁଣି ସଂପର୍କର ଡୋରୀ

ତମାମ ଜୀବନ ।

ଦୂରେଇ ଗଲେବି

ଯୋଜନ ଯୋଜନ

ପାଖକୁ ଲାଗି ରହିଥାଏ

ଦିନୁ ଦିନ ।


ତେଣୁ ତ ମନ ଭିତରେ ଧରି

ଘୁରି ବୁଲୁଥାଏ

ଜନ୍ମମାଟିକୁ,

ମହାପ୍ରସାଦ କରି

ସବୁଠି ସବୁକ୍ଷଣ ।



ପାଳୁସିଆ, ଦେହୁର୍ଦ୍ଦା, ବାଲେଶ୍ୱର

ବେଦାନ୍ତୀର ହ୍ୱାସଟଆପ୍ ( **Whatsapp**) ନମ୍ବର ହେଲା-

**9594993733**

ଆପଣମାନେ ଏଥିରେ ଆମକୁ ସମ୍ପର୍କ କରିବା ସହ ନିଜ ନିଜର ମତାମତ ଆଉ ଲେଖା ମଧ୍ୟ ପଠାଇପାରିବେ ।

# ବସୁନ୍ଧର୍ା ଘଡି – ଏକ ମାନବିକ ଦୃଷ୍ଟିକୋଣ



ଅନୁସୂୟା ମିଶ୍ର

ଜଳ ହିଁ ଜିବନୀଶକ୍ତିର ମୂଳ ଆଧାର। ତୃଷାର୍ତ୍ତ ନମନ୍ତେ ଏହା ସୃଷ୍ଟିର ସବୁଠାରୁ ମୂଲ୍ୟବାନ ସଂପଦ। ବିନ୍ଦୁମାତ୍ର ଜଳ ଶରୀର ମଧ ଦେଇ ଯେତେବେଳେ ତୃଷିତ ପ୍ରାଣକୁ ସ୍ପର୍ଶ କରେ, ସେତେବେଳେ ତା ର ପରିତୃପ୍ତି ଆତ୍ମାର ଅନ୍ତଃସ୍ଥଳରୁ ଅନାବିଳ ଏକ ମଙ୍ଗଳକାରୀ ଭାବନାର ସ୍ଫୁରଣ ହୁଏ। ଏହି ଭାବ ପ୍ରତିଫଳତ ହୁଏ ଜଳଦାତାର କୋମଳ ମାନସିକତାରେ ଏବଂ ଅଦୃଶ୍ୟ ଏକ ମାନବିକତାର ବନ୍ଧନରେ ବାନ୍ଧି ହୋଇଯାଆନ୍ତି ଦୁଇପକ୍ଷ। ଆର୍ତ୍ତିର ଅପନୋଦନରେ ଆର୍ତ୍ତପ୍ରାଣରେ ଯେଉଁ ଶୁଭଚନ୍ତାର ଉଦ୍ରେକ ହୁଏ, ତାହା ହିଂସା ଦ୍ୱେଷାଦି କୁପ୍ରବୃତ୍ତିର ମୂଳୋତ୍ପାଟନ କରି ସମଗ୍ର ବସୁଧାକୁ ଏକ ଅନାବିଳ ସଂପର୍କର ସୂତ୍ରରେ ଗୁନ୍ଥି ରଖିବାର ସାମର୍ଥ୍ୟ ରଖିଥାଏ। "ବସୁଧୈବ କୁଟୁମ୍ବକମ୍" – ଏହି ସମ୍ବେଦନଶୀଳ ମାନସିକତାର ପ୍ରତୀକ ହେଉଛି ଓଡିଶାର ବହୁପ୍ରଚଳତ ପୁର୍ାତନ ଏକ ପରଂପର୍ା, ବସୁନ୍ଧର୍ା ଘଡି।

ସୂର୍ଯ୍ୟଙ୍କର ସଂକ୍ରମଣ ଗତି ଅନୁଯାୟୀ ମେଷ ମାସର ପ୍ରଥମ ଦିନଟିକୁ ଓଡିଆ ପଞ୍ଜିକାରେ ବର୍ଷର ପ୍ରଥମ ଦିନ ବା ନୂଆ ବର୍ଷ ହିସାବରେ ପାଳନ କର୍ାଯାଏ। ଏହି ଦିନଠାରୁ ଗ୍ରୀଷ୍ମଋତୁ ତଥା ବୈଶାଖ ମାସର ଆରମ୍ଭ ହୋଇଥାଏ। ଏହାକୁ ପଣା ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି ବୋଲି କୁହାଯାଏ। ସୂର୍ଯ୍ୟ ଏହି ଦିନଟିରେ ବିଷୁବକ୍ରାନ୍ତି ଉପରେ ଅବସ୍ଥାନ କରୁଥିବାରୁ ପୃଥିବୀର ନକଟତମ ହୋଇଥାଆନ୍ତି ଓ ସୂର୍ଯ୍ୟକରଣରେ ପ୍ରଖରତା ଅନୁଭୂତ ହୁଏ। ଫଳତଃ ଆମ ଶରୀରରେ ଜଳୀୟ ଅଂଶର ଅଭାବ ଦେଖାଯାଏ। ଏହି ଅଭାବକୁ ପୁରଣ କରିବା ପାଇଁ ପ୍ରଚୁର ପରିମାଣରେ ପାନୀୟ ଗ୍ରହଣ କରିବା ଆବଶ୍ୟକ ହୁଏ। ତେଣୁ ଏହିଦିନ ଦେବଦେବୀଙ୍କ ମନ୍ଦିରରେ ବିଭିନ୍ନ ପ୍ରକାର ପଣା ଭୋଗ ଦିଆଯାଇଥାଏ। ବାୟୁମଣ୍ଡଳର ତାପମାତ୍ରା ଅଧିକ ଥିଲେ ମଧ ପଣା ପିଇବା ଦ୍ୱାର୍ା ଶରୀରର ତାପମାତ୍ରା ସାମ୍ୟ ଅବସ୍ଥାରେ ରହିଥାଏ। ସେହିପରି, ତୃଷାର୍ତ୍ତ ବୃକ୍ଷଜଗତର ଜଳୀୟଅଂଶର ଅଭାବକୁ ପୁରଣ କରିବା ପାଇଁ ଏହି ସମୟରେ ବୃକ୍ଷମୂଳରେ ପ୍ରଚୁର ପରିମାଣରେ ଜଳପ୍ରଦାନର ଆବଶ୍ୟକତା ପଡେ। ଏହି

କାର୍ଯ୍ୟଟିକୁ ଦୈନନ୍ଦିନ କର୍ମସ୍ରୋତରେ ସାମିଲ୍ କରିବା ଉଦ୍ଦେଶ୍ୟରେ ଓଡିଆ ସଂସ୍କୃତି ରେ ଏକ ପାରମ୍ପରିକ ପ୍ରଥାର ପ୍ରଚଳନ ଦେଖିବାକୁ ମିଳେ । ପଣାସଂକ୍ରାନ୍ତି ଦିନ ଓଡିଶାର ଘରେ ଘରେ ଚଉରାରେ ପୂଜା ପାଉଥିବା ତୁଳସୀ ଗଛ ଉପରେ ନଡିଆ ବାହୁଙ୍ଗାରେ ଏକ ଛାମୁଡିଆ କରି ଜଳପୂର୍ଣ୍ଣ ଏକ ଛୋଟ ମାଠିଆ ବା ଘଡିକୁ ସେଥିରେ ଝୁଲାଇ ଦିଆଯାଏ । ଏହି ଘଡିଟି ବସୁନ୍ଧରା ଘଡି ନାମରେ ପରିଚତ । ଘଡିର ନିମ୍ନଭାଗରେ ଥିବା ଛୋଟ କଣାଟିରେ ଗୋଟିଏ ସରୁ କୁଟା ବା ନଡା ଏପରି ଭାବରେ ଖଞ୍ଜା ଯାଇଥାଏ ଯେପରି ସେହି କୁଟା ବାଟଦେଇ ଦିନସାରା ବିନ୍ଦୁ ବିନ୍ଦୁ ହୋଇ ପାଣି ତୁଳସୀଗଛ ଉପରେ ପଡିପାରିବ । ଫଳରେ ପ୍ରଚଣ୍ଡ ସୂର୍ଯ୍ୟକିରଣରେ ମଧ ଛୋଟିଆ ଗଛଟି ସତେଜ ତଥା ସବୁଜ ହୋଇ ରହିବ । ପ୍ରତ୍ୟେହ ନିତ୍ୟକର୍ମ ସାରି ତୁଳସୀ ଚଉରାରେ ପ୍ରଣାମ କରିବା ସମୟରେ ସ୍ତ୍ରୀ ଲୋକମାନେ ଏହି ଘଡିଟିରେ ଜଳପୂର୍ଣ୍ଣ କରିବାର ବିଧି ରହିଛି । କେଉଁ କାଳରୁ ଚଳି ଆସୁଥିବା ଏହି ପରମ୍ପରାଟି ଉଦ୍ଭିଦଜଗତ ପ୍ରତି ଆମ ମନରେ ଥିବା ସମ୍ବେଦନଶୀଳତାର ପରିଚୟ ଦେଇଥାଏ ।

ପାରମ୍ପରିକ ଏହି ବ୍ୟବସ୍ଥାଟିର ବିଜ୍ଞାନସମ୍ମତ କାରଣ ଖୋଜି ବସିଲେ ତୁଳସୀଗଛର ଉପାଦେୟତା ପ୍ରସଙ୍ଗ ହିଁ ପ୍ରଥମେ ବିଚାରକୁ ଆସେ । ତୁଳସୀପତ୍ର ଯେ କେବଳ ପୂଜାପୂଜିରେ ବ୍ୟବହୃତ ହୁଏ, ତାହା ନୁହେଁ । ଏହାର ଔଷଧୀୟଗୁଣ ସର୍ବଜନବିଦିତ । ବାତାବରଣରେ ପବିତ୍ରତା ରକ୍ଷା କରିବା ସଙ୍ଗେ ସଙ୍ଗେ ଏହା ପରିବେଶକୁ ବିଶୁଦ୍ଧ କରିଥାଏ । ରୋଗ ସଂକ୍ରମଣକାରୀ ଜୀବାଣୁସବୁକୁ ବାଧା ଦେବା ସହିତ ସମସ୍ତ ପ୍ରକାର ନକାରାତ୍ମକ ଶକ୍ତିର ପ୍ରଭାବରୁ ଏହା ଘରକୁ ରକ୍ଷା କରେ ବୋଲି ବିଶ୍ବାସ ମଧ କରାଯାଏ । ଘରଅଗଣାରେ ତୁଳସୀଗଛର ଆବଶ୍ୟକତା ବିଷୟରେ ଆମ ପୂର୍ବଜମାନେ ବେଶ୍ ସଚେତନ ଥିଲେ । ତେଣୁ ବସୁନ୍ଧରା ଘଡିର ମୁଖ୍ୟ ଉଦ୍ଦେଶ୍ୟ ହିସାବରେ ପ୍ରଚଣ୍ଡ ଗ୍ରୀଷ୍ମଦାଉରୁ ତୁଳସୀଗଛଟିକୁ ବଞ୍ଚାଇ ରଖିବାକୁ ଗ୍ରହଣ କରାଯାଇପାରେ । ଘଡିର ନିମ୍ନଭାଗରେ ଥିବା କୁଟାରୁ ବିନ୍ଦୁ ବିନ୍ଦୁ ହୋଇ ପାଣି ପଡିବା ଫଳରେ ତୁଳସୀଗଛଟିର ମୂଳରେ ଆର୍ଦ୍ରତା ବଜାୟ ରହିବା ସହିତ ପତ୍ରଗୁଡିକ ମଧ ପାଣିଛିଟା ପାଇ ସବୁ ସମୟରେ ସତେଜ ରହିଥାଏ । ଏହି ଜଳବିନ୍ଦୁକୁ ବର୍ଷାର ପ୍ରତୀକ ହିସାବରେ ଗ୍ରହଣ କରାଯାଇପାରେ । ଜଳଦାନ କରି ଉଦ୍ଭିଦ ଜଗତକୁ ବଞ୍ଚାଇ ରଖିଲେ ସମୟାନ୍ତରରେ ଏହା ଆବଶ୍ୟକ ପରିମାଣର ବର୍ଷା କରାଇବାରେ ସାହାଯ୍ୟ କରିଥାଏ । ଫଳରେ ପରିବେଶର ଭାରସାମ୍ୟ ରକ୍ଷା ହୋଇଥାଏ । ତେଣୁ ବୃକ୍ଷଜଗତର ସଂରକ୍ଷଣ ମାଧମରେ ଏହି ପ୍ରଥା ପରିବେଶ ପ୍ରତି ଆମର ସଚେତନାକୁ ସୂଚାଇଥାଏ ।

"ତୃଷାର୍ତ୍ତକୁ ଜଳଦାନ"- ମାନବିକ ଦୃଷ୍ଟିକୋଣରୁ ବିଗ୍ଭର କଲେ ଏହି ମହାନ ଚନ୍ତାଧାଗ୍ର ଅନୁଶୀଳନ ହିଁ ବସୁନ୍ଧରା ଘଡିର ପୃଷ୍ଠଭୂମି। ଗଛଟିଏ ହେଉ ଅବା ଜୀବଜନ୍ତୁ, ତୃଷାର୍ତ୍ତ ପ୍ରାଣୀଟିଏ ଜଳଦାତା ମଧ୍ୟରେ ଭଗବାନଙ୍କୁ ପ୍ରତ୍ୟକ୍ଷ କରିଥାଏ। କାରଣ ସେହି ମୁହୂର୍ତ୍ତଟି ପାଇଁ ତାର ମୁମୂର୍ଷୁ ପ୍ରାଣରେ ସିଏ ଜୀବନର ସଂଗ୍ଭର କରିଥାଏ। ପ୍ରତିବଦଳରେ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ଅପରପକ୍ଷ ପ୍ରତି ତା ମନ ଅଶେଷ ଶୁଭଚନ୍ତାରେ ଭରି ଉଠିଥାଏ। ପ୍ରଚଣ୍ଡ ଗ୍ରୀଷ୍ମ ସଙ୍ଗେ ଯୁଦ୍ଧ କରି କରି ଝାଉଁଳି ପଡିଥିବା ଗଛମୂଳରେ ଜଳଦାନ କରିବା ଦ୍ୱାଗ୍ ତା ପ୍ରାଣରେ ଯେଉଁ ଶାନ୍ତି ଓ ପରିତୃପ୍ତି ଆସେ ସେ ଫୁଲଫଳ ଆଦି ଦେଇ ଆମ ପ୍ରତି ନଜର କୃତଜ୍ଞତା ଜଣାଇଥାଏ। ପୁଣି ଯେବେ କେବେ ଗ୍ରୀଷ୍ମକାଳୀନ କ୍ଲାନ୍ତ ପଗ୍ହ୍ନରେ ଆମେ ଗଛତଳେ ଦଣ୍ଡେ ବିଶ୍ରାମ ନେଉ ସେ ଏହି ଋଣକୁ କଡାରେ ଗଣ୍ଡାରେ ଶୁଝିବାକୁ ଭୁଲିଯାଏନାହିଁ। ସେହିପରି ତୃଷାର୍ତ୍ତ ମଣିଷ ହେଉ ବା ପଶୁ ସାମାନ୍ୟ ପରିମାଣର ଜଳ ବିନମୟରେ ସାଗ୍ଜୀବନ ପାଇଁ ଋଣୀ ରହିଯାଆନ୍ତି। ଅପରପକ୍ଷରେ ଅନ୍ୟର ଆତୁରତା ବା କଷ୍ଟକୁ ଅନୁଭବ କରି ଯିଏ ଜଳଦାନ କରିବାକୁ ଆଗ୍ରହୀ ହୁଏ ତା ମନରେ ସମ୍ବେଦନଶୀଳତା ସହ ନଃସ୍ୱାର୍ଥପରତା ମଧ୍ୟ ପରିଲକ୍ଷିତ ହୁଏ। କାରଣ ପ୍ରତିଦାନରେ କଛି ପାଇବାର ଆକାଂକ୍ଷା ତାର ନଥାଏ। ତେଣୁ ଏହି ସତକର୍ମକୁ ତୃଷାର୍ତ୍ତର ପରିତୃପ୍ତ ପ୍ରାଣଶକ୍ତିର ଆଢୁଆଳରେ ସ୍ୱୟଂ ଭଗବାନ ହିଁ ଗ୍ରହଣ କରିଥାଆନ୍ତି। ସେଥିନମନ୍ତେ ହିନ୍ଦୁ ସଂସ୍କୃତିରେ ତୃଷାର୍ତ୍ତକୁ ଜଳଦାନ କରିବା ଏକ ପରମ ପୁଣ୍ୟକାର୍ଯ୍ୟ ହିସାବରେ ଗ୍ରହଣ କରାଯାଏ।

ଶତାବ୍ଦୀ ନଗର, ୟୁନଟ୍- ୮, ଭୁବନେଶ୍ୱର



# ଏଇତ ଜୀବନ



ସଚ୍ଚିଦା ନନ୍ଦ ବାରିକ

ଦୁଃଖରେ ଥିଲେତ ଅବୁଝା ଆଖିରୁ
ଦୁଇ ଟୋପା ଲୁହ ଝରେ
ସୁଖରେ ଥିଲେତ ଗୋଲାପୀ ଓଠରୁ
ହସର ମୁକୁତା ଝରେ ।

ମନ ଯଦି ଥରେ ଭାଙ୍ଗିଯାଏ କେବେ
ଛାତିରେ ଭରଇ କୋହ
ହସିବାକୁ ଯେତେ ଚେଷ୍ଟା କଲେ ମଧ
ଶୁଖିଲା ଦିଶଇ ମୁହଁ ।

ହସ ହସ ଥିବା ଖୁସିରେ ମୁହୂର୍ତ୍ତ
ବେଳେ ବେଳେ ଧୋକା ଦିଏ
ଖୁସି ସମୟରେ ପହଞ୍ଚାଏ ଆଣି
ଦୁଃଖର ପାହାଡଟିଏ ।



ସୁଖ ଦୁଃଖ ଆଉ ହସ ଲୁହ ପର୍ବ
ଜୀବନର ଅନ୍ୟ ନାମ
ଆମରି ସାଥିରେ ସାଥେ ରହିବାଟା
ଅଟେ ପର୍ବ ତାଙ୍କ କାମ ।

ସମୟ ସାଥିରେ ତାଳ ଦେଇ ଆମେ
ଗ୍ଭଲିବା ଜୀବନ ଯାକ
ସୁଖରେ ହସିବା ଦୁଃଖରେ କାନ୍ଦିବା
ସାଥେ ଥିବ ସୁଖ ଦୁଃଖ ।

ବାପୁଜୀ ନଗର, ଭୁବନେଶ୍ୱର

# ସ୍ମୃତି ପଥର ଫଗୁଣ



କେ. କୃଷ୍ଣମୂର୍ତ୍ତି

ଅତୀତର ପୃଷ୍ଠାକୁ କରୁଥିଲି ଅବଲୋକନ
ସ୍ମୃତିର ଅଙ୍କା ବଙ୍କା ପଥ
କଛି ପୁଷ୍ପିତ
କଛି କଣ୍ଟକତ
ସେହି ପଥେ
କାହିଁ ବସନ୍ତ ସଂଧ୍ୟାର ସମ୍ଭାର
କାହିଁ ଆଷାଢ ର୍‌ତିର ଅନ୍ଧାର
ଯାଉ ଯାଉ ପହଁଚଲି ବିଜନ ତଟେ
ଦେଖିପାରିଲି ତୁମ ଛବି
ସମୟ ନଦୀର ଆରପଟେ
ଉତ୍ସବ ମଧର କଛି ରୋମାଞ୍ଚକ କ୍ଷଣ
ଆନ୍ଦୋଳତ ମନ କଲ୍‌ ଅତୀତ ରୋମନ୍ଥନ
ବିମୁଗ୍ଧ ସଂଧ୍ୟା, ଚପଳ ଫଗୁଣ
ଅମାନଆ ବୟସ ଖୋଜୁଥିଲ୍‌ ଏକ ମନ
ସଂଧ୍ୟା ଯବନକା ହେଲ୍‌ ପତନ
ଜ୍ୟୋସ୍ନା ପୁଲକତ ବିଦ୍ୟାଧରୀ ଆଗମନ
ସନ୍ତର୍ପଣେ କଲେ ତୁମେ ପଦାର୍ପଣ
କହିଲ, "ତୁମେ କ ମୋ ସେହି ମନ? "

ର୍‌ତିର କେତେଟି ଅମୂଲ୍ୟ ପ୍ରହରେ
ବୋଳଦେଲ ଅବିର ମୋ ସଫେଦ କାଗଜରେ
ଫଗୁଣ ସରିଗଲ୍‌
ଆଉ ଫଗୁଭର୍‌ ମୋ ମନ
ଜଳ ଉଠିଲ୍‌ ନେଇ
ନଦାଘର ହୁତାଶନ
ତଥାପି ଆଜି ବି ଖୋଜେ
ସେହି ବିଧୌତ ବେଳାରେ
ବିଲୀନ ତୁମ ପଦଚହ୍ନ
କନ୍ତୁ ଅତୀତ ଯେ ସପନ
ଆଉ ବର୍ତ୍ତମାନ? ? ?
ସମୟର କଠୋର ପଦାଘାତେ
ଧର୍‌ଶାୟୀ, ନଷ୍କେସିତ,
ରୁଦ୍ରତାପ ଜର୍ଜ୍ଜରିତ
ପୁଷ୍ପ କଳକାର
କୃଷ୍ଣ ଅବଶେଷ ଆଚ୍ଛାଦିତ
ବସନ୍ତ ଉପର୍‌ନ୍ତ
ଆଘ୍ରାଣହୀନ, ପରିତ୍ୟକ୍ତ ଓ
ଦଗଧୀଭୂତ ଉପବନ........

୩୧, କଲ୍ୟାଣପୁରୀ କଲୋନୀ, ସୈନକପୁରୀ, ସିକନ୍ଦ୍ରାବାଦ

# ଅଲିଭ ସ୍ମୃତି



ଆଶା ସାହୁ

ଓଃ କ ଯନ୍ତ୍ରଣା! ଅନ୍ତନଳ ସବୁକୁ ଯେମିତି କଏ ଟିକ୍ ଟିକ୍ କରି କାଟି ନେଉଛି । ପେଟ ଭିତରଟାକୁ କଏ ଖୋଳ ତାଡି ପକାଉଛି ଯେମିତି । କଛିଦିନ ହେଲା ନଦ ସହ ମୋର ଅହିନକୁଳ ସଂପର୍କ ହୋଇଯାଇଛି । ନଦ ଇଞ୍ଜେକସନ୍ ଉପରେ ସମ୍ପୂର୍ଣ୍ଣ ନର୍ଭରଶୀଳ । ଏକଡ ସେକଡ ହୋଇ ରାତି ଗୋଟେ ବାଜିଲାଣି । ବିଜନ, ବିନଦ୍ର ରାତ୍ରୀରେ ମୋର ଅନ୍ତରଙ୍ଗ ସହଚର ସମ୍ମୁଖ କାନ୍ଥରେ ସେ ଘଣ୍ଟାଟା ଧିମେଇ ଧିମେଇ ଚାଲିଛି ସତେ ଅବା ମୋର ଆସନ୍ନ ମୃତ୍ୟୁକୁ ଆଉ ଟିକଏ ଦୂରକୁ ଘୁଞ୍ଚେଇଦେବ ।

ଡାକ୍ତରଖାନାର ଓ୍ୱାର୍ଡ୍ ନମ୍ବର "ପନ୍ଦର"ର ନଛାଟିଆ ବାତାବରଣ । ସବୁଆଡେ କରାଳ ମୃତ୍ୟୁର ଲମ୍ବା ଲମ୍ବା ଛାଇ ତାଣ୍ଡବ ନୃତ୍ୟରତ । ଚାରିପଟେ ମୃତ୍ୟୁର ଆଇଁଷିଆ, ଔଷଧିଆ ଗନ୍ଧରେ ନାସାପୁଟ ରୁନ୍ଧିହୋଇ ଯାଉଛି । ଏକ ନରବ, ନବିଡ ନସ୍ତବ୍ଧତା ମୋର ଚାରିପାଖର ଦୃଶ୍ୟମାନ ପୃଥିବୀକୁ ଧିରେ ଧିରେ ମୃତ୍ୟୁ ଆଡକୁ ଟାଣି ନେଉଛି ।

ଏ ସୁନ୍ଦର ପୃଥିବୀ, ଏ ନୀଳ ତାରା ଭରା ଆକାଶ, ଏ ସୂର୍ଯ୍ୟ, ଚନ୍ଦ୍ର, ଗଛଲତା ସବୁ ରହିଯିବେ ମୋର ଦୃଷ୍ଟିର ଆଢୁଆଳରେ । ପକ୍ଷୀମାନଙ୍କର କାକଳି, ବର୍ଷାରାଣୀର ମତୁଆଲା ମେଘମହ୍ଲାର କଛି ଆଉ ଶୁଣାଯିବ ନାହିଁ । ମୋର ସ୍ୱାମୀ, ମୋର ପୁତ୍ରକନ୍ୟା ମୋର ଆତ୍ମୀୟ ସ୍ୱଜନ ସମସ୍ତେ ହୋଇଯିବେ ପର । ଏକାନ୍ତ ଭାବରେ ମୃତ୍ୟୁ ହିଁ ହେବ ମୋର ଚର ସହଚର । ଆଉ ଅଳ୍ପଦିନ ପରେ..... । ଅଜାଣତରେ ଆଖିରୁ ମୋର ଝରିପଡିଲା ଦୁଇଧାର ଲୁହ । ମନକୁ ସ୍ଥିର ଶାନ୍ତ ରଖିବାକୁ ଚେଷ୍ଟା କରି ଦୃଷ୍ଟି ପକାଇଲି ମୁଁ ଓ୍ୱାର୍ଡ୍ ର ଚାରିପଟେ ।

ସେପଟ କୋଣରେ ଅର୍ଦ୍ଧମୃତ ଅସରପାଟିଏ ଛଟ୍ ପଟ୍ ହେଉଛି । ପିମ୍ପୁଡିମାନେ ତାକୁ ଜିଅନ୍ତା ଟିକ୍ ଟିକ୍ କରି ଖାଇଯାଉଛନ୍ତି ସେ ଗୋଡ ହଲାଉଛି କନ୍ତୁ ଉଠି ଦଉଡି ପଳାଇବା ତାର ସାମର୍ଥ୍ୟର ବାହାରେ । ବେଳେବେଳେ ଗୋଡ ଟେକ ନଶ୍ଚଳ ହୋଇ ଆତ୍ମସମର୍ପଣ କରିଦେଉଛି ମୃତ୍ୟୁ ପାଖରେ ।

ଠିକ୍ ମୋରେ ଅବସ୍ଥା ହୋଇଛି ତାର । କର୍କଟ ରୋଗର କଣ୍ଟକତ ଗୋଡ ସବୁ ମୋର ଶରୀରଟାକୁ ଝିଞ୍ଜାରି ଚାଲିଛନ୍ତି ଆସ୍ତେ ଆସ୍ତେ । ମୁଁ ମଧ ନଜକୁ ମୃତ୍ୟୁ ନକଟରେ ସମର୍ପି ସାରିଲାଣି । କନ୍ତୁ କେମିତି ସହିବି ଏ ଭୟଙ୍କର ଯନ୍ତ୍ରଣା । ଏ ଯନ୍ତ୍ରଣାଠାରୁ ମୃତ୍ୟୁ ଶତଗୁଣେ

ଶ୍ରେୟସ୍କର । ତେବେ ମୃତ୍ୟୁ କେବେ? ମନେହୁଏ ଡାକ୍ତର ମାନେ ମଧ୍ୟ ଆଶା ଛାଡି ସାରିଲେଣି, ହୁଏତ ସମୟ ମଧ୍ୟ ନିରୂପଣ କରି ସାରିବେଣି । ମୋର ସ୍ୱାମୀ ବିନୟ ମଧ୍ୟ ଏ ବିଷୟରେ ଅବଗତ ଥିବେ । କିନ୍ତୁ ମୋତେ ଜଣାଉ ନାହାନ୍ତି ।

ପାଖ ସୋଫାରେ ବିନୟ ଦିନସାରା ଧାଁଧପଡ କରି କ୍ଲାନ୍ତ ହୋଇ ଘୁମେଇ ପଡିଛନ୍ତି । କି ସୁନ୍ଦର, କମନୀୟ ଦେଖାଯାଉଛି ତାଙ୍କର ସ୍ୱେଦଯୁକ୍ତ, ଶ୍ମଶ୍ରୁ ଆଚ୍ଛାଦିତ ମୁହଁ । ବ୍ୟସ୍ତତା ଯୋଗୁଁ ସେଭିଂ ମଧ୍ୟ କରିପାରୁ ନାହାନ୍ତି । ନିଦ୍ରାରେ ସୁଦ୍ଧା ଚେହେରାରେ ତାଙ୍କର ଚିନ୍ତା, ଅନୁଶୋଚନା ଓ ନୈରାଶ୍ୟର ଭାବ । ଆହା! କେତେ ଦୁଃଖ ପାଉଛନ୍ତି ସତରେ ସେ ମୋ ସକାଶେ ।

ମୋର ପୁଅ- ଝିଅ, ଭାଇଭଉଣୀ, ଯାଆ- ଦିଅର ସମସ୍ତେ ଶୋକାକୁଳ ମୋ ପାଇଁ । ରାତି ପାଞ୍ଚ ଛଅ ଘଣ୍ଟାକୁ ଛାଡିଦେଲେ ଦିନ ତମାମ ମୋ ଘରି ପାଖରେ ଲୋକଙ୍କ ଭୀଡ ଲାଗି ରହିଥାଏ । ବନ୍ଧୁ ବାନ୍ଧବ, ସାହିପଡିଶା ସର୍ବଦା ମୋତେ ଘେରି ରହିଥାଆନ୍ତି । କିନ୍ତୁ ମୋର ଆଖି ଓ ମନ ଆଉ ଜଣେ ଲୋକ ପାଇଁ ଆକୁଳ ବ୍ୟାକୁଳ ହେଉଥାଏ । ମୃତ୍ୟୁ ପୂର୍ବରୁ ସୌମ୍ୟ, ରମ୍ଯିର, ମମତପ୍ଳୁତ ସେଇ ଚେହେରାଟିକୁ ଅନ୍ତତଃ ଥରେ ଦର୍ଶନ କରିବା ପାଇଁ ମୋର ହୃଦୟ ଛଟପଟ ହେଉଥାଏ । ସେଇ ଚେହେରାଟି ହେଉଛି ମୋର ବଡ ଭାଇଙ୍କର ।

ମହାଦେବଙ୍କ ଭଳି ମୋର ବଡଭାଇ, ମୁଁ ଯେମିତି ମୃତ୍ୟୁ ଅପେକ୍ଷାରେ ଡାକ୍ତରଖାନାର ପନ୍ଦର ନମ୍ବର କୋଠରୀରେ ପଡି ରହିଛି, ସେ ମଧ୍ୟ ସେମିତି ପାରାଲାଇଜଡ୍ ହୋଇ ଘରେ ପଡି ରହିଛନ୍ତି । ସେ ବି ହୁଏତ ମୋତେ ଟିକେ ଦେଖିବା ପାଇଁ ବ୍ୟାକୁଳ ହେଉଥିବେ । ହଁ, ବଡଭାଉଜ ଆସିଥିଲେ । କେତେ କାନ୍ଦିଥିଲେ । ଅସ୍ପଷ୍ଟ ସ୍ୱରରେ ଗୁଣୁଗୁଣୁ ହୋଇ କହିଥିଲେ, "ହେ ଭଗବାନ! ପୁଣି ଥରେ ପନ୍ଦର ନମ୍ବର ଓ୍ୱାର୍ଡ୍!" ଓଃ ଅସହନୀୟ ସେ ବେଦନାସିକ୍ତ ସ୍ୱର!

ମୁଁ ମଧ୍ୟ ଭାବେ, ଇତିହାସର କଣ ସତରେ ପୁନରାବୃତ୍ତି ହୁଏ?

ଆଜିଠାରୁ ଦୀର୍ଘ ଚାଳିଶ ବର୍ଷ ପୂର୍ବର ଅତୀତକୁ ମୁଁ ଧିରେ ଧିରେ ଚାଲିଯାଉଛି ।

ଆଠ ଭାଇଭଉଣୀଙ୍କ ପରିବାର ଆମର । ବାପାଙ୍କର କଡା ଅନୁଶାସନ ଓ ମାଆର ଯଶୋଦାମୟ ସ୍ନେହ ଭିତରେ ଆମେ ବଢି ଉଠୁଥାଉ! ପୂର୍ବର ସାମାଜିକ ଚଳଣୀ ଅନୁସାରେ ବଡଭାଇଙ୍କର ବିବାହ ପରେ ମଧ୍ୟ ମାଆର ଆଉ ଦୁଇଟି ସନ୍ତାନ ହୁଅନ୍ତି । ତା ଭିତରୁ ମୁଁ ଜଣେ । ସେ କାଳରେ ଏହା ଯେ କେବଳ ଆମ ପରିବାରରେ ଘଟିଥିଲା ତା ନୁହେଁ । ବଡଭାଇ କଟକରେ ଚାକରୀ କରିଥିଲେ । ଦୁଇ ଭଉଣୀଙ୍କ ଭିତରେ ମୁଁ ସାନ ବୋଲି ମୋତେ ସମସ୍ତେ ଖୁବ୍ ଆଦର ସ୍ନେହ ଦେଉଥିଲେ । ତେବେ ମୁଁ ବଡଭାଇଙ୍କୁ ବେଶି ଭଲ ପାଇଲି ତା ସହ ଭାଉଜଙ୍କୁ ମଧ୍ୟ । ଭାଇ, ଭାଉଜଙ୍କର ମଧ୍ୟ ମୋ ପ୍ରତି ଟିକେ ବେଶି ମମତା ଥାଏ । କାରଣ

ମୋର ଜନ୍ମପରେ ମାଆର ସ୍ୱାସ୍ଥ୍ୟ ଭଲ ନ ରହିବାରୁ ଭାଉଜ ମୋତେ ମାଆର ସ୍ନେହ ଦେଇ ପାଳଥିଲେ, ଯେପର୍ଯ୍ୟନ୍ତ ଗାଁରେ ଥିଲେ । ମୋର ଜନ୍ମର ବର୍ଷେ ପରେ ବଡଭାଇଙ୍କର ଝିଅଟିଏ ହୁଏ । ତା ପରେ ଦୁଇଟି ପୁଅ । ଭାଉଜ ଗ୍ରେଟି ପିଲାଙ୍କର ଅଳ ଅର୍ଦ୍ଦଳ ବୁଝୁଥିଲେ । ଭାଇ ଯେତେବେଳେ ନିଜ ପରିବାରକୁ କଟକ ନେଲେ ମୋର ମନଅଛି ମୁଁ ମଧ୍ୟ ଯିବାପାଇଁ ବହୁତ ଜିଦି କରିଥିଲି ଓ କାନ୍ଦିଥିଲି ।ଏ  ଭିତରେ ଆଉ ଭାଇମାନଙ୍କର ବିବାହ ହୁଏ । ସେମାନଙ୍କର ପିଲା ହୁଅନ୍ତି । ବଡ ଭାଇ ଓ ମଝିଆ ଭାଇ କଟକରେ ରୁହନ୍ତି । ଆଉ ଦୁଇଭାଇ ମଧ୍ୟ ଅଲଗା ଅଲଗା ସ୍ଥାନରେ ଗ୍ଚକରୀ କରୁଥିଲେ । ପଞ୍ଚମ ଭାଇଙ୍କର ପାଠ ପଢା ସରିନଥାଏ । ତେଣୁ ସେ, ଆମେ, ଦୁଇ ଭଉଣୀ ଓ ସବାସାନ ଭାଇ ଗାଁରେ ରହୁଥାଉ । ଦୂର୍ଗା ପୂଜା, ଗ୍ରୀଷ୍ମ ଛୁଟି ମାନଙ୍କରେ ଘର ଆମର ପୂରି ଉଠେ । ଆନନ୍ଦ ଉତ୍ସବରେ ଘର ମୁଖର ହୁଏ । ମୋ ମାଆର ଗୋଡ ତଳେ ଲାଗେ ନାହିଁ । ପୁଅ, ବୋହୁ, ନାତି, ନାତୁଣୀରେ ତାର ଘର ସ୍ୱର୍ଗର ନନ୍ଦନକାନନ ପରି ହସିଉଠେ । ସବୁ ଭାଇ ମାନେ ବହୁତ ଭଲ ଓ ପିତାମାତାଙ୍କର ଆଜ୍ଞାକାରୀ ଥିଲେ । ଭାଉଜମାନେ ମଧ୍ୟ ତଦନୁରୂପ ସଦ୍ ଗୁଣାଯୁକ୍ତା ଥିଲେ । ଭାଇମାନଙ୍କର ଓ ଭାଉଜମାନଙ୍କର ପରସ୍ପର ସୁସମ୍ପର୍କ ଥିଲା । ଏକ ଆରେକକୁ ଆର୍ଥିକ, ଶାରିରୀକ ସାହାଯ୍ୟ ସହଯୋଗ କରିବାକୁ ସର୍ବଦା ଆଗଭର ଥିଲେ । ସମସ୍ତେ ଏକାଠି ହେଲେ ଆମର ଆନନ୍ଦମୁଖର ପରିବାରକୁ ଦେଖି ଲୋକେ ଭାରି ପ୍ରଶଂସା କରୁଥିଲେ । ସେତେବେଳେ ମୁଁ ଭାବୁଥିଲି ସବୁଦିନ ଦୁର୍ଗାପୂଜା ହୁଅନ୍ତା କି?  ସବୁବେଳେ ଆମ ଘରେଏମିତି ଗହଳ ହୁଅନ୍ତା । ମୁଁ ଓ ବଡଭାଇଙ୍କ ଝିଅ ଝୁନା ସବୁବେଳେ ଏକାଠି ଥାଆନ୍ତୁ ।

ମୁଁ ଗାଁରେ ପଞ୍ଚମରେ ପଢୁଥିଲାବେଳେ ଝୁନା କଟକରେ ଚତୁର୍ଥରେ ପଢୁଥାଏ । ଆମେ ଦୁହେଁ ଥାଉ ଦୁଇ ସାଙ୍ଗ ଭଳି । ଛୁଟି ମାନଙ୍କରେ ଆମେ ଏକା ସାଙ୍ଗରେ ଖାଉ, ଶୋଉ, ଖେଳୁ, ବୁଲୁ ଓ ମଜା କରୁ । ଆମ ଦୁହିଁଙ୍କର ପରସ୍ପର ଶ୍ରଦ୍ଧା ଦେଖି, ଭାଇ ମୋତେ କଟକକୁ ନେଇଗଲେ । ଆମେ ଦୁହେଁ ଏକାସାଙ୍ଗରେ ପଠ ପଢିବୁ ବୋଲି । ଆମେ ଖୁବ୍ ଖୁସି ହେଇଗଲୁ । ଏମିତି ଖେଳ କୌତୁକ ଓ ପାଠପଢା ଭିତରେ କେତେ ଶୀଘ୍ର ଯେ ଆମେ ଯଥାକ୍ରମେ ନବମ ଓ ଅଷ୍ଟମ ଶ୍ରେଣୀରେ ପାଦଦେଲୁ, ଜଣାପଡିଲା ନାହିଁ ।

ହଠାତ୍ ଅଦିନ ମେଘ ଭଳି ଦୁଃଖ ଘୋଟିଆସେ ଆମ ସୁଖର ସଂସାରରେ । ସବୁଦିନଗୁଡା ପାଲଟିଯାଏ ଝଞ୍ଜାମୟ, ତୋଫାନମୟ । ସବୁ ରାତି ହୋଇଯାଏ ଅମାବାସ୍ୟା ।

ଆମର ବାର୍ଷିକ ପରୀକ୍ଷା ହେବାକୁ ଦେଢମାସ ଖଣ୍ଡେ ଥାଏ । ଆମେ ରାତିରେ ପ୍ରତିଯୋଗିତା ପୂର୍ବକ ଚେଇଁ ପାଠ ପଢୁଥିଲୁ । ଦିନେ ସେମିତି ପଢୁ ପଢୁ ମୁଁ ସେଇଠି ଘୁମେଇ ପଡିଥିଲି । ହଠାତ୍ ଝୁନା ମୋତେ ଡାକଲା, "ଆପା, ମୋର ପେଟଟା କାହିଁକି ବହୁତ ବଥା ହେଉଛି ।"

ମୁଁ ନଦରେ ନଦରେ କହିଲି, "ଆଜି ଯେଉଁ ପନ୍ଦରଟା ଗୁପ୍ ଚୁପ୍ ଖାଇଛୁ ମନେ ଅଛି ନା। ବଦହଜମ ହୋଇଥିବ। ପେଟମାଡି ଶୋଇପଡ, ଠିକ୍ ହେଇଯିବ।"

କିଛି ସମୟ ପରେ ସେ ପୁଣି ଡାକିଲା, "ଆପା, ସହି ପାରୁନାହିଁ, ବହୁତ ଦରଜ ହେଉଛି।"

ମୁଁ ଝଟ୍ କିନା ଉଠି ବସିପଡିଲି। କାହାକୁ ନଦରୁ ଉଠେଇ ବ୍ୟସ୍ତ କରିବାକୁ ଚାହିଁଲିନି। ସେ ବ୍ୟତିବ୍ୟସ୍ତ ହୋଇ କାନ୍ଦୁଥାଏ। ତାକୁ ମୁଁ ଲେମ୍ବୁ, ଲୁଣ ସର୍ବତ ପିବାକୁ ଦେଲି। କିଛି ଭାସ୍କର ଲବଣ ଚୂର୍ଣ୍ଣ ଦେଲି। ପେଟରେ ତେଲ, ପାଣି ଲଗେଇ ମୋଡାଘଷା କଲି। କିନ୍ତୁ କୌଣସି ଉପାୟରେ ତାର ପେଟବ୍ୟଥାର ଉପଶମ ହେଲାନାହିଁ।

ନିରୁପାୟ ହୋଇ ମୁଁ ଭାଉଜଙ୍କୁ ଡାକିଲି। ଭାଇ ମଧ୍ୟ ଉଠିପଡିଲେ। ତାକୁ ଡାଇଜିନ୍ ଦେଲେ। ହେଲେ ତାର ବାନ୍ତି ଆରମ୍ଭ ହୋଇଗଲା। ବେଳକୁ ବେଳ ତାର ଅବସ୍ଥା ଅସମ୍ଭାଳ ହେବାକୁ ଲାଗିଲା। ଭାଇ ସଙ୍ଗେ ସଙ୍ଗେ ତାକୁ ନେଇ ଡାକ୍ତରଖାନା ଗଲେ। ତାର ଚିକିତ୍ସା କରାଗଲା। କିନ୍ତୁ ତାର ପେଟବ୍ୟଥା ବଢିଲା ସିନା, କମିଲା ନାହିଁ। ପ୍ରତିଦିନ ବିଭିନ୍ନ ପ୍ରକାର ପରୀକ୍ଷା କରାଗଲା। କିଛି ଜଣାପଡିଲା ନାହିଁ। ଘରେ ସମସ୍ତେ ତା ପାଇଁ ବ୍ୟତିବ୍ୟସ୍ତ ହୋଇ ପଡୁଥାଆନ୍ତି। ମୋ ମାଆ ମଧ୍ୟ ଗାଁରୁ ଚାଲି ଆସିଲା। ଭାଉଜ ଓ ମାଆ କାନ୍ଦି କାନ୍ଦି ଅସ୍ଥିର ହୋଇ ପଡୁଥାଆନ୍ତି। ସେହି ପାଖରେ ଥିବା ମଝିଆଁ ଭାଉଜ ଧୈର୍ଯ୍ୟ ଧରିବାକୁ କହି ସାନ୍ତ୍ୱନା ଦେଉଥାଆନ୍ତି।

ଏମିତି ମାସେ ଗଡିଗଲା। ତାର ଅବସ୍ଥାରେ କୌଣସି ଉନ୍ନତି ଘଟିଲା ନାହିଁ। ବଡ ବଡ ଡାକ୍ତର ମାନେ ବାରମ୍ବାର ଚିକିତ୍ସା ପଦ୍ଧତି ପରିବର୍ତ୍ତନ କରୁଥାଆନ୍ତି। ସେମାନେ ମଧ୍ୟ ରୋଗର କାରଣ ନପାଇ ଚିନ୍ତିତ ଥାଆନ୍ତି।

ଦୁଇ ଚାରିଦିନ ପରେ ମୁଁ ଦେଖିଲି ବଡଭାଇ ଅସ୍ୱାଭାବିକ ଭାବରେ ବିଚଳିତ ଓ ନୀରବ ରହୁଥାଆନ୍ତି। ଡାକ୍ତରମାନଙ୍କ ସହ କଣ ସବୁ ଆଲୋଚନା କରନ୍ତି ଏକାନ୍ତ ଭାବରେ। ବେଳେ ବେଳେ କେବିନ୍ ଝରକାର ରେଲିଂ ଧରି ଶୂନ୍ୟ ଆକାଶକୁ ଶୂନ୍ୟ ଦୃଷ୍ଟିରେ ଅନେଇ ରହନ୍ତି। ଆଖିରେ ଆଖିଏ ଦୁର୍ବୋଦ୍ଧ ଭାବ ନେଇ ଅନ୍ୟମନସ୍କ ହୋଇ ପଡନ୍ତି।

ମଝିଆଁ ଭାଇ ଆସିଲେ ବଡଭାଇ କେମିତି କାତର ଦୃଷ୍ଟିରେ ଅନାନ୍ତି। ତାଙ୍କ ସହ ଘଣ୍ଟା ଘଣ୍ଟା କଣ ଗୁପ୍ତ ମନ୍ତ୍ରଣା କରନ୍ତି। ଡାକ୍ତରମାନେ ଝୁନାକୁ ବମ୍ବେ ପଠାଇ ଅପରେସନ୍ କରାଇବା ପାଇଁ ଚାହୁଁଥାଆନ୍ତି।

ଆମେ ବୁଝିପାରୁ ନଥାଉ ଆଜିକାଲିତ ହଜାର ହଜାର ଅପରେସନ୍ ହେଉଛି। ଏଥିରେ ବିଚଳିତ ହେବାର କଣ ଅଛି। ବଡଭାଉଜ ବଡ ନେହୁରା ହୋଇ ସମସ୍ତଙ୍କୁ ଝୁନାର କଣ ହେଇଛି ବୋଲି ପଚାରନ୍ତି। ମଝିଆଁ ଭାଉଜ ବୋଧେ କିଛି ଜାଣିଥିଲେ। ସେ ସମସ୍ତଙ୍କୁ ବୁଝେଇ

ଦିଅନ୍ତି ଏତେ ଦୂରବାଟ ତ, ସେଇଥିପାଇଁ ବମ୍ବେ ଯିବାପାଇଁ ସ୍ଥିର କରି ପାରୁନାହାନ୍ତି । କିନ୍ତୁ ବମ୍ବେରେ ଅପରେସନ ହେଲେ ଝୁନା ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବ ।

ବଡଭାଉଜଙ୍କ ନିଷ୍ପାପ, ନିରିହ ଆଖିଦୁଇଟି ଆଶା ଓ ବିଶ୍ୱାସର ଦୀପ୍ତିରେ ଝଲସି ଉଠେ । ଆମେ ସମସ୍ତେ ମଧ୍ୟ ଖୁସି ହେଇଯାଉ ।

ସେଦିନ ଡାକ୍ତରମାନଙ୍କୁ ନିଜର ସକାରାତ୍ମକ ନିଷ୍ପତ୍ତି ଶୁଣାଇସାରି ବଡଭାଇ ଧିରେ ଧିରେ ଯାଇ ଠିଆହେଲେ ସେଇ ଝରକାର ରେଲିଂ ଧରି । ଆଖିରେ ତାଙ୍କର ନିରାଶା ଓ ଅବସାଦର ଛାୟା । ମୁଁ ମଧ୍ୟ ଯାଇ ତାଙ୍କ ପାଖରେ ଠିଆହେଲି । ଦେଖିଲି ତାଙ୍କ ଅଜାଣତରେ ତାଙ୍କ ଆଖିରୁ ଝରିପଡୁଥାଏ ଟପ୍ ଟପ୍ ଲୁହ । ମୁଁ ଅନୁମାନ କଲି ଝିଅର ଦେହ ଏତେ ଅଧିକ ଖରାପ ତ, ସେଇଥି ସକାଶେ ଭାଇ କାନ୍ଦୁଛନ୍ତି ।

କିନ୍ତୁ ସମୟ ଯେ ଆମ ସହିତ ଏତେ କ୍ରୁର ପରିହାସ କରିଥିଲା, ଏହା ମୋର କଳ୍ପନାତୀତ ଥିଲା । ବଡଭାଇ, ବଡଭାଉଜ ଓ ଝୁନା ବମ୍ବେ ଗଲେ । ସାଥିରେ ମଝିଆଁ ଭାଇ ଓ ଭାଉଜ ମଧ୍ୟ ଗଲେ ।ଆମେ ନାନା କଳ୍ପନା ଜଳ୍ପନା ଭିତରେ ଛନ୍ଦି ହୋଇ ରହିଗଲୁ । ଦୁଇଭାଇଙ୍କର ଗ୍ଚରିଟା ପିଲାଙ୍କର ଦାୟିତ୍ୱ ସହର୍ଷେ ତୁଆଇ ମୁଁ ଓ ମାଆ ସବୁବେଳେ ଠାକୁରଙ୍କୁ ଡାକୁଥାଉ । ବମ୍ବେରୁ ଫେରିବା ମୁଁ ଦିନ ଗଣୁଥାଏ କେବେ ପୁଣିଥରେ ଆମର ସୁଖର ସଂସାର ନାଚଉଠିବ । ପୁଣିଥରେ ମୁଁ ଓ ଝୁନା ସାଙ୍ଗ ହୋଇ ଖେଳିବୁ, ପାଠ ପଢିବୁ, ସିନେମା ଦେଖିବୁ, ଗୁପ୍ ଚୁପ୍, ଗ୍ଚଟ୍ ର ପିକନିକ୍ କରିବୁ ।

ଏ ଭିତରେ ମୋର ପରୀକ୍ଷା ସରିଗଲା । ଝୁନା ପରୀକ୍ଷା ଦେଇପାରିଲା ନାହିଁ ।

ଏହିପରି ପ୍ରାୟ ଦେଢମାସ କଟିଗଲା । ବାପା ମଧ୍ୟ ଆମ ପାଖରେ ଥାଆନ୍ତି । ଆମ ସମସ୍ତଙ୍କ ମନରେ ଦ୍ୱନ୍ଦ । ସେତେବେଳେ ଫୋନର ଏତେ ସୁବିଧା ନଥିଲା । ଥରେ ଦି ଥର ଟ୍ରାଙ୍କ କଲ୍ ଆସିଥିଲା । ଅସ୍ପଷ୍ଟ ସ୍ୱରରୁ କେବଳ ଏତିକି ବୁଝାପଡିଲା ଯେ ଝୁନାର ଅପରେସନ୍ ସରିଯାଇଛି ।

ପ୍ରାୟ ଦୁଇମାସ ପରେ ସେମାନେ ଫେରିଲେ ଘରକୁ ନୁହେଁ, ସେହି ପନ୍ଦର ନମ୍ବର ୱାଡ୍ କୁ । ଆମେ ଝୁନାର କୌଣସି ପରିବର୍ତ୍ତନ ଦେଖିପାରିଲୁ ନାହିଁ । ତାର କଙ୍କାଳସାର ରୂପ, ଭାଇଭାଉଜଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଓ ଚିନ୍ତାମଗ୍ନ, ଶୋକାଭିଭୂତ ଚେହେରା ଦେଖି ଆମ ସମସ୍ତଙ୍କ ମନରେ ଛନକା ପଶିଲା । କିନ୍ତୁ ତଥାପି ଆମେ ଜାଣି ପାରି ନଥିଲୁ ଯେ ପ୍ରକୃତରେ ଝୁନାର ରୋଗ କଣ । ଝୁନାର ଶରୀରରେ ଯେ କର୍କଟର ଜୀବାଣୁ ଏତେଦୂର କାୟା ପ୍ରସାର କରିଛି, ଏକଥା କେବଳ ବଡଭାଇ, ମଝିଆଁଭାଇ ଓ ଶୀକ୍ଷିତା ମଝିଆ ଭାଉଜ ଜାଣିଥିଲେ ।

ମଝିଆଁ ଭାଇ ଓ ମଝିଆଁ ଭାଉଜ ମଧ୍ୟ ଭାରାକ୍ରାନ୍ତ ମନରେ ଚୁପ୍ ଚୁପ୍ କେଉଁ ବିଷୟରେ କଥା ହେଉଥାଆନ୍ତି ଆଉ କେହି ଆସିଲେ ନୀରବ ହେଇଯାଆନ୍ତି, ଅବା କଥା ବାଆଁରେଇ ଦିଅନ୍ତି । ଅନ୍ୟ ଭାଇ ଓ ଭାଉଜମାନେ ମଧ୍ୟ ଆସିଲେ । ବଡଭାଇଙ୍କର ଛୋଟ କ୍ୱାର୍ଟରଟିରେ ସର୍ବଦା ଗହଳ ଲାଗିରହିଲା । ଝିନାକୁ ଦେଖିବାକୁ ବନ୍ଧୁବାନ୍ଧବମାନେ ମଧ୍ୟ ଆସୁଥାଆନ୍ତି ।

ସମସ୍ତେ ସରଳା, ଅପାଠୋଇ ବଡଭାଉଜଙ୍କୁ ସାନ୍ତ୍ୱନା ଦେଉଥାଆନ୍ତି ଯେ ଝୁନା ଅବଶ୍ୟ ଭଲ ହୋଇଯିବ । ବମ୍ବେରେ ଏତେବଡ ଅପରେସନ୍ ହେଲା, ଏତେ ବଡ ବଡ ଡାକ୍ତରମାନେ ଚକିତ୍ସା କଲେ, ସବୁଭାଇମାନେ ପାଣି ଭଳି ପଇସା ଖର୍ଚ୍ଚକଲେ । ଦୁର୍ବଳ ସ୍ୱାସ୍ଥ୍ୟ ପାଇଁ ତାକୁ ଆଉ କଛିଦିନ ହସ୍ପିଟାଲରେ ରହିବାକୁ ପଡିବ । ଆମର ବିଶ୍ୱାସ ପୁଣିଥରେ ମୁଣ୍ଡଟେକେ ।

ମୋର ଦଶମ ଶ୍ରେଣୀ ସତ୍ତ୍ୱେ ମୁଁ ସ୍କୁଲ ଯିବାକୁ ମନ କରୁନଥିଲି । ହସ୍ପିଟାଲରେ ଦିନବେଳେ ମୁଁ ରହୁଥିଲି ଭାଉଜଙ୍କ ସହ । ସକାଳ ନଅଟାରେ ଝୁନା ପାଇଁ ସୁପ୍ ଇତ୍ୟାଦି ନେଇ ମୁଁ ଯାଉଥିଲି । ଭାଉଜ ଦିନ ବାରଟାରୁ ପରଦିନ ସକାଳ ନଅଟା ପର୍ଯ୍ୟନ୍ତ ରହୁଥିଲେ । ଏ ଭିତରେ ଅନ୍ୟମାନେ ମଧ୍ୟ ଯିବାଆସିବା କରନ୍ତି ।

ହସ୍ପିଟାଲ୍ ରହଣି ସମୟରେ ମୋର ଓ ଝୁନାର ସମ୍ପର୍କ ଆହୁରି ଦୃଢ ହୁଏ । ନର୍ସ ଉପରେ ନିର୍ଭର ନକରି ମୁଁ ଝୁନାର ସମସ୍ତ ଜରୁରୀ କାମ କରେ । ମୁଁ କେତେ ଗପ କୁହେ । ସ୍କୁଲ ବେଳର କଥା ଗପେ । ସେ ମଧ୍ୟ ପଦେ ଅଧେ କଥା କୁହେ, ନହେଲେ ମୁଣ୍ଡ ଟୁଙ୍ଗାରି ଶୁଣେ । ବେଳେ ବେଳେ ମୁଁ "କୁମାର ଗୌରବ" ଅଭିନିତ ଚଳଚ୍ଚିତ୍ର "ଲଭଷ୍ଟୋରୀ" ର ଗୀତ ଗାଏ । ସେ ମଧ୍ୟ କ୍ଷୀଣ ସ୍ୱରରେ ମୋ ସହିତ ସ୍ୱରରେ ସ୍ୱର ମିଳାଏ । ସେତେବେଳେ ବୋଗ୍ଲେଲିନ୍ ବୋଳା ଶୁଖିଲା ଓଠରେ ତାର ଉକୁଟି ଉଠେ କରୁଣ, ଲଜ୍ଜାଶୀଳ ଚେନାଏ ହସ । କୁମାର ଗୌରବ ଥିଲା ତାର ପସନ୍ଦର ସର୍ବଶ୍ରେଷ୍ଠ ଅଭିନେତା ।

ଦିନେ ଖରାବେଳେ କେବଳ ସେ ଓ ମୁଁ ଆଉ ଭାଉଜ ଆନମନା ହୋଇ ନଜର କୋହ ଲୁଚାଇବା ପାଇଁ ହସ୍ପିଟାଲ୍ ବାହାରେ ଥିବା ବଗିଚାରେ ବସିଥାଆନ୍ତି । ସୋଫା ଉପରେ ମୋର ଆଖି ଲାଗିଆସୁଥାଏ । ମୋର ନିଦ ଚାଉଁକିନା ଭାଙ୍ଗିଗଲା । ତାର କରୁଣ କଣ୍ଠରେ ଭିକାରୀ ବଳଙ୍କ ଭଜନ ପଦେ ଶୁଣି-

"ବନ୍ଧୁ ବାନ୍ଧବ ମୋହରି

ଚତୁର୍ପାର୍ଶ୍ୱେ ରହିଥିବେଟି ଘେରି ହେ ରାଧାଗୋବିନ୍ଦ

ଏହି ସୁଦୟା ଥିବଟି କରି ହେ ରାଧାଗୋବିନ୍ଦ"

ତଡିତ୍ ବେଗରେ ମୁଁ ଓଠିପଡି ତାକୁ କୁଣ୍ଢାଇ ଧରି ଭେ ଭେ କାନ୍ଦି ପକାଇଲି ।

ତା ଦୁର୍ବଳ ହାତରେ ମୋ ମୁଣ୍ଡ ଆଉଁସି ଆଉଁସି ଜଣେ ପୋଖତ ଅଭିନେତ୍ରୀ ଭଳି ସେ କହୁଥାଏ- "ଅପା, ତୁମେ କାନ୍ଦିବନ, ତୁମେ କାନ୍ଦିବନ, ଅପା, ତୁମେ କାନ୍ଦିଲେ ମୁଁ ଆଦୌ ସହିପାରିବିନ ।

ସତେରେ, ଦୁହେଁ ଦୁହିଁଙ୍କୁ ମିଛରେ ସିନା ସାନ୍ତ୍ୱନା ଦେଉଥିଲୁ ।

ସେହିଦିନ ରାତିରେ ହିଁ ତାର ଅବସ୍ଥା ସଂଘାତିକ ହୋଇଗଲା । ରାତ୍ରୀର ବିଳମ୍ବିତ ପ୍ରହରରେ ମଧ୍ୟ ହସ୍ପିଟାଲ କରିଡୋରରେ ଅସରନ୍ତି ବନ୍ଧୁବାନ୍ଧବଙ୍କ ଭିଡ ।

ଆଜି ସେହି ମର୍ମନ୍ତୁଦ ନିଷ୍କରୁଣ ମୂହୁର୍ତ୍ତଟିକୁ ସ୍ମରଣ କରିବାକୁ ତିଳେ ମଧ୍ୟ ଇଚ୍ଛା ହେଉନାହିଁ । କୌଣସି ପ୍ରକାରେ ଯଦି ସେହି କ୍ଷଣଟିକୁ ମନ ସିଲଟରୁ ପୋଛି ହୁଅନ୍ତା!!!

ରାତି ପ୍ରାୟ ଦୁଇଟା ପାଖାପାଖି ହୋଇଥାଏ । ଝୁନା ଭାଉଜଙ୍କୁ ପାଣି ମାଗିଲା । ମୁଁ ତାକୁ ପାଣି ଦେଲି । ସେ ଦୁଇ ଗ୍ଲାସ ପାଣି ଢକ ଢକ କରି ପି ସାରି ପୁଣି ପାଣି ମାଗିଲା । ଭାଉଜ ଅନ୍ତରର କୋହ ଚାପି ରଖି କହିଲେ, - "କେତେ ଆଉ ପାଣି ପିଇବୁ ମାଆ? "

ଝୁନା ଅଭିମାନନୀ ପରି ଭାରି ଜୋରରେ କହିଲା, - "ହଉ, ନଦିଅ, ମୁଁ ଆମ ଘରକୁ ଗଲେ ପୂରା ଗୋଟେ ବାଲ୍ଟି ପାଣି ପିଇବି ।"

ତାର ଦୃଢ ଓ ତେଜିଆନ କଣ୍ଠାସ୍ୱର ଶୁଣି ଆମେ ସମସ୍ତେ ଚମକି ପଡିଲୁ । ଏମିତି ଲାଗିଲା, ବୋଧହୁଏ ସେ ଏହିକ୍ଷଣି ଝାଡିଝୁଡି ହୋଇ ଉଠିବସିବ ।

ବୋଧେ, ଏମିତି ହିଁ ହୁଏ! ଦୀପରୁ ତେଲ ସରି ଆସିଲେ ସଳତା ତେଜିୟାନ ହୋଇ ଜଳେ ।

ଲିଭି ଆସୁଥିବା ସଳତା ପରି ଝୁନା ମଧ୍ୟ କେତେ କଥା ଗପିଗଲା । କେତେ ଗୀତ ଗାଇଗଲା । ବଡଭାଇ ତାର ମୁଣ୍ଡ ପାଖରେ ଠିଆ ହୋଇଥାଆନ୍ତି । ସେ ତାଙ୍କ ହାତକୁ ନିଜ ହାତମୁଠାରେ ଶକ୍ତ କରି ଧରିଲା । ଆମ ସମସ୍ତଙ୍କ ଆଖିରେ ଅଶ୍ରୁର ବନ୍ୟା । ତାର ବିଛଣା ଚାରିପଟେ ଆମ ପରିବାରର ଲୋକେ, ଡାକ୍ତର, ନର୍ସ ସମସ୍ତେ ଘେରି ରହିଥାଆନ୍ତି । ମୋର ମନେ ପଡିଗଲା ଖରାବେଳେ ସେ ଗାଇଥିବା ଭଜନ ପଦିକ – "ବନ୍ଧୁ ବାନ୍ଧବ....."

ଶେଷରେ ତାର ସ୍ୱର କ୍ଷୀଣ ହୋଇ ଆସିଲା । ଅସ୍ପଷ୍ଟ ସ୍ୱରରେ ବାପା, ମାଆ ବୋଲି ଦୁଇଥର ଡାକିଲା । ଓଠରେ କ୍ଷୀଣ କରୁଣ ହସ ଧାରେ ଫୁଟେଇ ନିର୍ନିମେଷ ଦୃଷ୍ଟିରେ ସେ ଅନେଇ ରହିଲା ଭାଉଜଙ୍କୁ । "ଝୁନା" ନାମକ ଫୁଲଟି ଅକାଳରେ ଝଡି ପଡିଥିଲା ଆମର ବଂଶ ବୃକ୍ଷରୁ ଚିରଦିନ ପାଇଁ । ଆଉ ବଡଭାଇଙ୍କର ଜୀବନରେ ଉତ୍ପନ୍ନ ହେଲା ଏକ ଅପୂରଣୀୟ ବିରାଟ ଶୁନ୍ୟ, ଯାହା କରିଦେଲା ଭାଇଙ୍କୁ ଏକାବେଳକେ ବୈରାଗୀ । ହେ ଭଗବାନ! ଭୋଳା ମହେଶ୍ୱର ପରି ଭାଇଙ୍କୁ ମୋର କାହିଁକି ଦେଲ ଏ ଦାରୁଣ ଦୁଃଖ? ଯିଏ ପରୋପକାରର ଏକ ସଜୀବ ମୂର୍ତ୍ତି

ଥିଲେ, ପରଦୁଃଖ ଦେଖିଲେ କାତର ହୋଇ ସର୍ବସ୍ୱ ଦାନ କରିଦେଉଥିଲେ, ତାଙ୍କ ଜୀବନରେ କାହିଁକି ଆସିଲା ଏ ବିପତ୍ତି, କାହିଁକି?

ସୁପର୍ଣ୍ଣା! ସୁପର୍ଣ୍ଣା!

ଆକୁଳ ଚିତ୍କାର ଶୁଣି ମୋର ସମ୍ବିତ ଫେରିଆସିଲା। ମୁଁ ଅତୀତରେ ସମ୍ପୂର୍ଣ୍ଣ ଭାବେ ହଜିଯାଇଥିଲି ଓ ଧିରେ ଧିରେ ବୁଲୁଥିବା ସିଲିଂ ଫେନ୍ ଟିକୁ ଏକଲୟରେ ଅନେଇ ରହିଥିଲି। ବିନୟ କଣ ଭାବିଲେ କେଜାଣି, ଆସି ମୋତେ ଝିଙ୍କି ପକାଇ ମୋ ନାମ ଧରି ଚିତ୍କାର କରି ଉଠିଲେ।

ପାଖ ଷ୍ଟାପ୍ ରୁମରୁ ଡାକ୍ତର ଓ ନର୍ସ ଧାଇଁ ଆସିଲେ। ଡାକ୍ତର ନର୍ସକୁ କିଛି ଗୁଣୁଗୁଣୁ ହୋଇ କହିଲେ। ମୁଁ ଶୁଣି ପାରୁ ନଥିଲି, କିନ୍ତୁ ନର୍ସ ଓ ବିନୟଙ୍କର ଚେହେରାର ରଙ୍ଗ ବଦଳ ଯାଉଥିଲା। ତରତର ହୋଇ ନର୍ସ ଯାଇ ଇଞ୍ଜେକସନ୍ ନେଇ ଆସିଲେ। ମୁଁ କଡେଇ ହୋଇ ପଡିଲି। ଦେଖିଲି, ଅସରପାଟି ମରିଗଲାଣି, ତାକୁ ବୋହି ବୋହି ଗ୍ଲାଲିଛନ୍ତି ଅସଂଖ୍ୟ ପିମ୍ପୁଡି ବାହିନୀ। ଦୃଶ୍ୟଟି ଧିରେ ଧିରେ ଝାପସା ହୋଇ ଆସୁଥିଲା। ଆଉ ମୁଁ ସୁପ୍ତାବସ୍ଥା ଓ ଜାଗ୍ରତାବସ୍ଥାର ଘଡିସନ୍ଧି ମୂହୁର୍ତ୍ତ ପାଖରେ ଆସ୍ତେ ଆସ୍ତେ ନିଜକୁ ସମର୍ପି ଦେଉଥିଲି।

ଅଶ୍ରୁଳ ଆଖିର ଅସଂଖ୍ୟ ବୁଢିଆଣୀ ଜାଲରେ ବୁଣୁଥିଲି ସ୍ୱପ୍ନ! ଯଦି ମୋ ଜୀବନରେ "କାଲି" ଅସେ ତେବେ ଏ ଅତୀତକୁ ଉତାରିବି କାଗଜରେ। ଅବଶ୍ୟ।

ବସନ୍ତବିହାର, ନୂଆଦିଲ୍ଲୀ

"ଉତ୍କଳ ଜନନୀ ଅଛନ୍ତି ଗ୍ଳହିଁ
କର କିଛି କାର୍ଯ୍ୟ ଲୋକଙ୍କ ପାଇଁ
ପଛଘୁଞ୍ଚା ଦେଲେ କାର୍ଯ୍ୟ ସାଧନେ
କିବା ପ୍ରୟୋଜନ ସେହି ଜୀବନେ।"

( ଫକୀର ମୋହନ ସେନାପତି)

# ଅବ୍ୟକ୍ତ ପୂରବୀ



ସୁସ୍ମିତା ମହାପାତ୍ର

ଜନ୍ମ ଯେଉଁଠି ବଞ୍ଚିତ ନୁହେଁ
ଆଦ୍ୟ ସେଇଠି ଅନ୍ତକୁ ଛୁଏଁ
ସବୁ ମରୁ ମରୀଚିକା,
ଅଭିଶପ୍ତା ମୁଁ ବିଫଳ ନାୟିକା
ଦୀର୍ଘ ପଥରେ ପାନ୍ଥ ମୁଁ ଏକା
ଜନ୍ମିଛି ସିନା, ଜୀବନ ରଙ୍ଗ ଫିକା ॥

ବ୍ୟର୍ଥ ମୋହର ଏମିତି ଜୀବନ
ମଞ୍ଚ ବୁକୁରେ ଦୃଶ୍ୟ ପତନ
ଲାଗେନା କାହାର ହିତେ,
ହୀନମନ୍ୟ ମୁଁ ଅତି ନଗଣ୍ୟ
ନମ୍ର, ତୁଳସୀ ପତ୍ରଏ ମହାନ
ହେଇ ପାରିବିକି ସତେ!

ଅଙ୍ଗ ମୋହର ଅନ୍ୟ ମାଟିର
ଭାଗ୍ୟ ପାଷାଣେ ଲେଖା,
ଭିନ୍ନ ମଣିଷ ଭିନ୍ନ ପ୍ରୟାସ
ସାମାନ୍ୟ ବୋଲି, ବୁଝେନା ଭଦ୍ର ମୁଖା ॥

ଭର୍ତ୍ସନା ଦିଅ ଅବା ଲାଞ୍ଛନା
ଖାତିର କରେନା ମୁହିଁ,
ଆସୁ ପଛେ ଯେତେ ଝଞ୍ଜା ଜୀବନେ
ତୁମକୁ ସୁମରି ହାସ୍ୟ ବଦନେ
ନୀରବରେ ଯିବି ସହି ॥

ଅଶ୍ରୁ ଜଳରେ ଚକ୍ଷୁ ଭିଜାଇ
ବିଷ ଭକ୍ଷଣ କରି,
ଦୁଃଖ ଯାତନା ସହିବା ସକାଶେ
ଅନ୍ତରେ ମୋର, ଶକ୍ତି ଦିଅରେ ଭରି ॥

କାହା ପାଇଁ ଯାହା ମେଳା ମଉଛବ
ସୁଖ ସମ୍ଭୋଗ ବେଳ
ଉତ୍ସବ ମୋର ଯନ୍ତ୍ରଣା ଭରା
ନିୟତି ହାତର ଇଙ୍ଗିତ ପରା
କପଟ ପାଶାର ଖେଳ ॥
ମଙ୍ଗଳ ହେଉ ବିଶ୍ୱ ଜନର
ଶାନ୍ତି କପୋତ ଉଡୁ,
ବୁଲେଟ୍ ବାଜୁ ମୋ ବକ୍ଷରେ ପଛେ
କୋଟି କଣ୍ଠରୁ, ଆଶ୍ୱାସ ଝରିପଡୁ ॥

ରକ୍ତ ମୋହର ଉର୍ବର କରୁ
ଊଷର ବସୁଧା ମାଟି,
ଜଗତର ଚିର କଲ୍ୟାଣ ପାଇଁ
ଶ୍ରଦ୍ଧା ପ୍ରୀତିର ଫୁଆରା ଫିଟାଇ
ପ୍ରତିଟି ରୁଧିର କଣିକାରେ ମୋର
ପଙ୍କଜ ଫୁଟି ଉଠୁ ॥

# କ୍ଷୋଭ

ନଚକେତା ସାହୁ

ଶାନ୍ତ ସରଳ ମନର ଭାବନା
କଏ ବା ବୁଝି ପାରେ.
ହସ ହସ ମୁଖ ମିଛ କହିଯାଏ
ନୟନ ବେନୁ ସତ ବଖାଣି ଦିଏ
କୋହ ଭରା ହୃଦୟେ
ସତେ କ କଳା ବଉଦ ଢାଙ୍କି ଯାଏ
ନୟନୁଁ ଅଶ୍ରୁ ଧାର୍ ଅସମୟେ ଝରିଯାଏ
ବେଦନାର କଟାକ୍ଷ ରେ
ହସ ହିଁ ପୂର୍ଣ୍ଣଚ୍ଛେଦ ଟାଣିଥାଏ
ଅମାବାସ ର ଅନ୍ଧାରରେ
ଚନ୍ଦ୍ରମାରେ ବି କଳଙ୍କ ଲାଗିଯାଏ
ଶାନ୍ତ ସରଳ ମନର ଭାବନା
.....କଏ ବା ବୁଝିଥାଏ !

ପରିପୃଷ୍ଠ :- ନଚକେତା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ବରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com

# ପଞ୍ଚସଖା



ଡ. ବିଜ୍ଞାନୀ ଦାସ

ଆଶ୍ରମର ସାଧନାଗୃହରେ ସେମାନେ ପଞ୍ଚସଖା ବସିଥିଲେ । ସେମାନେ ପଞ୍ଚଦଶ ଓ ଷୋଡଶ ଶତାବ୍ଦୀର ପଞ୍ଚସଖା ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ ନୁହଁନ୍ତି । ସେମାନେ ହେଲେ ଆମେରିକାରେ ରହୁଥିବା ପ୍ରବାସୀ ଓଡିଆ ଓ ପାଞ୍ଚବନ୍ଧୁ, ପ୍ରଫେସର୍ ବିକାଶ ପଟ୍ଟନାୟକ, ଡାକ୍ତର ସଦାନନ୍ଦ ରାଉତ, ଇଞ୍ଜିନୟର୍ ରତିକାନ୍ତ ପଣ୍ଡା, ବ୍ୟବସାୟୀ ଅନନ୍ତ ମିଶ୍ର ଓ ବୈଜ୍ଞାନିକ ଆଶୁତୋଷ ଦାସ । ସେମାନେ ସମସ୍ତେ ଦୁଇବର୍ଷ ଧରି ରେଭେନ୍‌ସା କଲେଜ୍‌ର ସାଙ୍ଗ ହୋଇ ପଢିଥିଲେ । ତାପରେ ସଦାନନ୍ଦ ମେଡିକାଲ୍ ପାଇ ଏସ୍.ସି.ବି. ମେଡିକାଲ୍ କଲେଜରେ ଡାକ୍ତରୀ ପଢିଲେ, ରତିକାନ୍ତ ଇଞ୍ଜିନୟରିଙ୍ଗ୍ ଏଣ୍ଟ୍ରାନସରେ କୃତକାର୍ଯ୍ୟ ହୋଇ ବୁର୍ଲାରେ ପଢିଲେ, ବିକାଶ ଓ ଆଶୁତୋଷ ଅଧିକ ଦିନ ଧରି ସାଙ୍ଗ ହୋଇ ବି.ଏସ୍.ସି. ଓ ଏମ୍.ଏସ୍.ସି. ପଢୁଥିଲେ, ତାପରେ ଉଭୟ ଆମେରିକା ଉଚ୍ଚଶିକ୍ଷା ପାଇଁ ଯାଇଥିଲେ । ସେଥିରୁ ବିକାଶ ୟୁନିଭର୍ସିଟିରେ ଅଧ୍ୟାପକ ହୋଇ ପ୍ରଫେସର୍ ହେଲେ ଓ ଆଶୁତୋଷ ନାସାରେ ବୈଜ୍ଞାନିକ ହେଲେ । ଅନନ୍ତ ମିଶ୍ର ବି.ଏସ୍.ସି.ର ଦ୍ୱିତୀୟ ବର୍ଷରେ ଇଞ୍ଜିନୟରିଙ୍ଗ୍ ଏଣ୍ଟ୍ରାନସରେ କୃତକାର୍ଯ୍ୟ ହୋଇ ଆଇ.ଆଇ.ଟି ବମ୍ବେରୁ କଂପ୍ୟୁଟର୍ ସାଇନସରେ ପାସ୍‌କରି ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିଲେ । ସେଠି ମାଷ୍ଟର୍ସ୍ ଓ ପି.ଏଚ୍.ଡି. ସାରି କିଛିଦିନ ବଡ ଗୋଟିଏ ଇଞ୍ଜିନୟରିଙ୍ଗ୍ ଫାର୍ମରେ କାମକରିବାପରେ ନିଜର ଏକ କଂପାନୀ ସ୍ଥାପନ କରିଥିଲେ । ଏବେ ସେ କଂପାନୀରେ ପ୍ରାୟ ତିନିଶହ କର୍ମୀ ଓ ଏକ ସଫଳ କଂପାନୀ ମାଲିକ ଭାବେ ତାଙ୍କର ଅନେକ ସୁନାମ ।

ତେବେ ଏତେ ସଫଳତା ମଧ୍ୟରେ ଏ ପାଞ୍ଚ ବନ୍ଧୁଙ୍କର କିଛି ଆଶା ଅପୂରଣ ରହିଛି । ସେଇ ଆଶା ପୂରଣ କରିବା ପାଇଁ ସେମାନେ ସମସ୍ତେ ମିଶି ଆମେରିକାରୁ ଓଡିଶା ଆସିଛନ୍ତି । ପତ୍ନୀମାନଙ୍କୁ ସାଙ୍ଗରେ ଆଣିନାହାନ୍ତି କାରଣ ସେମାନେ ସବୁବେଳେ ଡିଷ୍ଟର୍ବ କରିବେ ଓ ଲକ୍ଷ୍ୟଚ୍ୟୁତ କରାଇବେ । ସେମାନଙ୍କର ଲକ୍ଷ୍ୟହେଲା ଓଡିଶା ପାଇଁ କିଛି କରିବେ । ହେଲେ

କଣ କରିବେ ? ସେଇ ପ୍ରଶ୍ନ ପଗ୍ବରି ସେମାନଙ୍କର ସନ୍ତାନ ମାନେ ସେମାନଙ୍କୁ ବ୍ୟସ୍ତ, ବିବ୍ରତ କରିଦେଇଛନ୍ତି । ସଦାନନ୍ଦ ବାବୁଙ୍କ ଧର୍ମପତ୍ନୀ ସୁପ୍ରଭା ଯେତେବେଳେ ଏକଥା ଶୁଣିଲେ, ସାଙ୍ଗେସାଙ୍ଗେ ଚହିଁକି ଗଲେ । "ଯେଉଁ ରାଜ୍ୟର ଲୋକଙ୍କର ଏତେ ଭିକମଗା ପ୍ରକୃତି, ସେଥିରେ ତମେ କଣ ଭଗବାନ ହେଇଚ ଯେ ଯାଇକି ଓଲଟେଇ ପକେଇବ ? ଆରେ ସ୍ୱୟଂ ଭଗବାନ ଜଗନ୍ନାଥ ତ ତାଙ୍କ ସେବକ ପଣ୍ଡାମାନଙ୍କ ଚରିତ୍ରକୁ ବଦଳାଇ ପାରିଲେନି, ଆଉ ତମେ ତ ଛାର ମଣିଷ । ଠାକୁରଙ୍କ ସ୍ଥାନରେ, ଏତେବଡ ମହାପ୍ରଭୁଙ୍କ ସେବା କରିବାର ପରମ ସୌଭାଗ୍ୟ ପାଇ ମଧ୍ୟ, ତାଙ୍କ ଭିକାରୀ ପଣିଆ ସରୁଚ କି? ଭକ୍ତଙ୍କ ପଛରେ ଗୋଡେଇ ତାଙ୍କଠାରୁ କିଛି ନଝଡେଇଲେ ସେମାନଙ୍କ ଆତ୍ମା ଶାନ୍ତି ପାଏନା ।"

ଗତବର୍ଷ ଓଡିଶାକୁ ଆସିଥିବା ବେଳେ ସୁପ୍ରଭା ପୁରୀ ମନ୍ଦିର ଯାଇ ପଣ୍ଡାମାନଙ୍କ ଦ୍ୱାରା ଏମିତି ହଟହଟା ହୋଇଥିଲେ ଯେ, ସେ ଅଭିଜ୍ଞତା ସେ ଏପର୍ଯ୍ୟନ୍ତ ଭୁଲିପାରିନାହାନ୍ତି ।

ରତିକାନ୍ତ ବାବୁଙ୍କ ପତ୍ନୀ ମଧ୍ୟ ସେମିତି ମନ୍ତବ୍ୟ ଦେଇଥିଲେ । "ଦିନେ ନାହିଁ, କାଳେ ନାହିଁ; ଗଦ୍ଧା ପୁନେଇଁ ଦିନ ମାଇଁ ମାଇଁ । ଆରେ ଏଠି ତ ଆରାମରେ ଖାଇପିଇ ଚାକରି କରି ଏତେବର୍ଷ ରହିଲ । ଏବେ ଷାଠିଏ ପୁରିବା ବେଳକୁ, ବୁଢା ହେବାବେଳକୁ ତମର ଓଡିଶା ପାଇଁ କିଛି କରିବା କଥା ମନେପଡିଲା ? ଆରେ କରିଥାନ୍ତ ଯଦି ଆଗରୁ କରିଥାନ୍ତ, ବୟସ ଥାଉଥାଉ । ତାପରେ, ତମେ କଣ ସେଠି ରହିବ ? ଯଦି ନରହିବ, ସେଠି କିଛି କରିଦେଲେ, ତାକୁ ବୁଝିବ କିଏ ?"

ହେଲେ ଏସବୁ ପାରିବାରିକ ଆକ୍ଷେପ, ବାଧାବିଘ୍ନ ଏ ପାଞ୍ଚବନ୍ଧୁଙ୍କୁ ଅଟକାଇ ପାରିନି । ସେମାନେ ସମସ୍ତେ ସିଦ୍ଧାନ୍ତ କରି ଓଡିଶା ଆସିଛନ୍ତି, ଓଡିଶାର ସବୁ କୋଣ, ଅନୁକୋଣ ବୁଲିବେ, କେଉଁଠି କଣ ଅଭାବ ବୁଝିବେ, ଲୋକ ଚରିତ୍ର ନିଜେ ପଢିବେ, ସେଇଠୁ ଗୋଟିଏ ସିଦ୍ଧାନ୍ତ ନେବେ, ନିଜ ରାଜ୍ୟପାଇଁ କିଛି ନିଷ୍ଚୟ କରିବେ ।

ବିକାଶ ବାବୁଙ୍କର ଇଚ୍ଛାଥିଲା ଗୋଟିଏ ଅତି ଉଚ୍ଚମାନର ଶିକ୍ଷାନୁଷ୍ଠାନ କରନ୍ତେ । ହେଲେ ଯେତେବେଳେ ବନ୍ଧୁ ଆଦିତ୍ୟ ନିଜ ଅନୁଭୂତିର କରୁଣ କାହାଣୀଟିଏ ଶୁଣେଇଦେଲେ, ସେତେବେଳେ ବିକାଶ ବାବୁ ଆଉ ସେ ଲକ୍ଷ୍ୟଦିଗରେ ଆଗେଇଲେନି । ବନ୍ଧୁ ଆଦିତ୍ୟ ସେମିତି ଚିନ୍ତା କରି ଏକ ସୁନ୍ଦର ଅନୁଷ୍ଠାନ ଗଢିଥିଲେ । ଶିକ୍ଷାକ୍ଷେତ୍ରରେ ଯେମିତି ସେ ଅନୁଷ୍ଠାନଟି ବିଶ୍ୱ

ସ୍ତରରେ ସମ୍ମାନ ପ୍ରାପ୍ତ କରେ, ସେଇ ଲକ୍ଷ୍ୟ ନେଇ ସେ ସେମିତି ଯୋଜନା କରିଥିଲେ ଓ ଯୋଜନାକୁ କାର୍ଯ୍ୟକାରୀ କରାଇବାରେ ଆପ୍ରାଣ ଚେଷ୍ଟା କରିଥିଲେ । ହେଲେ ସିଏ ତ ସବୁବେଳେ ଓଡିଶାରେ ରହିପାରିବେନ, ଅତଏବ ନିଜ ଶାଳକଙ୍କୁ ସେ ଡାଇରେକ୍ଟର୍ ଭାବେ ନିଯୁକ୍ତିଦେଲେ ଓ ଟ୍ରଷ୍ଟିର ସଭ୍ୟଭାବେ ରଖିଦେଲେ । ହେଲେ ସେ ଶାଳକ ମହାଶୟ ନିଜ ପତ୍ନୀଙ୍କ ସହିତ ମିଶି, ସେ ଅନୁଷ୍ଠାନଟିକୁ ଏକ ବ୍ୟବସାୟିକ ଅନୁଷ୍ଠାନ କରିଦେଲେ । ଯେଉଁମାନେ ଡୋନେସନ୍ ଦେଇପାରିଲେ, ସେମାନେ ପଢିଲେ, ସେଠି ଆଉ ଛାତ୍ର ବୁଦ୍ଧିମତ୍ତାର କିଛି ଭୂମିକା ରହିଲାନି । ଏ ବିଷୟରେ ପ୍ରଶ୍ନ ଉଠାଇବାରୁ, କିଛିଦିନ ପରେ ଦେଖିବା ବେଳକୁ ଅନୁଷ୍ଠାନର ସମସ୍ତ କାଗଜପତ୍ରରୁ ଆଦିତ୍ୟଙ୍କ ନାମକୁ ବାଦ ଦିଆଯାଇଛି । ବନ୍ଧୁ ଆଦିତ୍ୟ କୋର୍ଟ କଚେରି ଘୁରିଘୁରି ବି ସେ ସମସ୍ୟାର ଏ ପର୍ଯ୍ୟନ୍ତ କିଛି ସମାଧାନ ହୋଇନି ।

ସେମିତି ଡାକ୍ତର ସଦାନନ୍ଦଙ୍କର ଇଛାଥିଲା, ଗୋଟିଏ ଉଚ୍ଚମାନର ଡାକ୍ତରଖାନା ତିଆରିକରନ୍ତେ ଓ ସେଠି ସବୁପ୍ରକାର ଚିକିତ୍ସାର ସୁବିଧା ରହନ୍ତା । ଲୋକମାନଙ୍କୁ ହନ୍ତସନ୍ତ ହୋଇ ବମ୍ବେ, ଦିଲ୍ଲୀ, ଭେଲୋର୍ ଯିବାକୁ ପଡନ୍ତାନି । ହେଲେ, ଏକଥା ଯେତେବେଳେ ପୁତୁରା ରବି ଶୁଣିଲା, ସିଏ ହୋ ହୋ କରି ହସିଲା । କହିଲା, "ଦାଦା, ତମ ମୁଣ୍ଡ ଖରାପ ନା କଣ ? ଆମ ରାଜ୍ୟରେ କଣ ଭଲ ହସ୍ପିଟାଲ୍ ନାହିଁ ବୋଲି ଭାବୁଛ ? ସେମିତି ନୁହେଁ । ତେବେ ଅସୁବିଧା ହେଲା, ରୋଗୀ ଓ ଡାକ୍ତରଙ୍କ ମାନସିକତା ଉପରେ । ଜଣେ ଯଦି ରୋଗୀ ଆଡ୍ମିଟେଡ୍ ହେଲା ତ, ତା ପରିବାର ଓ ବନ୍ଧୁବାନ୍ଧବ ସବୁ ଡାକ୍ତରଖାନାକୁ ନିଜ ଘର ବନେଇ ରହିବେ ଓ ଡାକ୍ତର ଓ ନର୍ସଙ୍କୁ ବାରମ୍ବାର ଡିଷ୍ଟର୍ବ କରି ଖାଇଯିବେ । ଆଉ ଗୋଟିଏ ଗୋଟିଏ ଡାକ୍ତର ଅଛନ୍ତି ଯେ, ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଲା ପଇସା ରୋଜଗାର, ସାମାନ୍ୟ ଅସୁବିଧାକୁ ଦଶଗୁଣ କରି ରୋଗୀକୁ ଯଦି ସର୍ବସ୍ୱାନ୍ତ ନକରିଛନ୍ତି, ତାହେଲେ କି ଡାକ୍ତର ?"

ଏସବୁ ଶୁଣି ସଦାନନ୍ଦ ଚୁପ୍ । ସିଏ ତ ଓଡିଶାରେ ବେଶିଦିନ ରହୁନାହାନ୍ତି । ଏତେସବୁ ଭିତିରି କଥା ଜାଣିବେ କେମିତି । ହେଲେ ରବି ସେଠି ଡାକ୍ତର ଅଛି । ସିଏ ଜାଣିଛି, ତାକୁ ତ ଆଉ ଅବିଶ୍ୱାସ କରିହେବନି ।

ରତିକାନ୍ତ ବାବୁଙ୍କର ଇଚ୍ଛାଥିଲା, ସଂଧାରଣୀୟ ବିକାଶ ଯୋଜନା (ସସଟେନେବଲ୍ ଡେଭ୍ଲପମେଣ୍ଟ) ମାଧ୍ୟମରେ ଓଡିଶାକୁ ଆତ୍ମନିର୍ଭଶୀଳ କରି ଗଢିବା । ନିଜେ ସିଏ ୧୯୯୯

ମସିହାର ମହାବାତ୍ୟାର ସେ କରାଳ ଛାୟା ଦେଖିଛନ୍ତି । ସମୁଦ୍ର ଲହରି ମାଡିଆସି ଯେମିତି କ୍ଷଣକରେ ଗାଁ, ଗଣ୍ଡା ଧ୍ୱଂସ କରି ଚାଲିଗଲା, ସେକଥା ଭାବି ସେ ବହୁତ ଦିନ ଧରି ଶୋଇ ପାରିନାହାନ୍ତି । ସମୁଦ୍ର କୂଳ ବାସୀ ଜନଜୀବନକୁ କେମିତି ରକ୍ଷା କରିହେବ, ସେ ନେଇ ସେ ବହୁତ ଚିନ୍ତା କରିଛନ୍ତି । ହେଲେ, ତାଙ୍କ ନିଜ ଦାଦା ତାଙ୍କୁ ବୁଝାଇଛନ୍ତି । "ଏଥିରେ ଇଞ୍ଜିନିୟରିଙ୍ଗ୍ ବୁଦ୍ଧିଠାରୁ ସାଧାରଣ ଜ୍ଞାନର ବେଶି ଆବଶ୍ୟକତା ଅଛି । ବ୍ୟବସାୟୀ ମାନେ ତ ପୁରୀ ବେଳାଭୂମି ଆଡକୁ ମାଡିମାଡି ହୋଟେଲ୍ ତିଆରି କରି ଚାଲିଛନ୍ତି, ପର୍ଯ୍ୟଟନ ସ୍ଥଳୀ କରାଇବାର ଆଳରେ ପ୍ରକୃତିକୁ ବିପର୍ଯ୍ୟସ୍ତ କରି ଚାଲିଛନ୍ତି, ସେଥିରେ ସମୁଦ୍ରର କଣ ଦୋଷ? "

ଏମିତି ସବୁ ଘାତ, ପ୍ରତିଘାତ ଭିତରେ ବି ସେ ପାଞ୍ଚବନ୍ଧୁ ତଥାପି ସ୍ୱପ୍ନ ଦେଖିଛନ୍ତ, ଆଶା ରଖିଛନ୍ତି, ସେମାନେ ଓଡିଶା ପାଇଁ କିଛି ତ ନିଶ୍ଚୟ କରିବେ । ଏବେ ସେମାନେ ସମସ୍ତେ ଷାଠିଏ ପାରି ହୋଇଗଲେଣି । କିଏ ଜାଣେ କେତେବେଳେ ଜୀବନ ଧକ୍କା ଦେଇଦେବ । ତେଣୁ ବେଳ ଥାଉଥାଉ ବ୍ୟବସ୍ଥା କରିବା ଉଚିତ । ବନ୍ଧୁ ଅନନ୍ତ ପ୍ରସ୍ତାବ ଦେଲେ ଯେ ସେମାନେ ସମସ୍ତେ ମିଶି ଓଡିଶା ଯିବେ, ଓଡିଶାର ବିଭିନ୍ନ ସ୍ଥାନ ନିଜେ ଦେଖିବେ, ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, ସବୁ ସ୍ତରର ଜୀବନଚର୍ଯ୍ୟାର ଅନୁଧ୍ୟାନ କରିବେ ଓ ସେଇଥିରୁ ନିଜ କର୍ତ୍ତବ୍ୟ ସ୍ଥିର କରିବେ ।

ରହିବା ପାଇଁ ପ୍ରଥମେ ହୋଟେଲ୍ ସବୁର ତାଲିକା କରାଗଲା । ହୋଟେଲରେ ରହିବା ତ ଠିକ୍, ହେଲେ ହୋଟେଲ୍ ଖାଇବା ତ ସବୁବେଳେ ଦେହରେ ଯିବନି । ସେଥିପାଇଁ ଅନନ୍ତଙ୍କର ସାନ ପୁତୁରା ପ୍ରସ୍ତାବଦେଲା ତାଙ୍କ ବଡ ପୁତୁରାର ଆଶ୍ରମରେ ରହିବାପାଇଁ । ତାଙ୍କ ବଡ ପୁତୁରା ରମଣ, ଜ୍ଞାନଦେବ ମହାରାଜଙ୍କର ଶିଷ୍ୟ । ସିଏ ଓଡିଶାରେ ଦୁଇଟି ଆଶ୍ରମ କରିଛି । ଆଶ୍ରମରେ ଅତି ନିର୍ମଳ ଜୀବନ । ପୁରୀରେ ଥିବା ଆଶ୍ରମର ମୁଖ୍ୟ କୋଠା ଦୁଇମହଲା । ସେଥିର ଉପର ମହଲାରେ ଚାରିଟି ରୁମ୍ । ତଳ ମହଲାରେ ଚାରିଟି ରୁମ୍ । ସବୁ ରୁମ୍ ସହିତ ବାଥ୍‌ରୁମ୍, କିଚିନ୍ ଲାଗି ରହିଛି । ଉପର ମହଲାର ରୁମ୍ ଦୁଇଟି ଆଶ୍ରମର ମହାରାଜ, ଅର୍ଥାତ୍ ଅନନ୍ତଙ୍କର ବଡ ପୁତୁରା ରମଣ ଓ ତାର ସହଧର୍ମିଣୀ ପୂଜା ମାତାଜୀଙ୍କ ପାଇଁ ଉଦ୍ଦିଷ୍ଟ ଥାଏ ଏବଂ ଅନ୍ୟ ଦୁଇଟି ରୁମ୍ ପରିବାରର ଅନ୍ୟ ସଦସ୍ୟଙ୍କ ଯିବାଆସିବା ପାଇଁ ଥାଏ । ତଳ ମହଲାରେ ଗୋଟିଏ ସାଧକ ମାନଙ୍କ କୋଠରି ଓ ଅନ୍ୟ ଗୋଟିଏ କୋଠରି ସାଧିକାମାନଙ୍କ

ପାଇଁ ଉଦ୍ଦିଷ୍ଟ । ଆଉ ଦୁଇଟି କୋଠରି ଅନ୍ୟ ଆଶ୍ରମମାନଙ୍କରୁ ଆସୁଥିବା ସାଧକ, ସାଧିକା ମାନଙ୍କ ପାଇଁ ରହିଥାଏ । ଆଶ୍ରମର ଛଅ ଜଣ କର୍ମଚାରୀ ପ୍ରାୟତଃ ସବୁବେଳେ ରହିଥାଆନ୍ତି । ଆଶ୍ରମର ଅତିଥିଭବନରେ ୭ଟି ଗେଷ୍ଟରୁମ୍ ଅଛି । ବେଳେବେଳେ ବିଶିଷ୍ଟ ବ୍ୟକ୍ତିମାନେ ପରିବାରଙ୍କୁ ନେଇ ଆଶ୍ରମ ପରିଦର୍ଶନ କରିବାକୁ ଆସିଲେ, ସେମାନେ ସେଠି ରହନ୍ତି । ଆଶ୍ରମର ସାଧନା ହଲ୍‌ଟିରେ ସକାଳ ପ୍ରାର୍ଥନା, ଭକ୍ତ ମିଳନ, ସନ୍ଧ୍ୟା ପ୍ରାର୍ଥନା ଇତ୍ୟାଦି କାର୍ଯ୍ୟକ୍ରମ ରହେ । ବର୍ଷକରେ ଦୁଇଥର ସାଧନା ଶିବିର ହୁଏ । ସେତେବେଳେ ସ୍ପେସିଆଲ୍ କ୍ୟାମ୍ପର ଆୟୋଜନ କରାଯାଏ ।

ଆଉ ସବୁଠାରୁ ଭଲକଥା ହେଲା, ଆଶ୍ରମର ୨୫ ଏକର ଜମିରୁ ୧୦ ଏକର ଜମିରେ ପରିବା ଚାଷ ହୁଏ । ସେହି ପରିବା ଆଶ୍ରମର ଅନ୍ତେଃବାସୀ ଓ ଅତିଥିମାନଙ୍କ ପାଇଁ ରନ୍ଧାହୁଏ । ରନ୍ଧାବଢା ବହୁତ ଯତ୍ନ ସହକାରେ ହୁଏ । ଜ୍ଞାନଦେବଙ୍କ ସଂସ୍ଥାର ଆଶ୍ରମ ଓଡିଶାର ସବୁ ସ୍ଥାନରେ ନାହିଁ, କେବଳ ପୁରୀ ପାଖରେ ଗୋଟିଏ ଆଶ୍ରମ ଓ ଅନ୍ୟଟି ବାଲେଶ୍ୱରରେ । ହେଲେ ଓଡିଶାର ପ୍ରତି ଜିଲ୍ଲାର ମୁଖ୍ୟ ସହର ମାନଙ୍କରେ ସେ ସଂସ୍ଥାର ଭକ୍ତମାନେ ଅଛନ୍ତି । ଆଶ୍ରମ ତରଫରୁ ପ୍ରଚାର ସମୟରେ ସେମାନେ ସବୁ ସାଧୁମାନଙ୍କର ରହିବା, ଖାଇବା ଓ ଅନ୍ୟାନ୍ୟ ଦାୟିତ୍ୱ ନେଇଥାଆନ୍ତି ।ସେଇମାନେ ବି ରମଣର ପରାମର୍ଶରେ ଏମାନଙ୍କର ସବୁ ଦାୟିତ୍ୱ ନେଇପାରିବେ । ଏସବୁ ଶୁଣି ଏ ପଞ୍ଚସଖାଙ୍କୁ ଏଇ ଆଶ୍ରମରେ ରହିବା ବ୍ୟବସ୍ଥା ହିଁ ଭଲଲାଗିଲା ।

ଏୟାରପୋର୍ଟରୁ ସିଧା ତେଣୁ ପଞ୍ଚସଖା ଆଶ୍ରମରେ ପହଞ୍ଚିଗଲେ । ରମଣ ନଥିଲା, ତା ସଂସ୍ଥାର ପ୍ରବଚନ ପାଇଁ ହରିୟାନା ଯାଇଥିଲା । ହେଲେ ତାର ସାଥୀ ଜଣେ ଗାଡି ନେଇ ପଞ୍ଚସଖାଙ୍କୁ ଆଣି ଆଶ୍ରମରେ ଛାଡିଦେଇଗଲା । ପୁରୀ, ଭୁବନେଶ୍ୱର ରାସ୍ତାରୁ ବଙ୍କେଇ ବଡ ଖରାପ ରାସ୍ତାଦେଇ ସେମାନଙ୍କୁ ଧକଡଚକଡ ହୋଇ ଆଶ୍ରମରେ ପହଞ୍ଚିବାକୁ ପଡିଲା । ହେଲେ ଆଶ୍ରମ ଗେଟ୍ ପାଖରୁ ବିସ୍ତୃତ ନଡିଆ ଗଛମାନଙ୍କର ଶୋଭା ଦେଖିଦେଖି ସେମାନେ ଯେତେବେଳେ ଗେଷ୍ଟ ହାଉସ୍ ସାମନାରେ ପହଞ୍ଚିଗଲେ, ହଠାତ୍ ସବୁ କ୍ଳାନ୍ତି ଯେମିତି ସେଇଠି ମରିଗଲା । ଦୁଇଜଣ ସାଧକ ଆସି ସେମାନଙ୍କ ଲଗେଜ୍ ଉପର ମହଲାକୁ ନେଇଗଲେ । ପାଞ୍ଚଜଣ ବନ୍ଧୁଙ୍କୁ ପାଞ୍ଚଟି କୋଠରିରେ ଥଇଥାନ କରି ସେମାନେ ଗେଷ୍ଟ ହାଉସ୍‌ର ଡାଇନଙ୍ଗ୍

ରୁମରେ ଏମାନଙ୍କ ପାଇଁ ଖାଦ୍ୟ ସଜାଡି ଅପେକ୍ଷା କରିରହିଲେ । ପାଞ୍ଚବନ୍ଧୁ ଗାଧୋଇପାଧୋଇ, ନଜିନଜର ପୋଷାକ ବଦଳାଇ ଆସି ଡାଇନଙ୍ଗ୍ ରୁମ୍ରେ ପହଞ୍ଚିଗଲେ ।

ଭାତ, ଡାଲି, ରୁଟି, ବ୍ରକୋଲି ଭଜା, ଫୁଲକୋବି ତରକାରୀ, ବାଇଗଣ ଭଜା, ଟମାଟୋ ଖଟା ଓ ଖିରି । ସବୁ ପରିବା ସିଧା ବଗିଚ୍ଚରୁ ତୋଳାହୋଇ ଆସିଥିଲା ଓ ବଡ ସୁସ୍ୱାଦୁ ଥି । ଏତେଦିନ ପରେ ଏସବୁ ସୁନ୍ଦର, ସତେଜ ଖାଦ୍ୟ ଖାଇ ପ୍ରଫେସର୍ ବିକାଶବାବୁଙ୍କ ଆଖିରେ ଲୁହ ଜକେଇ ଆସିଲା । ଡାକ୍ତର ସନାତନ ବାବୁ ମନ୍ତବ୍ୟ ନଦେଇ ରହିପାରିଲେନ । "ପ୍ରକୃତରେ ଏମିତି ଖାଦ୍ୟ ପ୍ରତିଦିନ ଖାଇଲେ ଆମ ଶରୀର ଜବରଦସ୍ତ ସୁସ୍ଥ ରହିବ । ଧନ୍ୟବାଦ ବନ୍ଧୁ ଅନନ୍ତ । ତମ ପୁତୁରାଙ୍କୁ ଅଶେଷ ଧନ୍ୟବାଦ ।"

ସମସ୍ତେ ସନାତନ ବାବୁଙ୍କ କଥାରେ ଏକମତ ହେଲେ । ଅନନ୍ତ ସେତେବେଳେ ତାଙ୍କ ପୁତୁରା ରମଣର କଥା ଭାବୁଥିଲେ । ଇଞ୍ଜିନୟରିଙ୍ଗ୍ ପାସ୍ କରି ଗୋଟିଏ ବଡ ସଂସ୍ଥାରେ ବାଙ୍ଗାଲୋରରେ କାମକରୁଥିଲା । ମୋଟାଅଙ୍କର ରୋଜଗାର ବି କରୁଥିଲା । ହେଲେ ଦିନେ ସବୁ ଛାଡିଛୁଡି ଆସି ଘରେ ଖବରଦେଲା ଯେ ସିଏ ଚାକରି ଛାଡିଦେଇଛି ଓ ବାବା ଜ୍ଞାନଦେବଙ୍କ ସଂସ୍ଥାରେ ଯୋଗଦାନ କରିଛି । ଘରର ବଡପୁଅ, ତାର ଏମିତି ପାଗଳାମୀରେ ସମସ୍ତେ ବଡ ଆଘାତ ପାଇଥିଲେ । ହେଲେ, ଅନନ୍ତଙ୍କ ବଡଭାଇ ପୁଅର ସିଦ୍ଧାନ୍ତରେ ତାକୁ ଯିବାକୁ ଦେଇଥିଲେ । ରମଣ ସେ ସଂସ୍ଥାର ଜଣେ ସାଧ୍ୱୀଙ୍କୁ ଧର୍ମବିବାହ କଲା । ନୈନତାଲ ଆଶ୍ରମରେ ପାଞ୍ଚବର୍ଷ ଧର୍ମ, ପ୍ରବଚନ, ପ୍ରଚାର ଇତ୍ୟାଦିରେ ତାଲିମ ପ୍ରାପ୍ତ କରି ପ୍ରଚାରକ ହେଲା । ସେ ପ୍ରଚାରକ ହେବା ପରେ ଓଡିଶାରେ ଦୁଇଟି ଆଶ୍ରମ ତିଆରି କରାଇଲା ଓ ଓଡିଶାରେ ଜ୍ଞାନଦେବଙ୍କ ଧର୍ମର ପ୍ରଚାରର ଦାୟିତ୍ୱ ନେଲା । ରମଣର ସେସବୁ କାର୍ଯ୍ୟବିଧିରେ ଅନନ୍ତ ସନ୍ତୁଷ୍ଟ ନଥିଲେ, ଏବେବି ନୁହଁନ୍ତି । କନ୍ତୁ, ଅବଶ୍ୟ ଏ ଆଶ୍ରମଟିକୁ ଏକ ଆଦର୍ଶ ଆଶ୍ରମ ରୂପେ ଗଢିଛି ରମଣ । ଗେଷ୍ଟ୍ ହାଉସ୍ର ସବୁ ବ୍ୟବସ୍ଥାକୁ ଦେଖି ଅନନ୍ତ ସେସବୁ ବୁଝିପାରୁଥିଲେ । ୟୁରୋପ୍ ଷ୍ଟାଇଲ୍ର ଗାଧୁଆ ଘର ଓ ରୁମ୍ର ଡିଜାଇନ୍ ସବୁ । ସବୁ ସଫା, ସୁତୁରା । ଡାଇନଙ୍ଗ୍ ହଲ୍, କେତେ ସଫା, କେତେ ସୁନ୍ଦର ଡିଜାଇନ୍ର; ସେଥିରେ ପୁଣି ରାଜସ୍ଥାନୀ କାଚର କାରୁକାର୍ଯ୍ୟ ରୁମ୍ର ଶୋଭାକୁ ଆହୁରି ପରିବର୍ଦ୍ଧିତ କରୁଥାଏ । ଏସବୁ ପାଇଁ ଏତେ ପଇସା କେଉଁଠୁ ଆସେ କେଜାଣି ?

ସେମାନେ ଆଶ୍ରମରେ ପ୍ରଥମ ପାଞ୍ଚଦିନ କଟାଇବାର ବ୍ୟବସ୍ଥାଥିଲା । ପାଞ୍ଚଦିନ ଭିତରେ ସେମାନେ ଗୋଟିଏ ଦିନ ପୁରୀ ଯିବେ, ପୁରୀର ଗଳି, କନ୍ଦି ବୁଲିବେ । ଆଉ ଗୋଟିଏ ଦିନ ଭୁବନେଶ୍ୱର ଯିବେ, ସେଠିକାର ଗଳିକନ୍ଦି ବି ବୁଲିବେ । ତାପରେ ଯିବେ ବାଲେଶ୍ୱର ଆଶ୍ରମକୁ । ସେଠି ବି ପାଞ୍ଚଦିନ ରହିବେ । ତାପରେ ସମ୍ବଲପୁର ଯିବେ, ସେଠି ଦୁଇଦିନ, ବରଗଡରେ ଦୁଇଦିନ, ଭବାନୀପାଟଣାରେ ଦୁଇଦିନ, ଢେଙ୍କାନାଳରେ ଦୁଇଦିନ, ବରହମ୍ପୁରରେ ଦୁଇଦିନ, ରାଉରକେଲାରେ ଦୁଇଦିନ ଇତ୍ୟାଦି ଲିଷ୍ଟ ହୋଇଗଲା । ହେଲେ, ସେଦିନ ସନ୍ଧ୍ୟାରେ ବୈଜ୍ଞାନିକ ଆଶୁତୋଷଙ୍କ ଘରୁ ଫୋନ୍ ଆସିଥିଲା, ତାଙ୍କ ଝିଅ ବାରମ୍ବାର ତାଗିଦ୍ କଲା, "ବାପା, ଏତେ କେୟାରଲେସ୍ ହୁଅନ ପ୍ଲିଜ୍ । ତିନ, ଚାରିଟା ସିଟି ବୁଲ । ସେଇଟା ଠିକ୍ । ହେଲେ ଆଜି ଏଠି, କାଲି ସେଠି, ଏମିତି କଲେ ତମ ଦେହ ଖରାପ ହେବ ।"

ସେଦିନ ସନ୍ଧ୍ୟାରେ ସେମାନେ ସାଧନାଗୃହରେ ଭଜନ, ସନ୍ଧ୍ୟା ଆରତୀ ଓ କୀର୍ତ୍ତନରେ ଯୋଗଦେଲେ । ମନ ବଡ ଶାନ୍ତଶାନ୍ତ ଲାଗିଲା । ରାତିର ଖାଇବା ବି ସେମିତି ସ୍ୱାଦିଷ୍ଟ ଥିଲା । ବହୁତ ଦିନପରେ ସଦାନନ୍ଦ ବାବୁଙ୍କୁ ନିଜ ପୂର୍ବତନ ପ୍ରେମିକା ଗୌରୀର ସ୍ମୃତି ମନକୁ ଆସିଲା । ଗୌରୀ କହୁଥିଲା, "ଜାଣିଲ, ମୋର କଣ ଇଚ୍ଛା ହୁଏ, ମୁଁ ଏମିତି ଏକ ଆଶ୍ରମର ପରିବେଶରେ ରହନ୍ତି । ସେଠି ପ୍ରକୃତି ଓ ଯାନ୍ତ୍ରିକ ସୁବିଧାର ମହାମିଳନ ହୋଇଥାଆନ୍ତା, ମାନେ ଇଲେକ୍ଟ୍ରିସିଟି ଥାଆନ୍ତା, ନିର୍ମଳ ପାଣି ଥାଆନ୍ତା, ନିର୍ମଳ ପବନ ଥାଆନ୍ତା, ପରିବେଶରେ ସବୁଜିମା ଥାଆନ୍ତା, ବଗିଚାରେ ଫୁଲ ଥାଆନ୍ତା, ପାଖରେ ଝରଣା ଥାଆନ୍ତା ଓ ସେ ଝରଣା ବହିଯିବାର ସ୍ୱର ଶୁଭୁଥାଆନ୍ତା ।"

ଗୌରୀ କଣ ଏ ଆଶ୍ରମ ସହିତ ଜଡିତ କି? ନହେଲେ ଗୌରୀର ସ୍ୱପ୍ନ ଭଳି ଏ ଆଶ୍ରମରେ ସବୁ ଜିନିଷ କେମିତି ଖଞ୍ଜା ହୋଇ ରହିଛି ? ଆଶ୍ରମ ସବୁ ଏତେ ଆଧୁନିକ ସୁବିଧା, ସୁଯୋଗ ଖଞ୍ଜି ରଖିଥାଏ ବୋଲି ସଦାନନ୍ଦ ବାବୁଙ୍କର ଧାରଣା ନଥିଲା ।

ସଦାନନ୍ଦ ଆମେରିକା ଯିବାକୁ ସ୍ଥିର କରିଥିବାରୁ, ଗୌରୀ ତାଙ୍କ ସହିତ ସଂପର୍କ କାଟି ଦେଇଥିଲା । ସନାତନ ଶୁଣିଥିଲେ, ସିଏ କୋରାପୁଟ ଜିଲ୍ଲାର କେଉଁଠି ଶିକ୍ଷୟିତ୍ରୀ ହୋଇ ରହିଛି । ହେଲେ ସୁପ୍ରଭାଙ୍କ ସହିତ ବିବାହ ହେବାପରେ ସିଏ ଗୌରୀ କଥା କେବେ ଭାବିନାହାନ୍ତି । ଆଜି ହଠାତ୍ ଏ ଆଶ୍ରମର ପରିବେଶରେ କାହିଁକି କେଜାଣି ଗୌରୀ କଥା ମନେ ପଡିଗଲା । ଗୌରୀ କଥା ମନେ

ପଡିଯିବାରୁ, ସେଦିନ ରାତିରେ ବହୁତ ଦିନ ପରେ, ଡାକ୍ତର ସଦାନନ୍ଦ ଏକ ପ୍ରେମ କବିତା ଲେଖିଲେ, ଗୁରୁ ପାଇଁ ।

ଦ୍ୱିତୀୟ ଦିନ ସକାଳର ପ୍ରାର୍ଥନା ସରିଗଲା ପରେ ସମସ୍ତେ ଚାଲିଯାଇଥିଲେ । ହେଲେ ସେ ପାଞ୍ଚବନ୍ଧୁ ସେଇଠି ବସିରହିଥିଲେ । ସମସ୍ତେ ଚାଲିଯିବାପରେ, ଅନ୍ୟ ଚାରିବନ୍ଧୁଙ୍କୁ ଆଶ୍ଚର୍ଯ୍ୟଚକିତ କରି ସଦାନନ୍ଦ ତାଙ୍କ କବିତା ଶୁଣାଇଥିଲେ ସେମାନଙ୍କୁ ।

ବନ୍ଧୁମାନେ ସମସ୍ତେ ବିହ୍ୱଳ ହୋଇଗଲେ । ପ୍ରଫେସର୍ ବିକାଶ ତାଳି ମାରିଲେ । "ବୁଝିଲ ବନ୍ଧୁମାନେ, ଆମେମାନେ ଆମେରିକାରେ ରହି ଓଡିଆ ଲେଖାଲେଖି ସବୁ ଭୁଲିଗଲେଣି । ଦେଖ, ସଦାନନ୍ଦ କେମିତି ସେ ଭାଷା ସଂଯୋଗ କରିଦେଲା । ମୁଁ ଭାବୁଛି, ଆମେ ସମସ୍ତେ ବି ପ୍ରତିଦିନ ରାତିରେ, କଛିକଛି ଲେଖିବା ଓ ଏ ସାଧନାଗୃହରେ ପର୍‌ଦିନ ସହିତ ବାଣ୍ଟିବା ।"

କଥାଟା ସମସ୍ତଙ୍କ ମନକୁ ପାଇଲା । ସେଦିନ ସେମାନଙ୍କର ଭୁବନେଶ୍ୱର ଭ୍ରମଣରେ ଯିବାର ଥିଲା । ରମଣ ଗାଡି ଠିକ୍ କରିଦେଇଥିଲା । ଯଥା ସମୟରେ ଡ୍ରାଇଭର୍ ଆସି ନେଇଗଲା । ସେମାନଙ୍କ ସହିତ ଆଉଜଣେ ଆସିଷ୍ଟାଣ୍ଟ ବି ଥିଲା, ସେମାନଙ୍କର ସୁବିଧା, ଅସୁବିଧା ବୁଝିବାକୁ । ଦିନ ରାତିରେ ସମସ୍ତେ ନିଜନିଜର ପୁରୁଣାଦିନ ଉପରେ କବିତା ଲେଖିଥିଲେ, ଓଡିଆରେ । ବିକାଶ ବାବୁ ଲେଖିଥିଲେ ତାଙ୍କ ସ୍କୁଲ୍ ଉପରେ, ସଦାନନ୍ଦ ବାବୁ ଲେଖିଥିଲେ "ମୋ ଗୁରୁର ସ୍ୱପ୍ନ" ଶୀର୍ଷକରେ, ରତିକାନ୍ତ ଲେଖିଲେ, "ଆମ ଗାଁ ପୋଲ", ଅନନ୍ତ ଲେଖିଥିଲେ "ମୋ ଗାଁର ସୋରିଷ ଖେତ", ଆଶୁତୋଷ ଲେଖିଲେ, "ଆଶ୍ରମ ସୁଖ" ।

ତା ପରଦିନ ସକାଳ ଭୋଜନ ପରେ, ସେମାନେ ପରସ୍ପରକୁ ନିଜନିଜର କବିତା ପଢି ଶୁଣେଇଲେ । ନିଜର ଓଡିଆ ଲେଖାରେ ସେମାନେ ଏତେ ଖୁସି ଥିଲେ ଯେ, ସମସ୍ତେ ଆମେରିକାରେ ଥିବା ନିଜନିଜର ପରିବାରକୁ ନିଜ ଲେଖା କୃତିତ୍ୱର ମହିମା ଫୋନ୍ କରି ଜଣାଇଲେ ।

ଆଶ୍ରମ ଜୀବନ ସେମାନଙ୍କୁ ଭାରି ଭଲଲାଗିଲା । ପୁରୀ ଆଶ୍ରମରେ ପାଞ୍ଚଦିନ କଟାଇ ସେମାନେ ବାଲେଶ୍ୱର ଆଶ୍ରମ ଗଲେ । ସେଠି ତ ଆହୁରି ଚମତ୍କାର କଥା ହେଲା । ସେ ଆଶ୍ରମରେ ଅନେକ ବୁଢାବୁଢୀ ଆସି ରହୁଥିଲେ । ସେମାନେ ଆଶ୍ରମ ପାଇଁ ଛୋଟଛୋଟ କାମ ସବୁ କରୁଥିଲେ ଓ ବଦଳରେ ଆଶ୍ରମର ଅନ୍ୟାନ୍ୟ କର୍ମୀମାନେ ସେମାନଙ୍କର ଯତ୍ନ ନେଉଥିଲେ ।

ଏ ପଞ୍ଚସଖା ନିଜ ରୁଟିନ୍ ଅନୁଯାୟୀ, ପ୍ରତିଦିନର କବିତା ଲେଖିଲେ, ଏବେ ନୂଆ ରକମର, ନୂଆ ସ୍ୱାଦରେ, କେତେବେଳେ ବାଲେଶ୍ୱର ଜିଲ୍ଲାର ବୁଲାବୁଲିର ଅଭିଜ୍ଞତାକୁ ନେଇ ତ, କେତେବେଳେ ଆଶ୍ରମର ଅନ୍ତେଃବାସୀ ମାନଙ୍କର କାହାଣୀକୁ ନେଇ ।

ବାଲେଶ୍ୱର ପରେ, ସେମାନେ ଦୁଇଦିନ ପାଇଁ ସମ୍ବଲପୁର ଓ ଦୁଇଦିନ ପାଇଁ ଢେଙ୍କାନାଳ ଯାଇଥିଲେ । ପ୍ରତିଦିନ କବିତା ଲେଖୁଥିଲେ ଓ ନିଜ ପରିବାରବର୍ଗଙ୍କୁ କବିତା ଶୁଣାଇ ଖୁସି ହେଉଥିଲେ ।

ଏବେ ସେମାନେ ପୁଣି ପୁରୀ ଆଶ୍ରମ ଫେରିଆସିଛନ୍ତି । ଏବେ ବଳକା ଗୋଟିଏ ସପ୍ତାହ ସେମାନେ ଅଲଗା ଅଲଗା ଓଡିଶାରେ ରହୁଥିବା ସମ୍ବନ୍ଧୀୟଙ୍କ ଓ ପରିବାରବର୍ଗଙ୍କ ସହିତ କଟାଇ ପୁଣି ଆମେରିକା ଫେରିଯିବେ ।

ସେଦିନ ରାତ୍ରିଭୋଜନ ପରେ ସେମାନେ ସେଇ ବିଷୟରେ ଆଲୋଚନା କରୁଥିଲେ ।

ପ୍ରଫେସର୍ ବିକାଶ କହିଲେ, "ବୁଝିଲ ବନ୍ଧୁମାନେ, ମୋର ଗୋଟିଏ ବହୁତ ଭଲ ଆଇଡିଆ ଆସିଛି ।"

"ସେଇଟା କଣ? " - ସଦାନନ୍ଦ ପଚାରିଲେ ।

"ସେଇଟା ହେଲା ଯେ, ଏମିତି ଆଶ୍ରମ ପରିବେଶରେ ଏକ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା କେନ୍ଦ୍ର ।" - ବିକାଶ କହିଲେ ।

"ହେଲେ ମୁଁ ଭାବୁଛି, ତା ସହିତ ଏକ ସ୍ୱାସ୍ଥ୍ୟକେନ୍ଦ୍ର ବି ରହିବା କଥା । ମାନେ, ଆଶ୍ରମର ବୟସ୍କ ଅନ୍ତେଃବାସୀ ମାନଙ୍କ ସ୍ୱାସ୍ଥ୍ୟ ପାଇଁ ।" - ସଦାନନ୍ଦ କହିଲେ ।

ସଦାନନ୍ଦ ବାବୁଙ୍କର ଏମିତି ମନ୍ତବ୍ୟରେ ସମସ୍ତେ ପରସ୍ପରକୁ ଚାହିଁଲେ । ସମସ୍ତେ ସେଇଆ ହିଁ କହିବାକୁ ଚାହୁଁଥିଲେ ଯଦିଓ କେମିତି, କଣଟା କରିବେ, ସେଇଟା ଏତେ ସ୍ପଷ୍ଟ ଭାବେ ଜାଣିନଥିଲେ, ତେବେ, "ଆଶ୍ରମ" ଶବ୍ଦଟା ହିଁ ସେମାନଙ୍କ ମନରେ ମୋହିନୀ ଯାଦୁ ବିସ୍ତାର କରିସାରିଥିଲା ।

ରତିକାନ୍ତ କହିଲେ, "ମୁଁ ସେସବୁର ଡିଜାଇନ୍ କରିବାକୁ ପ୍ରସ୍ତୁତ । ଦୁଇଟି ଆଶ୍ରମ ଦେଖି ତ ଆମର କିଛି ଆଇଡିଆ ହେଲା ।"

ଅନନ୍ତ କହିଲେ, "ମୁଁ ଏଠି କଥାବାର୍ତ୍ତା କରି ପ୍ଲଟ୍ କିଣିବାରେ ଓ ଅର୍ଥ ଉପଯୋଗ କରିବାରେ ସାହାଯ୍ୟ କରିପାରିବି ।"

ଆଶୁତୋଷ ଏକ ତୃପ୍ତିର ହସ ହସି କହିଲେ, "ହଁ ସାଙ୍ଗମାନେ, ମତେ ତ ଏ ଆଶ୍ରମ କନସେପ୍ଟ ବହୁତ ଭଲଲାଗୁଛି । ମୁଁ ମୋ ସଞ୍ଚୟ ସେଥିରେ ଉପଯୋଗ କରିବାକୁ ପ୍ରସ୍ତୁତ । ହେଲେ....? "

ଆଶୁତୋଷଙ୍କର "ହେଲେ...." ଶୁଣି ସମସ୍ତେ ପରସ୍ପରକୁ ଚାହିଁଲେ । ହଠାତ୍ ସମସ୍ତେ ଏକସ୍ୱରରେ ପଚାରିଲେ, "ଏ ହେଲେର ଅର୍ଥ କଣ? "

ଆଶୁତୋଷ ହସିକରି କହିଲେ, "ହେଲେର ଅର୍ଥ ହେଲା, ସେଠି ରହିବ କିଏ ? "

ସେତିକିବେଳେ ସଦାନନ୍ଦଙ୍କ ପତ୍ନୀ ସୁପ୍ରଭା ଫୋନ୍ କଲେ । ସଦାନନ୍ଦ ଅତି ଖୁସି ହୋଇ କହିଲେ, "ଜାଣିଛ, ଆମେମାନେ ଶେଷରେ ସ୍ଥିରକଲୁ ଯେ ଓଡିଶାରେ ଏକ ଆଦର୍ଶ ଆଶ୍ରମ କରିବୁ ।"

ସୁପ୍ରଭା ହସିହସି ଗଡିଗଲେ ସତେକି ? ସେପଟୁ କହିଲେ, "ତମେ ଆଉ କଣ କରିବା ପାଇଁ ଯୋଗ୍ୟ କି ? ସେଇଥିପାଇଁ ଏତେ ଫୁଟାଣି ମାରୁଥିଲ ? ଓ୍ୱାର୍ଲଡ୍‌କ୍ଲାସ୍ ଡାକ୍ତରଖାନା କରିବାକୁ ଭାବୁଥିଲ ପରା ? ସେକଥା କଣହେଲା ? ଏବେ ସେ ସ୍ୱପ୍ନ ଆଶ୍ରମରେ ରହିଗଲା ? କଣ ଆମେରିକାରୁ ଯାଇ ସେ ଆଶ୍ରମରେ ରହିବ ନା କଣ? ପ୍ରତିଦିନ ହରିନାମ ଜପିବ । ଆଉ ମୁଁ? ମୁଁ ତ ସେଠି ଆଶ୍ରମରେ ରହିପାରିବିନି । ନେଭର୍ ।"

ସଦାନନ୍ଦ ଆଉ ଶୁଣିପାରିଲେନି । ଫୋନ୍ ରଖିଦେଲେ । ସୁପ୍ରଭା ସବୁବେଳେ ଏମିତି । କୌଣସି କଥା ଆରମ୍ଭ କଲେ, ଏମିତି ଥଟ୍ଟାମଜା କରି ମୁଡ୍ ଅଫ୍ କରିଦେବେ ।

ଆଜି ଏ ଆଶ୍ରମର ତତ୍ତ୍ୱାବଧାରିକା ରାଧାରାଣୀ ଦେବୀଙ୍କର ଆସିବାର ଥିଲା । ତାଙ୍କୁ ବିଶେଷ କରି ରମଣ ପଠାଇଥିଲା । ହୁଏତ ଆସିଯିବେ କି କଣ ? ଏ ପଞ୍ଚସଖା ଚାହୁଁଥିଲେ ତାଙ୍କ ସହିତ କଥାବାର୍ତ୍ତା କରି ତାଙ୍କର ଅଭିଜ୍ଞତା ବିଷୟରେ ବୁଝିବେ । ଯଦି ସେମାନେ ଭବିଷ୍ୟତରେ ଏକ ଆଦର୍ଶ ଆଶ୍ରମ ଗଢିବାର ଯୋଜନା କରନ୍ତି, ତେବେ ହୁଏତ ସେମାନଙ୍କୁ କିଛି ସୂତ୍ର ମିଳପାରେ ।

ପାଞ୍ଚବନ୍ଧୁ ଅତି ଆଗ୍ରହ ସହିତ ଅପେକ୍ଷା କରି ବସିରହିଲେ । ଏହି ସମୟରେ କବାଟ ଖୋଲିବାର ଶବ୍ଦ ହେଲା । ଆଶ୍ରମର କର୍ମୀ ସିଧୁ କବାଟ ଖୋଲିଦେଲା । କହିଲା, "ମା' ଆସିଗଲେ ।"

"ମା କିଏ ?" - ସଦାନନ୍ଦ ବାବୁ ପଗ୍ଚରିଲେ ।

"ମା' ଏ ଆଶ୍ରମର ସବୁକିଛି । ସେ ହିଁ ଏ ଆଶ୍ରମକୁ ଗଢିଛନ୍ତି । ତାଙ୍କ ଯୋଜନା ଅନୁଯାୟୀ ଏ ଆଶ୍ରମ ତିଆରି ହୋଇଛି ଓ ଆଶ୍ରମର ସବୁ କାମକାର୍ଯ୍ୟ ଗ୍ଚଲିଛି ।"

ସିଧୁର କଥା ନସରୁଣୁ ଗୈରିକ ବସନ ପରିହିତା ନାରୀ ଜଣେ ସାଧନାଗୃହ ଭିତରକୁ ପ୍ରବେଶ କଲେ ।

ସଦାନନ୍ଦ ବାବୁ ତାଙ୍କୁ ଦେଖି ଚତ୍କାର କଲେ, "ଆରେ ଗ୍ଚରୁ, ତୁ ? ତୁ କେମିତି ଜାଣିଲୁ ମୁଁ ଏଠି ଅଛି ବୋଲି ?"

ସିଧୁ କହିଲା, "ଇଏ ଆମ ମା', ଆପଣ ଭ୍ରମରେ ପଡିଗଲେ କି?"

ପ୍ରକୃତରେ ରାଧାରାଣୀ ଦେବୀ ଓରଫ୍ ଗ୍ଚରୁର ଚେହେରାରେ ଜମା ବି କିଛି ପରିବର୍ତ୍ତନ ହୋଇନଥିଲା । ତା' କେଶ ସେମିତି କଳା ଥିଲା, ଚେହେରା ସେମିତି ଆଙ୍କିଦେବା ଚହଟିଏ ଭଳି । ଆଖି ସେମିତି ଦୀପ୍ତ ଓ ମୁହଁ ସେମିତି ହସହସ ।

ଆଗନ୍ତୁକାଙ୍କ ମୁହଁ ଉଜ୍ଜ୍ୱଳ ଦିଶିଲା । ସେ ସେମିତି ସଦାନନ୍ଦଙ୍କୁ ଅପଲକ ନେତ୍ରରେ ପ୍ରଶ୍ନିଳ ଦୃଷ୍ଟିରେ ଗ୍ଚହିଁ ରହିଲେ ।

ଆଉ ଗ୍ଚରିବନ୍ଧୁ ଠାଠରି ହେଲେ, ଯେମିତି କି ନିଜନିଜକୁ ପଗ୍ଚରୁଥିଲେ, "ଏ ଆଶ୍ରମ ତେବେ ସେଇ ଗ୍ଚରୁର ସ୍ୱପ୍ନ ? ଆମେ ତେବେ କଣ ସେ ଗ୍ଚରୁର ସ୍ୱପ୍ନ ପାଲଟିଗଲେ ?"

ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଅକସ୍ମାତ୍
## (Accidentally )



ବିନୟ ମହାପାତ୍ର

ରୂପାଲୀ ଛକ ବସ୍ ଷ୍ଟପ, ସମୟ ପାଖା ପାଖି ଛଅଟା ବାଜିବ । ଅଫିସ ଫେରନ୍ତା ଭିଡ। ଟାଉନ୍ ବସ୍ କୁ ଅପେକ୍ଷା । ଗୋଟିକ ପରେ ଗୋଟିଏ ବସ୍ ଗୁଲି ଯାଉଚ, ସବୁ ଓଭରଲୋଡେଡ । ଓହଳ ଓହଳ ଯାଉଥିବା ଯାତ୍ରୀ, ସତେବା ଶୋଡଷୀ ବଧୁର ଗଭିର ଗଜରା, ଓହଳ ଆସିଛି ତାର ଖୋଷାରୁ, ଏଇନେ ଖସିପଡିବ, ହେଲେ ଖସି ପଡେନା । ଜାବୁଡି ଧରିଥାଏ ତାର ରେଶମୀ ଖୋଷାକୁ । ହଳଦୀ ବସନ୍ତ ରଙ୍ଗର ଶାଢି ପିନ୍ଧି, କଲେଜ ଝିଅଟିଏ ପରି ଆଗକୁ ମାଡି ଯାଉଥିବା ଟାଉନ୍ ବସ୍ ସବୁ ଖୁବ୍ ସନ୍ତର୍ପଣରେ ଗୁଲି ଯାଉଥାନ୍ତି । କୁଆଡେ ଗୁହୁଁ ନଥିବେ ହେଲେ ସବୁ ଦେଖୁଥିବେ ଯାଗା ନଥିଲେ ବି ଖାଲି ଅଛିର ପ୍ରତିଶୃତି ଦେଇ ଭୁଲେଇ ନେବ, ସତେବା ଅତି ଆପଣାର, ତେଣିକ ଭିତରକୁ ଆସାଗଲା ପରେ ଏଠି ସମସ୍ତେ ସମାନ, ବସୁଧୈବ କୁଟୁମ୍ବକମ୍, ଆପଣ କଛି ସ୍ପେସାଲ ଆଶା କରିବାଟା ବଡ ଅନ୍ୟାୟ। ଅନ୍ୟ ମାନଙ୍କ ପରି ଆପଣଙ୍କୁ ମଧ୍ୟ ଏଠି ଏଡଜଷ୍ଟ କରି ନେବାକୁ ହେବ ।

ହେ...ଇ, ହଠାତ୍ ପିଠିରେ କହାର ନରମ ହାତର ପରଶ ପାଇ ପଛକୁ ମୁଡି ଗୁହିଁଲି, ମୁରୁକ ହସାଧାରେ ଓଠରେ ନେଇ ଖୁବ୍ ସୁନ୍ଦର ଝିଅଟିଏ, ପୁରିଲା ପୁରିଲା ଗାଲ, ଦୁଧ ଅଳତା ରଙ୍ଗର ସଜଫୁଟା ଗୋଲାପ ଟିଏ ଅବା, ତାର କଜଳ ମଖା ଆଖିରେ ବଡ ଉତ୍ସାହ ର ସହିତ ମୋ ମୁହଁକୁ ଟୁକ୍ ଟୁକ୍ ଆଖିରେ ଅପଲକ ଗୁହିଁ ରହିଥାଏ । ଆଖିରୁ ତାର ପଢି ହେଉଥାଏ ଅନେକ ତୃପ୍ତିର ପ୍ରେମ କବିତା ଟିଏ, ହାତରେ ତାଳ ବଜେଇ ଏଇନେ ନାଚ ଯିବ ପରା ଅବୋଧ ଶିଶୁ ଟିଏ ପରି । ଏତେ ଆନନ୍ଦ ତା ହୃଦୟ ଭିତରେ ସତେବା ଲହଡି ମାରୁଥିଲା କନ୍ତୁ ସେ ତାର ଖୁସିକୁ ପ୍ରକାଶ କରି ପାରୁ ନଥିଲା । ହେଲେ ମୁଁ କନ୍ତୁ ମନେପକାଇ ପାରୁନଥିଲି ସେଇ ଅନ୍ତରା ଟିକୁ, କେଉଁ କବିତା ସିଏ? ଜଣା ସଂଗୀତ ଟିଏ ତାର ସୁର ତ ଝାପ୍ସା ଝାପ୍ସା ମନେ ପଡୁଛି ହେଲେ ମନେ ପଡୁନ ଗୀତଟିର ବୋଲ ।

ଆଖିରେ ମୋର ଅଚହ୍ନା ଅଚହ୍ନା ସନ୍ଦେହ ତା ହସ ହସ ଗୁନ୍ଦ ପରି ମୁହଁ ଟି ଉପରେ ଢାଙ୍କି ଆଣୁଥିଲା ହାଲକା ବାଦଲ ର ଛାଇ, ସେ ବର୍ଷିବାକୁ ଥିବା ମେଘ ପରି ଗୁମ ମାରି ଆସୁଥିଲା । ଧୀରେ ଧୀରେ ନୀରବତା ଭାଙ୍ଗି, ମୁଁ ଯେତେବେଳେ କହିଲି, ‘ଚହ୍ନି ପାରିଲିନ’, ଝିଅଟି ହଠାତ୍ ତଳକୁ ମୁହଁ ପୋତି, ପାଦର କମ୍ପାସରେ ତାର ଭୂଇଁରେ ବୃତ କଟୁଥିଲା । ପୁଣି ପଗୁରିଲି,

ଆପଣଙ୍କର ନାଆଁଟି ଜାଣି ପାରେକି? ସେଇ ତଳକୁ ମୁଁହ ପୋତି ବୃତର ପରିଧିରେ ପାଦର ବୁଢା ଆଙ୍ଗୁଠି ବୁଲଉ ବୁଲଉ ଝିଅଟି ଗୁପ୍ତ ସ୍ୱରରେ କହିଲା 'ମିତା' । ସତେବା ବିଣାର ତାର ରେ ଅଜାଣତରେ କାହାର ହାତ ବାଜିଗଲା । ସେ ପୁଣି କହିଲା, 'ମୁଁ ଢେଙ୍କାନାଳ କଲେଜରେ ପ୍ଲସ ଟୁ ପଢୁଥିଲି, ସେଠି ଆପଣଙ୍କୁ ପ୍ରାୟ ସବୁଦିନ କଲେଜ ଯିବା ଆସିବା ରାସ୍ତାରେ ଦେଖୁଥିଲି, ଆପଣଙ୍କ ନାଆଁ ନଜାଣିଥିଲେ ବି, ଆପଣଙ୍କୁ ନ ଚହ୍ନିଲେ ବି, କାହିଁକି କେଜାଣି ମନେହୁଏ ଆପଣ ମୋର ଖୁବ୍ ଚହ୍ନା ଖବ୍ ଘନଷ୍ଠ ଖୁବ୍ ଆପଣାର ଆପଣାର ଲାଗନ୍ତି ଆପଣ। ମୁଁ ଏବେ ଆର୍ ଡି ରେ ବି.ଏ ଫାଇନାଲ ଇଅର ପଢୁଛି, ବାପାଙ୍କ ଟ୍ରାନ୍ସଫର ସେକ୍ରେଟିଏଟ କୁ ହୋଇଗଲା । ବହୁତ ଦିନ ପରେ ଆପଣଙ୍କୁ ଦେଖି, ମୁଁ ସବୁ କଛି ଯେମିତି ଭୁଲିଗଲି ଯେ ଆମେ ପରଷ୍ପରକୁ ଚହ୍ନିନେ, କେବେ କଥା ହୋଇନେ, ହେଲେ କେମିତି ମନ୍ତ୍ରମୁଗ୍ଧ ସାପଟିଏ ପରି ବିନ୍ ର ସୁରେ ସୁରେ ଟାଣି ହୋଇ ଆସିଲି ଆପଣଙ୍କ ପାଖକୁ । ସରି, ପ୍ଲିଜ୍ କଛି ଭାବିବେନ ।

ମୁଁ ବି ବୁଝି ପାରୁନଥିଲି, କ ପ୍ରତିକ୍ରୀୟା ଦେଖାଇବି, ଏମିତି ହଠାତ୍ ମୁଁ ମନେ ପକାଇ ପାରୁ ନଥିଲି, ଫୁଲ ବଗିଚ୍ଚାର ସେଇ ନର୍ଦିଷ୍ଟ ଫୁଲଟିକୁ । ହଁ, ହଁ, କେତେଥର, କେତେଥର ଦେଖିଛି ତାକୁ ତାର ସାଙ୍ଗ ମାନଙ୍କ ସହିତ, କଲେଜ ଯିବା, ଆସିବା ବାଟରେ, କେବେ କେମିତି ଅଫିସ ସାମ୍ନାରେ । ଟିକେ ପତଳ ଥିଲା ସେତେବେଳେ । ଆଖିରେ ଆଖି ମିଳନ କେବେ, କାରଣ ମୁଁ ତା ଆଡକୁ ଗ୍ଚହିଁଲେ ସେ ଲାଜରେ ମୁହଁ ତଳକୁ କରି ନେଉଥିଲା ସବୁବେଳେ । କେବେ ଯଦି ସେ ଏକୁଟିଆ ଥାଏ ଆଉ ସାମ୍ନା ସାମ୍ନି ହୋଇଯାଏ ମୁହଁର ରଙ୍ଗ ତାର ବଦଳ ଯାଉଥିଲା, କେଉଁ ଏକ ଅଜଣା ସରମ ରେ ଲାଲ ହୋଇ ଯାଉଥିଲା ।

କନ୍ତୁ ପ୍ରାୟ ବର୍ଷକ ପରେ ହଠାତ୍ ଏକ ନୁଆ ଜାଗାରେ ନୁଆ ରୂପରେ ପୁଣି ନୂଆ ଭାବରେ ଦେଖା ହୋଇ ଯିବାଟା ଯେପରି ଡେଷ୍ଟିନ ଥିଲା, ବିଧିର ବିଧାନ ବିଚିତ୍ର, ହୁଏତ ପ୍ରେମ ଏଇମିତି ଅଗ୍ଚନକ୍ ହୁଏ, ବିନା କଛି ପ୍ଲାନଙ୍ଗ, ବିନା କଛି ଉପକ୍ରମଣିକା ।

ତାକୁ ମୁଁ କଣ କହିବି, କେମିତି କହିବି, କେମିତି ବୁଝେଇ ଦେବି, ମୋର ବି ସେଇ ସମଦଶା, ମୁଁ ତାକୁ ବହୁ ଦିନ ଧରି ଅପେକ୍ଷା କରିଥିଲି, ପ୍ରତିଦିନ କଲେଜ ସମୟରେ ତାକୁ ରାସ୍ତାର ସେଇ ନର୍ଦିଷ୍ଟ ଜାଗାରେ ଠିଆ ହୋଇ ତାର ଆସିବା ବାଟକୁ ଅପେକ୍ଷା କରୁଥିଲି, ମନେ ମନେ ବହୁତ୍ ଖୋଜୁଥିଲି, ବହୁତ ମିସ୍ କରୁଥିଲି ତାର ସେ କମନୀୟ ମୁହଁଟିକୁ। ହେଲେ ମୋର ଭାବନା ସବୁ ଅଡୁଆ ସୁତା ପରି ଅଡୁଆ ତଡୁଆ ହୋଇ ଯାଉଥିଲେ, ଶବ୍ଦମାନେ ବାଟବଣା

ହୋଇ ଯାଉଥିଲେ, ମୁଁ ମୋର କହିବାକୁ ଥିବା କଥାକୁ କ୍ରମନ୍ୱୟରେ ଠିକ୍ ଭାବରେ ଗୋଟିଏ ସୁତାରେ ଗୁନ୍ଥି ପାରୁ ନଥିଲି ।

ହଠାତ୍ ଗୋଟିଏ ଟାଉନ୍ ବସ୍, ତାରି ଘର ଆଡକୁ ଥିବା ରୁଟ୍ ରେ ଯିବ, ଏଥର କନ୍ତୁ ବସଟି ପ୍ରାୟ ଫାଙ୍କା, ତର ତର ହୋଇ ସେ ବସ୍ ଉପରକୁ ଉଠି ଯାଉଥିବା ବେଳେ ବାରମ୍ବାର ମୁହଁ ମୋଡି ମୋତେ ଦେଖୁଥିଲା, ସତେବା ମୋତେ କଛି ପଗ୍ଚରୁଥିଲା, ମୁଁ କନ୍ତୁ ସ୍ଥାଣୁ ପାଲଟି ଯାଇଥିଲା, ସାଇଡ୍ ସିଟରେ ବସିବା ପରେ ମୋତେ ଦେଖି ବାୟ କହି ହାତ ହଲାଇବା ଭିତରେ ଯେପରି ମୋର ମୋହଭଙ୍ଗ ହେଲା, ଅଜାଣତରେ ମୋ ପାଟିରୁ ବାହାରି ପଡିଲା, ଆଇ ମିସ୍ ୟୁ, ପୁଣି କେବେ ଦେଖା ହେବ? ବହୁତ୍ କଛି କହିବାକୁ କଥା ଥିଲା ।

ମୁଁହରେ ତାର ଫୁଟି ଉଠିଲା ହସ ର ରେଖା ଟିଏ, ସେଇ ହସହସ ମୁଁହରେ କହି ପକାଇଲା କାଲି, ଏଇଠି, ଏଇ ସମୟରେ । ବସ୍ ତାର ଗଡି ଗ୍ଲିଲା ଆଗକୁ, ଅପଲକ ଆଖିରେ ମୁଁ ଗ୍ହିଁ ରହିଥିଲି, ବସ୍ ଟି ଧିରେ ଧିରେ ମୋ ଆଖିର ପରିଧିରୁ ବାହାରି ଯାଉଥିଲା ।

( ଗଳ୍ପ ଟି ୧୨୪୨ ମସିହାର ରଚନା)

ସେକ୍ଟର- ୯, ପକେଟ୍- ୪, ନରେଲା, ଦିଲ୍ଲୀ

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@ gmail. com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।



# ଜୀବନକୁ ଖୋଜୁ ଖୋଜୁ

ନୃସିଂହ ଚରଣ ବେହେରା

ବେଳେବେଳେ ଜୀବନକୁ ଖୋଜୁ ଖୋଜୁ
କେଉଁଠି କେମିତି କେଜାଣି
ଭେଟ ହୋଇଯାଏ ମୃତ୍ୟୁସହ
ମୃତ୍ୟୁର ସନ୍ଧାନ କରୁକରୁ କେବେ
କାହିଁକି କେଜାଣି ଅଚାନକ
ମିଳଯାଏ ସମ୍ଭାବନା ନୂଆ ଜୀବନର ।
ଏ ମଣିଷ ଜୀବନ ସତରେ ବଡ ଅଦଭୁତ
ବଞ୍ଚିବାର ଲୋଭ ଅଥବା
ଐଶ୍ବର୍ଯ୍ୟର ପ୍ରାଚୁର୍ଯ୍ୟତାର ମାୟାଜାଲ
ଅବା ସୁଖ ସମୃଦ୍ଧିର ମରିଚୀକା
ପଛରେ ଦୌଡି ଦୌଡି
କେବେ ଥକଯାଏ ଆଉ
କେବେ ହୁଏ ବାଟବଣା ।
ସଫଳତାର ଔଜଲ୍ୟତା ପାଇଁ
କରିଚାଲେ ସେ ବଞ୍ଚିବାର ଛଳନା
ପ୍ରତି ମୂହୁର୍ତ୍ତରେ ହସି ହସି ସିଏ
ସୁଖର ଖୋଳପାକୁ ଘୋଡେଇ ବାହାରିଯାଏ
ପାଦରେ ଏଡାଇବାକୁ ଜୀବନର ଯାତନା ।

କେତେବେଳେ ନିଜର ସ୍ୱାର୍ଥପାଇଁ
ସାହାରା ନିଏ ସେ ପାପର,
ଭ୍ରୁଣହତ୍ୟା ଅବା ଯୌତୁକର,
ହତ୍ୟା, ଲୁଣ୍ଠନ ଭଳି ଅପରାଧର
ତଥାପି ମଣିଷ ବଞ୍ଚିବାର
ମୋହରେ
ସଂଘର୍ଷକୁ ଡରି ଆପଣାଇନିଏ
ପଥ ଅରାଜକତାର ।
ଆଜିର ଦୁନିଆରେ ଚାରିଆଡେ
ବ୍ୟାପ୍ତ ଅତ୍ୟାଚାରର ହାହାକାର
ଚତୁର୍ଦ୍ଦିଗେ ଶୁଭେ ଅରାଜକତା
ବର୍ବରତାର ଆର୍ତ୍ତ ଚିତ୍କାର
ତଥାପି ଆଜିର ମଣିଷ
ଜୀବନ ପାଖରେ ହାର ନ ମାନି
ଦିନରାତି ସଂଘର୍ଷ କରି ଚାଲିଛି
ଟିକିଏ ସୁଖ ଓ ଶାନ୍ତିରେ
ବଞ୍ଚିବାର ଲାଳସାରେ ।

ଭୋଇନଗର, ଭୁବନେଶ୍ୱର



ଶାନ୍ତିଲତା ମିଶ୍ର

# ମାତା ତବ ଚରଣେ

ଏପ୍ରିଲ ଏକ ତାରିଖ । ଆଜି ଉତ୍କଳ ଦିବସ । ଓଡିଶା ସାରା ବେଶ୍ ଧୁମ ଧାମରେ ସରକାରୀ ଓ ବେସରକାରୀ ସଂସ୍ଥା ମାନଙ୍କ ତରଫରୁ ଗୌରବମୟୀ ମାତା ଓଡିଶାର ଜନ୍ମଦିନ ପାଳନ କରା ଚାଲିଛି । ଚାରିଆଡୁ ଦେଶାତ୍ମ ବୋଧକ ଗୀତ ଶୁଭା ଯାଉଛି । ରେଡିଓ ଓ ଟି.ଭି. ରେ କେତେ ପ୍ରକାର ଗୀତ, ନାଟକ, ଭାଷଣ ପ୍ରଭୃତି ଓଡିଶାର ପୂର୍ବ ଗୌରବ ଓ ଐତିହ୍ୟ ଉପରେ ଦିଆ ଚାଲିଛି । "ବେଣୁଧର ବାବୁ" ବି ବେଶ ତାଙ୍କ ରେଷ୍ଟୁରାଣ୍ଟକୁ ସଜା ସଜି କରି ଜାତୀୟ ପତାକା ଲଗେଇଛନ୍ତି ଆଗରେ । ତାଙ୍କ ରେକର୍ଡ ପ୍ଲେୟରରୁ ଅନବରତ ଦେଶାତ୍ମ ବୋଧକ ସଂଗୀତ ମଧ୍ଯ ଛୁଟି ଚାଲିଛି ।

ଏଇ ଦିନଟିକୁ ସେ ବେଶ୍ ଧୁମ ଧାମରେ ପ୍ରତି ବର୍ଷ ପାଳନ କରନ୍ତି । ତାର ଗୋଟିଏ ନୁହେଁ, ଅନେକ କାରଣ । ପ୍ରଥମତଃ ଆଜି ଓଡିଶା ମାତାର ପୁନର୍ଜନ୍ମଦିନ, ତାଙ୍କ ନିଜ ବୋଉଙ୍କର ଜନ୍ମଦିନ ଓ ତାଙ୍କ ରେଷ୍ଟୁରାଣ୍ଟର ବି ଜନ୍ମଦିନ । ତେଣୁ ଜନନୀ, ଜନ୍ମଭୂମୀ ଓ ଲକ୍ଷ୍ମୀମାତା ଯାହାର ଦୟାରେ ଏ ରେଷ୍ଟୁରାଣ୍ଟ ଭଲରେ ଏ ଯାଏ ଚାଲିଛି, ସମସ୍ତଙ୍କ ଜନ୍ମଦିନକୁ ସେ ବେଶ ସୁନ୍ଦର ଭାବରେ ଏକା ସଙ୍ଗେ ପାଳନ କରନ୍ତି । ସେଦିନ ଯିଏ ବି ରେଷ୍ଟୁରାଣ୍ଟକୁ ଆସନ୍ତି ସମସ୍ତଙ୍କୁ ମାଗଣାରେ ଅଦା, ଗୁଜୁରାତି ଓ ତେଜପତ୍ର ପକା ଗରମ ଚା ଦିଆଯାଏ । ତେଣୁ ସେଦିନ ତାଙ୍କ ରେଷ୍ଟୁରାଣ୍ଟରେ ଅନ୍ୟଦିନ ଅପେକ୍ଷା ବହୁତ ଭିଡ ହୁଏ ।

କିନ୍ତୁ ଆଜିର ଭିଡ ଟା ନାହିଁ ନଥିବା । ଆଜିର ବିଶେଷ କାରଣ ତାଙ୍କ ରେଷ୍ଟୁରାଣ୍ଟର ପଚଶତମ ଜନ୍ମ ବାର୍ଷିକ ବା ସିଲଭର ଜୁବୁଲି ଓ ତାଙ୍କ ବୋଉଙ୍କର ପଚସ୍ତରିତମ ଜନ୍ମଦିବସ । ଓଡିଶା ମାତାର ଏକାଅଶୀ ବର୍ଷ ଜୟନ୍ତୀ । ଓଡିଶା ମା ର କୋଟିଏରୁ ଉର୍ଦ୍ଧ ସନ୍ତାନ, ତାଙ୍କ ଜନ୍ମଦିନ କେହି ନା କେହି ପାଳନ ନିଶ୍ଚୟ କରୁଥିବେ । କିନ୍ତୁ ତାଙ୍କ ନିଜ ମାତାଙ୍କ ଜନ୍ମଦିନ ସେହି ଏକା ପାଳନ କରନ୍ତି । ସେ ନପାଳଲେ ଆଉ କେହି ପାଳିବେନ । ତେଣୁ ସେ ଏ ସବୁ ମାତାଙ୍କ ଜନ୍ମଦିନ ଏକସଙ୍ଗେ ସବୁ ବର୍ଷ ପାଳନ କରନ୍ତି ।

ଏଥିପାଇଁ ବୋଉ ବି ଆଜି ରେଷ୍ଟୁରାଣ୍ଟକୁ ଆସିଛି । ବିଶେଷ ଭାବରେ ନିମନ୍ତ୍ରିତ ହୋଇ, ତା ନିଜ ହାତରେ ସେ ସମସ୍ତ ଆଗନ୍ତୁକମାନଙ୍କୁ ଚା ରେ ଆପ୍ୟାୟିତ କରିବ ବୋଲି । ବୋଉକୁ ସାହାଯ୍ୟ କରିବା ପାଇଁ ନବା, ଲେଙ୍କା, ବଳଆ ତା ପାଖରେ ଠିଆ ହୋଇ ତାକୁ ତାର ଦରକାରୀ ଜିନିଷ ସବୁ ଯୋଗେଇ ଚାଲିଛନ୍ତି । ବୋଉ ଖୁସିର ତୁଳାନା ନାହିଁ ପୁଅର ଉନ୍ନତି ଦେଖି । ଆଜିର

ଭିଡଟା ସବୁବର୍ଷ ଅପେକ୍ଷା ଅଧିକ । କାରଣ ଆଜି ଚା ସଙ୍ଗେ ଗୋଟାଏ ବରା ଓ ଗୋଟାଏ ଲଡ଼ୁ ମଧ ମାଗଣାରେ ସମସ୍ତଙ୍କୁ ଦିଆ ଯାଉଛି । ତେଣୁ ଧନୀ ଗରିବ ଠୁ ଆରମ୍ଭ କରି ଭିକ୍ଷା ବୃତିର ଲୋକେ ବି ଆସି ଧାଡି ବାନ୍ଧିଚନ୍ତି । ଧାଡି ସରିବାର ନାଁ ଧରୁନ ।

ହଠାତ୍ ବେଣୁଧର ବାବୁଙ୍କ ଆଖି ପଡିଲା ଧାଡିରେ ଠିଆ ହୋଇଥିବା ଜଣେ ଲୋକ ଉପରେ । ତାଙ୍କ ରକ୍ତରେ ସତେକ ନିଆଁ ଲାଗିଗଲା । ମନା କରିଦେବେକ ତାକୁ କିଛି ନଦେବା ପାଇଁ । କହିବେ କ ବୋଉକୁ ତା ମୁହଁରେ ଛେପ ପକେଇ ତାକୁ ଫେରେଇ ଦବାକୁ । ନା ବୋଉ ସେପରି କରିବନ । ସେ ବହୁତ ଧର୍ମ ପରାୟଣା ଉଚ୍ଚ ବିଚାର ସଂପର୍ଣ୍ଣ ମହିଳା । ଆଜିର ଏ ଶୁଭ ଦିନରେ ବୋଉ କେବେ ମାନିବନ । ବୋଉର ମନ ଖୋଲାଣିଆ ହସ, ଖୁସି ଦେଖି ସେ ଚୁପ ରହିଗଲେ ।

ବୋଉ ହାତରୁ ଚା, ବରା, ଲଡ଼ୁ ନେଇ ଲୋକଟି ଚାଲି ଗଲାଣି । କିନ୍ତୁ ଲୋକଟି ବହୁତ କିଛି ମନେ ପକେଇ ଦେଇଗଲା ବେଣୁଧର ବାବୁଙ୍କୁ । ବାପା ତାଙ୍କର ସେତେବେଳେ ଭାଗ ଚାଷି ଥିଲେ । ତା ପୁଣି ନିଜ ଜମିରେ । ସାହୁକାରଠାରୁ ଜମି ବନ୍ଧା ପକାଇ ଟଙ୍କା ଆଣିଥିଲେ ଶୁଝି ନପାରି ସେଇ ଜମିରେ ଚାଷ କରି ପ୍ରତି ବର୍ଷ ଅଧେ ଫସଲ ସାହୁକାରକୁ ଦେବାକୁ ବାଧ ହେଉଥିଲେ । ତାଙ୍କ ବୋଉଙ୍କ ରୋଗର ଚକିତ୍ସା ଓ ନିଜର ବାହାଘର ପାଇଁ ଟଙ୍କାର ଆବଶ୍ୟକତା ଦୃଷ୍ଟିରୁ ତାଙ୍କୁ ଏସବୁ କରିବାକୁ ପଡିଥିଲା । ସେମାନେ ତିନି ଭାଇ ଥିଲେ ବି ଭିନ୍ନେ ହୋଇ ଯାଇଥିଲେ । ତେଣୁ ତାଙ୍କ ବୋଉର ଚକିତ୍ସା ସୁଧଘର ତାଙ୍କ ଭାଗରେ ଯାହା ପଡିଲା ଦେବାକୁ ସେ ସକ୍ଷମ ହୋଇ ପାରି ନଥିଲେ । ଜମିକୁ ବନ୍ଧା ପକେଇବାକୁ ବାଧ ହୋଇଥିଲେ ।

ସେଇ ଜମିରେ ଚାଷ କରୁ କରୁ ଦିନେ ସାପ କାମୁଡାରେ ସେ ହଠାତ୍ କରି ଚାଲିଗଲେ । ବେଣୁଧରଙ୍କୁ ସେତେବେଳେ ମାତ୍ର ପାଞ୍ଚବର୍ଷ ବୟସ । ବୋଉ ଏକାକୀ ପାଞ୍ଚବର୍ଷ ପିଲାକୁ ନେଇ ଚଳିବା କଷ୍ଟକର ହେଲା ଶାଶୁଘରେ । ବାଧ ହୋଇ ବାପଘରକୁ ଫେରିଥିଲା । ତା ବାପ ମା ଙ୍କର ସେ ଗୋଟିଏ ମାତ୍ର ଝିଅ । ତା ବାପାଙ୍କର ନିଜ ଘରଠାରୁ ଅଳ୍ପ ଦୂରରେ, ଗାଁ କୁ ଆସିବାର ମୁଖ୍ୟ ରାସ୍ତା କଡରେ ଏକ ଚାଳିଆ ଘରେ ଚା ଜଳଖିଆ ଦୋକାନଟିଏ ଥିଲା । ବୋଉ ଯାଇ ସେମାନଙ୍କୁ ସେଇ କାମରେ ସାହାଯ୍ୟ କଲା । ଆଇ ବୃଦ୍ଧି ହୋଇଗଲାଣି, କାମକୁ ବେଶୀ ପାରୁନ, ଘରେ ରହି ନାତି ବେଣୁଆର ଦେଖାରଖା କଲା ।

ବୋଉ ସବୁବେଳେ କହେ ତୁ ପାଠ ପଢ ମନଦେଇ । ତୁ ବି ଏ ବାବୁମାନଙ୍କ ପରି ଗାଡି ଚଢିବୁ, ଅଫିସ ଯିବୁ ଦଶଜଣରେ ଜଣେ ଭାବରେ ଗଣା ହେବୁ । ଦଶ ଲୋକ ରଖିବୁ ତୋ ପାଇଁ କାମ କରିବାକୁ । ବୋଉ କହୁ କହୁ କାନ୍ଦି ପକାଏ । ବୋଉର ଲୁହ ତାଙ୍କ ବାଳକ ମନକୁ ଅସହ୍ୟ ଲାଗେ । ପାଠ ପଢିବେ ବୋଲି ମନେ ମନେ ଶପଥ କରେ । ତଥାପି ସେ ବୋଉକୁ ସ୍କୁଲରୁ ଆସିଲା ପରେ ବା ଶନିବାର ରବିବାରରେ ଯାଇ ସାହାଯ୍ୟ କରନ୍ତି ।

ଦିନେ ଅଜାଙ୍କର ଛାତିରେ ଯନ୍ତ୍ରଣା ହେଲା, ସେ ଗ୍ଲିଗଲେ। ଏବେ ବୋଉ ଉପରେ ତିନଟା ପେଟ ପୋଷିବାର ଭାର। ସେ ଆଗ ଅପେକ୍ଷା ଅଧିକ ପରିଶ୍ରମ କଲା ଏବଂ ତାକୁ ପାଠରେ ବେଶୀ ମନ ଦେବାକୁ କହିଲା। ଆଈ ବେଳେ ବେଳେ ଯାଇ ସାହାଯ୍ୟ କରେ। କିନ୍ତୁ ବୋଉ ତାକୁ ମନା କରେ। ବୋଉକୁ ଏକା ଦେଖି ଦିନେ ଦିନେ କିଛି ଗରାଖ ଥଟ୍ଟା ପରିହାସ କରନ୍ତି। କିଛି ଅଶୋଭନୀୟ ମନ୍ତବ୍ୟ ମଧ୍ୟ କରନ୍ତି ବୋଉର ଅସହ୍ୟ ହୁଏ, କିନ୍ତୁ କିଛି କହି ପାରେନାହିଁ। ଏଇ ଗରାଖ ମାନଙ୍କ ଦୟାରୁ ତାର ଘର ଚଳୁଛି। କିନ୍ତୁ ଅନେକ ସମୟରେ ସେ ଲୁଚ ଲୁଚ କାନ୍ଦୁ ଥିବାର ଶିଶୁ ବେଣୁଧର ଦେଖିଛନ୍ତି। ଶିଶୁ ମନ ଖିନଭିନ ହୋଇଯାଏ।

ଦୁଇଜଣ ବାବୁ ମୋଟର ସାଇକଲରେ ପ୍ରାୟ ଆସନ୍ତି। ସେମାନଙ୍କୁ ଅନେକ ଥର ବେଣୁଧର ଦେଖିଛନ୍ତି। ବୋଉ ସେ ଦୁଇ ଜଣଙ୍କୁ ମୋଟେ ଭଲ ପାଏନା। କିନ୍ତୁ ସେ ଦି ଜଣ ବହୁତ ବରା, ପିଆଜି, ସିଂଘଡା, ଗୁ ପ୍ରଭୃତି କିଣି କରି ନିଅନ୍ତି। ସେଦିନ ବୋଉର ଭଲ ଟଙ୍କା ରୋଜଗାର ହୁଏ। କିନ୍ତୁ ସେମାନେ ବୋଉକୁ ବହୁତ ଥଟ୍ଟା କରନ୍ତି – "କୁହନ୍ତି ତୋ ହାତରେ ଭଲ ସ୍ୱାଦ ଅଛି, ଯାହା ତିଆରି କରୁଛ ଲକ୍ଷ୍ମୀଙ୍କ ରାନ୍ଧଣା ପରୁ ଲାଗୁଛି। ଗ୍ଲେ ଏ ଦୋକାନ ବନ୍ଦ କରି ଆମ ଘରେ ଆମକୁ ରୋଷେଇ କରି ଦେବୁ"। ବୋଉ ମନାକରେ। ବୋଉକୁ ଖରାପ କଥା କହି ଚଡାନ୍ତି, ହସନ୍ତି।

ଆଉ ଦିନେ ଆଉ ଦି ଜଣ ବାବୁ ଏମାନଙ୍କ ସଙ୍ଗେ ଆସିଥିଲେ ଏବଂ ସେଇ ପୂର୍ବ କଥା ଦୋହରାଉ ଥିଲେ। ଆଉ ସବୁ କିଣ କୁହାକୁହି ହୋଇ ହସୁଥିଲେ। ବୋଉ ମନେ ମନେ ରାଗୁଥିଲେ ବି ଚୁପଗ୍ପ୍ କାମ କରି ଗ୍ଲୁଥାଏ। ବେଣୁଧର ସେଦିନ ସେଠାରେ ରହି ବୋଉକୁ ସାହାଯ୍ୟ କରୁଥିଲେ। ତାଙ୍କ ପିଲାମନ ବିଶେଷ କିଛି ବୁଝୁନଥାଏ ସତ, କିନ୍ତୁ ଏସବୁ ତାଙ୍କୁ ଭଲ ଲାଗୁନଥାଏ। ସେ ଲୋକମାନଙ୍କ ମୁହଁରେ ଛେପ ପକେଇବାକୁ ତାଙ୍କର ଇଚ୍ଛା ହେଉଥାଏ। ହଠାତ୍ ଜଣେ ଲୋକ ଠିଆହୋଇ ବଡ ଜୋରରେ କହିଲା – "ଦି ପଇସା ତୋର ମୂଲ୍ୟ ହେବନି! ତୁ ଆମ ବାବୁଙ୍କ କଥାରେ ଅରାଜି ହେଉଛି।".. କହି ଧରିଥିବା ଗରମ ଗୁ ବୋଉ ଉପରକୁ ଫିଙ୍ଗିଦେଲା। ବୋଉ ହଠାତ୍ ମୁହଁ ବୁଲେଇଦେଲା ଆଉ ମୁହଁଟା ତାର ରକ୍ଷା ପାଇଗଲା ସତ, କିନ୍ତୁ ଗୁ ସବୁ ତା ଡାହାଣ ହାତସାରା ପଡି ଫୋଟକା ହୋଇଗଲା।

ବୋଉ କି ଛଟପଟ ହୋଇଥିଲା ସେଦିନ ଯନ୍ତ୍ରଣାରେ। ସେ ଦୃଶ୍ୟ, ସେ କଥା ତାଙ୍କ ପକ୍ଷେ ଭୁଲିବା କେବେ ସମ୍ଭବ ନୁହେଁ। ବୋଉ ଦି ସପ୍ତାହ ଯାଏ କିଛି କାମ କରି ପାରିଲାନି। ଆଈ ଓ ସେ ନିଜେ ଆସି ଗ୍ଲଆ ଗ୍ହା ଦୋକାନଟିକୁ ଖୋଲା କରି ସବୁ କାମ ସମ୍ଭାଳିଥିଲେ। ବନ୍ଦ କରିଦେଲେ କାମ ତ ଚଳିବନି। ଆଈ ସବୁଦିନ ସେଇ ଲୋକମାନଙ୍କୁ ଗାଳି ଦେଉଥାଏ। ତାଙ୍କ ବଂଶ ବୁଡିଯାଉ କହି ଅଭିଶାପ ଦେଇ ଗ୍ଲୁଥାଏ।

ସେଦିନ ପରେ ତାଙ୍କ ଶିଶୁ ମନ ଆହୁରି ଶପଥ କରି ଗ୍ଭଲୁଥାଏ ମନେ ମନେ । ଭଲ ପାଠ ପଢି ବୋଉ ପାଇଁ ଗୋଟେ ବହୁତ ବଡ ରେଷ୍ଟୁରାଣ୍ଟ ଖୋଲିଦେବେ ଯୋଉଠି ବୋଉ ଖାଲି ବସି ହଜାର ହଜାର ଟଙ୍କା ଗଣିବ । ଦି ପଇସା ପାଇଁ ଗରାଖମାନଙ୍କୁ ଦୟାର ହାତ ପତେଇବନ ।

ସେ ସ୍କୁଲ ସାରି କଲେଜ ସାରି ମ୍ୟାନେଜମେଣ୍ଟ କୋର୍ଷ କରି ବୋଉ ପାଇଁ ଯୋଉଦିନ ଏଇ ରେଷ୍ଟୁରାଣ୍ଟ ଖୋଲି ଦେଇଥିଲେ, ସେଦିନ ଥିଲା ଉତ୍କଳ ଦିବସ, ଅପ୍ରିଲ ଏକ ତାରିଖ । ଆଉ ବୋଉର ଜନ୍ମ ଦିନ ବି । ଏଇ ଶୁଭ ଦିନରେ ସେ ଉଦଘାଟନ କରିଥିଲେ ତାଙ୍କ ସ୍ୱପ୍ନର ରେଷ୍ଟୁରାଣ୍ଟ । ବୋଉର ଆଖି ଏକ ଅହେତୁକ ଖୁସିରେ ଅବିରାମ ଗତିରେ ଲୁହ ଢାଳି ଗ୍ଭଲିଥିଲେ । କାରଣ ଏ ସୁଖ ଦେଖିବା ପାଇଁ ତା ବଜର ବୋଉ ସେଦିନ ନଥିଲା ।

ବୋଉର ଜନ୍ମଦିନର ଏ ଶୁଭ ଅବସରରେ ରେଷ୍ଟୁରାଣ୍ଟଟିକୁ ଖୋଲି ସମସ୍ତଙ୍କୁ ବୋଉ ହାତରେ ମାଗଣା ଗ୍ଭ ପିଆଇଥିଲେ । ସେଦିନ ଗ୍ଭରିଆଡୁ ମାଇକରେ ଗୀତ ଶୁଭୁଥିଲା ବନ୍ଦେ ଉତ୍କଳ ଜନନୀ, ବନ୍ଦେ ମାତରମ..... ଆହୁରି ଆହୁରି ଅନେକ ପ୍ରକାର ଦେଶାତ୍ମବୋଧକ ଗୀତ । ଓଡିଶାର ସୁଯୋଗ୍ୟ ସନ୍ତାନ ସନ୍ତତୀ ମାନଙ୍କ ସୁଲଳିତ କଣ୍ଠରୁ । ବେଣୁଧରବାବୁଙ୍କ ମନ ପୁଲକିତ ହୋଇ ଉଠୁଥିଲା । ସବୁ ମାତା ଓ ନାରୀ ଜାତିର ସମ୍ମାନାର୍ଥେ ସେ ମଥାନତ କରିଥିଲେ । ମୁଖରୁ ତାଙ୍କର ସତତ ବାହାରି ଆସିଥିଲା ଜନନୀ, ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା





# ମୁଁ ଭବିଷ୍ୟତ

ଜିତେନ୍ଦ୍ରୀୟ ବେହେରା

ମୁଁ ଭବିଷ୍ୟତ
ମୁଁ କମ୍ୟୁନଜିମ୍
ମୋତେ ମାରିବାକୁ ଚେଷ୍ଟା କରିଛି
ବାରବାର
ରାବଣ, ଫେରାଉନ
କାଇସେକ୍, ହିଟଲର ।
ମୋର ଗତି ରୋଧିବାକୁ
ଚେଷ୍ଟା କରିଛି
ଉଦ୍ଧତ ବର୍ଲିନ୍
ଫାଶୀବୀଦୀ
ବେନଟୋ ମୁସୋଲିନ୍ ।
ପୁଞ୍ଜିବାଦର ସଜାଗ ପ୍ରହରୀ
ମାର୍କିନ୍ ସାମ୍ରାଜ୍ୟବାଦ
ଏବେବି ଅଟ୍ଟହାସ କରେ
କାରଣ
ସୋଭିଏତ ମୋର ପୁତ୍ର
ଶୋଇଛି ଗଭୀର ନିଦ୍ରାରେ ।
ହିଞ୍ଜଡ଼ା ମାନଙ୍କର
ଇତିହାସ ରୁ କଛି
ଶିଖିବାର ନାହିଁ
ଥିଲେ ରାଇଷ୍ଟାଗ
ପୋଷ୍ଟ ତଳେ ଅସ୍ତ ଯାଇନଥାନ୍ତା
ନାଜୀର ସୂର୍ଯ୍ୟ
ବାଜି ନଥାନ୍ତା ଟୋଜୋ
ମୁସୋଲିନ ପରାଜୟର ତୁର୍ଯ୍ୟ ।
ଗିଲ୍ଲେଟିନ୍ ଚକ ତଳୁ
ପ୍ୟାରି କମ୍ୟୁନର
ଶଶସ୍ତ୍ର ଉତ୍ଥାନ
ରକ୍ତ ଭଲଗାର କମାଣ ଗର୍ଜନ
କ୍ୟୁବାର ଆଖୁ କଆରୀ ରୁ
ସାଂଘାଇ ର ଜନାରଣ୍ୟ ରୁ
ମାଓ, କାଷ୍ଟ୍ରୋ, ହୋଚମିନର
ଭୀମ ଗର୍ଜନ ।
ସେମାନଙ୍କର କଛି ମନେ ନାହିଁ
ଇତିହାସରୁ ହିଞ୍ଜଡ଼ା ମାନଙ୍କର
କଛି ଶଖିବାର ନାହିଁ ।
ମୁଁ ଯୁଗେ ଯୁଗେ
ଶ୍ରେଣୀ ସଂଗ୍ରାମ
ରାଷ୍ଟ୍ର ବିପ୍ଲବ
ମୁଁହା ମୁଁହି ଲୁଟିଖିଆ
ଆଉ ଖଟିଖିଆ
ବାର ବାର ଜଳଛି
ଜଳେ ପୁଣି ଶ୍ରେଣୀ ସଂଗ୍ରାମ ନିଆଁ ।
ଇତିହାସ ଲେଉଟାଏ କଡ଼
ଆଗରେ ଦେଖ
ଠିଆ ହୋଇଛି ମଣିଷର
ଭବିଷ୍ୟତ
ଆଉ କେହି ନୁହେଁ
ମୁଁ କମ୍ୟୁନଜିମ୍
ମୁଁ ଭବିଷ୍ୟତ
ସୁଖ, ସମୃଦ୍ଧି, ଶେଣୀହୀନ ରାଷ୍ଟ୍ର ଗଠନର
ଏକମାତ୍ର ସତ୍ୟ
ପ୍ରାଚୀ ଦିଗେ ମୁକ୍ତି ର ଆଦିତ୍ୟ ।

ଡ଼ଭାର, ଗୋପ, ପୁରୀ- ୭୫୨୧୨୧

# ଅସ୍ତରାଗିଣୀ

( ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## ( ଭାଗ ୧୨)

ଏମିତି କାଇଁକି ଦେଖା ଯାଉଚ ଅପା? ସାଗରିକାର ପାଦ ଛୁଉଁ ଛୁଉଁ କହିଲା ବିଶୁ ।

ଆରେ ବିଶୁ—ମୁର୍ଦ୍ଦୁଟାଏ ହେଇଗଲୁଣି

ଯା ବିଶୁ, ସାଗରିକାର ଜିନଷ ରଖିଦେ । ବିଶୁକୁ ଜିନଷ ଉଠାଇ ବାହାର ଆଡକୁ ଯିବାର ଦେଖି କହିଲେ ନବେଦିତା, ଆରେ ଆରେ ସାଡେ କୁଆଡେ ନେଉଛୁ?

ଗେଷ୍ଟ ରୁମ୍ କୁ ।

ସାଗରିକା କଣ ଗେଷ୍ଟ? ମୋ ପାଖ ରୁମ୍ ରେ ରଖିଦେ ।

ଭାଇନା ଆଉ ତୁମେ ମୋ ପାଇଁ ଭଗବାନଙ୍କର ଦ୍ୱିତୀୟ ରୂପ ନାନୀ । କହି ଜୋର୍ ଜୋର୍ ରେ କାନ୍ଦି ଉଠିଲା ସାଗରିକା ।

ଧୈର୍ଯ୍ୟ ଧର ସାର୍ । ତୁ ଭାଙ୍ଗି ପଡିଲେ ପିଲାକୁ କିଏ ସାହାର୍ ଦେବ? ସାଗରିକାର ଆଖି ପୋଛୁ ପୋଛୁ କହିଲେ ନବେଦିତା ।

ସବୁ କଥା ରାତିରେ, ଏବେ ଚାଲ୍ ଗାଧୋଇ ପାଧୋଇ ଫ୍ରେସ୍ ହୋଇ ଯା । କେତେ ବାଟ ବସ୍ ଜର୍ଣ୍ଣି କରି ଆସିଛୁ ।

ଗିଜର ଚଲେଇ ଦେଇଛି ମା । ଚାହା କରିବି? ଅପା କେତେ ହାଲିଆ ଦେଖାଯାଉଛନ୍ତି ।

ତୁ ଏବେ ବି ସେଇମିତି ସ୍ନେହୀ ଅଛୁ ବିଶୁ! ଜମା ବଦଳନୁ ।

ସେଇମିତି! ଶହେଗୁନା ଅଧିକ ହୋଇଯାଇଛି । ଜାଣିଛୁ ସାର୍, ସିଏ ଆଜି କାଲି ମୋର ବସ୍ । ଖା କହିଲେ ଖାଇବି, ଶୋ କହିଲେ ଶୋଇବି । ବସ୍ କହିଲେ ବସିବି- - - ଆମେ ତୋ ପାଖେ ଚିର ଋଣୀ ସାର୍ । ତୁ ଯଦି ବିଶୁକୁ ଆମକୁ ନ ଦେଇଥାନ୍ତୁ- - -

ଗୋଟିଏ ପ୍ଲେଟରେ ବିଶୁ ଆଣି କିଛି ଜଳଖିଆ ରଖିଲା । ତୋର ଏବେ ବି ମନେଅଛି ବିଶୁ, ମତେ ପଟାଟୋ ଫିଙ୍ଗର୍ସ ବହୁତ ପସନ୍ଦ ।

ପିଉସାଙ୍କ ସାଙ୍ଗରେ ଏଇଥିପାଇଁ କେତେ ଝଗଡା କର । କହିଲା ବିଶୁ ।

କଣ ମୁଁ ଏଥିରୁ ଦିଟା ଖାଇ ପାରେ ବିଶୁ? କହିଲେ ନବେଦିତା । କଛି ନକହି ବିଶୁ ଗୁହା ଆଣିବାକୁ ରନ୍ଧାଘର ଭିତରକୁ ଗଲା ।

ଗୁହା ପର୍ବ ଶେଷ ହେଲାପରେ ଦୁହେଁ ଉଠିବାର ଚେଷ୍ଟା କରୁଥିଲେ । ଘର ଭିତରକୁ ସସ୍ତ୍ରୀକ ପଶିଲେ ଶ୍ରୀ ବାଜାଜ୍ । ସମସ୍ତେ ମିଶି ଡ୍ରଇଂ ରୁମ୍ ଭିତରକୁ ଗଲେ ।

ଇଏ ସାଗରିକା, ମୋର ସାନ ଭଉଣୀ କହିଲେ ଭୁଲ୍ ହେବନ । ଭରତପୁରରେ ଗୁକରି କରେ । ଆରଣ୍ୟକ ଟୁର୍ ରେ ଯାଇଛନ୍ତି ବୋଲି ଏ ଛୁଟି ନେଇ ଆସିଛି ।

ଆପଣଙ୍କ ଉପରେ ମୋର ଈର୍ଷା ହୁଏ ନବେଦିତାଜୀ । ମି: ମିଶ୍ର ଆପଣଙ୍କୁ କେତେ ଭଲ ପାଆନ୍ତି । ଆଉ ଆମର ଇଏ ।

କାହାକୁ କାହା ସହିତ ତୁଳନା କରିବା ଠିକ୍ ନୁହଁ ମିସେସ୍ ବାଜାଜ୍ । ମିଷ୍ଟର ବାଜାଜଙ୍କର ଆହୁରି କେତେ ଭଲଗୁଣ ଥାଇପାରେ । ଯାହା ଆରଣ୍ୟକଙ୍କ ପାଖେ ନଥିବ । କଥାକାଟି କହିଲେ ନବେଦିତା ।

ନାନୀ ଠିକ୍ କହୁଛନ୍ତି ମିସେସ୍ ବାଜାଜ୍ । ଅନ୍ୟର ଖରାପ ଗୁଣଟା ସବୁବେଳେ ଆମ ଆଖିକୁ ଦିଶେ । ଭଲଗୁଣ ନୁହେଁ । ସେଇଥିପାଇଁ ଆମକୁ କେତେ ଯେ କ୍ଷତି ସହିବାକୁ ପଡେ । କହୁ କହୁ ସାଗରିକାର ଆଖି ସଜଳ ହେଲା । ମିଃ ଆଉ ମିସେସ୍ ବାଜାଜ୍ ଅନୁଭବ ନ କରିଥିଲେ ମଧ୍ୟ ନବେଦିତାଙ୍କ ଆଖିରୁ ତାହା ବାଦ୍ ଯାଇ ନଥିଲା । କଥାର ସ୍ରୋତ ବଦଳାଇ କହିଲେ, ଆପଣମାନେ ଭରତପୁର ବାର୍ଡ ସାନଟୁଆରୀ ଯାଇଛନ୍ତି? ଭାରି ସୁନ୍ଦର ଜାଗା । ଆମ ପରିବାରରେ ସାରାର ଆତିଥେୟ ଅନନ୍ୟ । ଆରଣ୍ୟକ ଫେରିବାପରେ ସମସ୍ତେ ମିଶି ଯିବାର ଯୋଜନା କରିବା ।

ବାବୁ କଣ କରନ୍ତି? ସାଗରିକାଙ୍କ ଆଡେ ଗୁହିଁ ପଗ୍ଚରିଲେ ମିସେସ୍ ବାଜାଜ୍ ।

ସାରା ସେଠି ଏକା ରହେ । ଆରଣ୍ୟକ ମତେ ପୁରା ରାଜସ୍ଥାନ ବୁଲାଇ ଦେଖାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ "କଲୋର୍ଡ ପାର୍କ" ଦେଖାଇ ନାହାଁନ୍ତି । ସାରା ଘର ପାଖରୁ ସେଇଟା ଖୁବ୍ ନକଟ । ଆମେ ପ୍ରଥମେ ସେଇଠାକୁ ଯିବା । ଏଇ ଫେବୃୟାରୀରେ ବ୍ୟବସ୍ଥା କରିବା, କଥାର ମୋଡ ବୁଲାଇ କହିଲେ ନବେଦିତା ।

କଣ ମାଡାମ୍ ରେଡି? ମିସେସ୍ ବାଜାଜ୍ ଙ୍କୁ ଗୁହିଁ କହିଲେ ମିଃ ବାଜାଜ୍ ।

ଏତେ ଶୀଘ୍ର । ଟିକେଟ୍, ଭିସା, ତା ଛଡା ଘରର ବ୍ୟବସ୍ଥା- -

ଭିସା? କଣ ବିଶ୍ୱ ଭ୍ରମଣ ପାଇଁ ପ୍ରସ୍ତୁତ ହେଲଣି ନା କଣ?

ଏ ପାର୍କଟା ତ ଅଷ୍ଟ୍ରେଲିଆରେ

ନାଁ ଜୀ, ସେଇଟା ହେଲା କଲୋର ପାର୍କ, ଆଉ ଆମେ ରାଜସ୍ଥାନର କଲୋର୍ଡ ପାର୍କ ବିଷୟରେ ଆଲୋଚନା କରୁଛି । କଛି ସାଧାରଣ ଜ୍ଞାନ ଅଛି?

କଛି ନ କହି ଅପ୍ରତିଭ ହୋଇ ତଳକୁ ମୁହଁ ପୋତିଲେ ମିସେସ୍ ବାଜାଜ୍ ।

ଆପଣଙ୍କ ସ୍ୱେଟରଟ୍ ଖୁବ୍ ସୁନ୍ଦର ହୋଇଛି ମିଃ ବାଜାଜ୍ । କେଉଁଠୁ କଣିଛନ୍ତି । ପଗ୍ଗରିଲେ ନବେଦିତା ।

ହସ୍ତ ଶିଳ୍ପ । ମାଡାମଙ୍କର ହସ୍ତ ଶିଳ୍ପ । ସ୍ୱେଟର ବୁଣାରେ ମାଷ୍ଟ୍ରି ।

ଏଥିରେ ଡିଜାଇନ୍ ଟା ସ୍ୱେଟରଟିକୁ ଆହୁରି ସୁନ୍ଦର କରିଦେଇଛି । ମୁଁ ଦୃଢ ଭାବରେ କହିପାରେ ଯେ ଏ ଡିଜାଇନଟିର ନାମ ଆମକାହାକୁ ଜଣା ନାହିଁ, ଯାହା ମାଡାମଙ୍କୁ ଜଣାଥିବ । ନାଁ ଟା କହିବେ ମାଡାମ୍? ମିସେସ୍ ବାଜାଜ୍ ଙ୍କ ଆଡକୁ ଗ୍ରହିଁ ପ୍ରଶ୍ନ କଲେ ନବେଦିତା ।

କଣ ଗୋଟାଏ ପ୍ୟାଟର୍ଣ୍ଣ ଯେ ସେ ବିଷୟରେ ଏତେ ଆଲୋଚନା । ବହୁ ସାଧାରଣ । ଶାମୁକା ପ୍ୟାଟର୍ଣ୍ଣ ।

ବହୁ ସାଧାରଣ,!!! ଅଥଚ ଆମେମାନେ ଅଜ୍ଞ । ମୋ କହିବା କଥା, ସବୁ କଥା ସମସ୍ତଙ୍କୁ ଜଣା ନଥାଏ । କଣ ମୁଁ ଭୁଲ୍ କହୁଛି ମିଃ ବାଜାଜ୍ । କହିଲେ ନବେଦିତା । ଠିକ୍ କହିଛ ନାନୀ, ମୁଁ ବହୁ ବିଷୟରେ ଅଜ୍ଞ ଥିଲେ ମଧ୍ୟ ଏ ପାର୍କ ବିଷୟରେ ମତେ ଟିକଏ ବେଶୀ ଜଣାଅଛି । ସେଇଠି କାମ କରୁଛି ତ । ଏହା ପୂର୍ବରୁ ଭରତପୁର ବାର୍ଡ ସାନଚୁଆରି "ପକ୍ଷୀ ଲୀଳା" ସ୍ଥାନ ନାମରେ ପ୍ରସିଦ୍ଧ ଥିଲା । ବର୍ତ୍ତମାନ ଏହା "କଲୋର୍ଡ ପାର୍କ" ( ଘନ ରାଷ୍ଟ୍ରୀୟ ଉଦ୍ୟାନ) ନାମରେ ପରିଚତ । ଏଇ ପାର୍କରେ ୩୬୬ରୁ ଅଧିକ ଜାତି ଉପଜାତି ପକ୍ଷୀ ରହନ୍ତି । ଏଠାକୁ ବହୁ ଟୁରିଷ୍ଟ ଭିନ୍ନ ଭିନ୍ନ ଦେଶରୁ ଆସନ୍ତି । ୧୯୭୧ ମସିହାରେ ଏହା ସୁରକ୍ଷିତ ସ୍ଥାନ ଭାବେ ଘୋଷଣା କରାଯାଇଥିଲା । ଏହା ବିଶ୍ୱ ବିରାସତ ବୋଲି ଭାରତ ଗର୍ବ କରେ । ଏଠାରେ କେବଳ ପକ୍ଷୀ ରହନ୍ତିନ । ଆହୁରି ବହୁତ କଛି । ସେ ସବୁ ହେଲା, ୩୭୦ ରୁ ଉର୍ଦ୍ଧ ଜାତି ଉପଜାତିର ଫୁଲ, ୫୦ ଜାତିର ମାଛ, ୧୩ ଜାତିର ସାପ, ପାଞ୍ଚ ଜାତି ଝିଟିପିଟି, ୭ ଜାତିର ଜଳଜନ୍ତୁ ସରିସୃପ, ୭ ପ୍ରକାର କଇଁଚ । ତା ଛଡା ବହୁ ଜାତି ଉପଜାତିର ମେରୁଦଣ୍ଡ ବିହୀନ ପ୍ରାଣୀ ମଧ୍ୟ ରହନ୍ତି ।

ବୁଝିଲେ ଆଜ୍ଞା, ଆମେ ପ୍ରୋଗ୍ରାମ ପୂର୍ଣ୍ଣିମା ଆଖ ପାଖରେ ରଖିଲେ ଦ୍ୱିଗୁଣ ଲାଭଦାୟ । କହିଲେ ନବେଦିତା ।

ସେ କେମିତି? ପ୍ରଶ୍ନୀଳ ଦୃଷ୍ଟିରେ ନବେଦିତାଙ୍କ ଆଡକୁ ଗ୍ରହିଁ ରହିଲେ ମିଃ ବାଜାଜ୍ ।

ଆଗ୍ରା ସେଠାରୁ ଖୁବ୍ ନିକଟରେ। ପ୍ରାୟତଃ ୫୦- ୬୦ କିଲୋମିଟର ହେବ। ତେଣୁ ତାଜମହଲରେ ପୂର୍ଣ୍ଣ ଚନ୍ଦ୍ରର ମାଧୁର୍ଯ୍ୟ ମଧ୍ୟ ଉପଭୋଗ କରିପାରିବା।

ଅର୍ଥାତ୍ ଗୋଟିଏ ଗୁଳରେ ଦୁଇଟି ପକ୍ଷୀ- - -

ସେଠି ବହୁତ ଭିଡ ହେଉଥିବ ତ? ମିଃ ବାଜାଜ୍ ଙ୍କ କଥା କାଟି କହିଲେ ମିସେସ୍ ବାଜାଜ୍।

ଭିଡ କଥା ଆଉ ପଚାରୁଛନ୍ତି। ପ୍ରତି ସିଜନ୍ ରେ ପ୍ରାୟତଃ ଗୋଟିଏ ଲକ୍ଷ ଟୁରିଷ୍ଟ ଆସନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୫୦% ବାହାର ଦେଶରୁ। ଆମ ଦେଶର ବିଭିନ୍ନ ପ୍ରାନ୍ତରୁ ସ୍କୁଲ ପିଲ୍ମାନେ ମଧ୍ୟ ବହୁତ ଆସନ୍ତି। ଭିତରକୁ ଗାଡି ଯିବନି ଆଜ୍ଞା। ଚାଲିବା ପାଇଁ ସାହାସ ଅଛି ତ?

ସେମିତି କାହିଁକି କହୁଛ ନାନୀ, ଗାଡି ସିନା ଯିବନି, ବୁଲିବା ପାଇଁ ରିକ୍ସା, ଟାଙ୍ଗା, ଆଉ ପାଣି ବେଶୀ ଥିଲେ ବୋଟ୍ ରେ ଯିବା ପାଇଁ ମଧ୍ୟ ସୁବିଧା ଅଛି। କହିଲେ ନିବେଦିତା।

ସାଇବେରିଆନ୍ ପକ୍ଷୀ ଦେଖିବାକୁ ମୋର ବହୁତ ଦିନରୁ ଇଚ୍ଛା। ସାର୍ କହନ୍ତି ଏହା ଏକାନବେ ଇଞ୍ଚ ଆଉ ଦଶ କିଲୋରୁ ଅଧିକ ଓଜନ। କେଉଁ ମାସରେ ଆସିଥାଏ? ପ୍ରଶ୍ନ କଲେ ନିବେଦିତା।

ସାଧାରଣତଃ ଶରତ୍ ଋତୁରେ ଆସି ବସନ୍ତ ଋତୁ ଶେଷ ପର୍ଯ୍ୟନ୍ତ ରହିଥାଏ। ତେଣୁ ଫେବୃୟାରୀ ମାସ ମଧ୍ୟ ଉପଯୋଗୀ, ମାତ୍ର- - -

ମାତ୍ର କଣ ସାର୍?

ଦୁଇହଜାର ଏକ ର ବୋମା ବିସ୍ଫୋରଣ ପରେ- - -

ନିଉୟର୍କର ଟ୍ୱିନ୍ ଟାୱାର ବିଧ୍ୱସ୍ତ ବିଷୟରେ କହୁଚ ତ? ତେବେ ପକ୍ଷୀ କଣ?

ନାଁ ନାନୀ, ପକ୍ଷୀ ଅଛି, ମାତ୍ର ଭାରତକୁ ଆସିବାର ଗତାନୁଗତିକ ପଥ ପରିବର୍ତ୍ତନ କରି ତା ପରଠାରୁ ତାଲିୱାନ ଦେଇ ଆସୁଥିଲା। ବର୍ତ୍ତମାନ ତାର ଉପସ୍ଥିତି ନିୟମିତ ନୁହେଁ।

ଦେଖିଲେ ଆଜ୍ଞା, ଅନ୍ୟ ଉପରେ ପ୍ରତିଶୋଧ ନେବାପାଇଁ ପୃଥିବୀରେ କଣ କଣ ସବୁ ହିଂସାତ୍ମକ କାଣ୍ଡ ହେଉଛି। କହିଲେ ମିଃ ବାଜାଜ୍।

ଠିକ୍ କହୁଛନ୍ତି ଆଜ୍ଞା, ଅଠେଇଶ ବର୍ଷ ଧରି ପୃଥିବୀର ଏଇ ସର୍ବୋଚ୍ଚ ଟାୱାର ଦୁଇଟି ଗର୍ବର ସହିତ ଛିଡା ହୋଇଥିଲେ ମଧ୍ୟ ଆଖି ପିଛୁଡାକେ ତାକୁ ଗଡାଇ ଦେଇଥିଲେ।

କହନ୍ତି ଦୁଇ ହଜାର ସାତଶହ ତେପନ ଜଣ କର୍ମଚାରୀଙ୍କର ମୃତ୍ୟୁ ହୋଇଥିଲା। କହିଲେ ମିସେସ୍ ବାଜାଜ୍ ବହୁତ ଖବର ଆପଣ ରଖିଛନ୍ତି ମିସେସ୍ ବାଜାଜ୍ କେତେ ଦୁଃଖର କଥା

କହିଲେ । ହଠାତ୍ ନବେଦିତା ଅନୁଭବ କଲେ ସାଗରିକା କାହିଁକି କେଜାଣି ଅସ୍ୱସ୍ତି ଅନୁଭବ କରୁଛି । ତୁ ଟିକଏ ରେଷ୍ଟ ନେବୁ ଯା ସାର୍ । ବସ୍ ଜର୍ଣ୍ଣି କରି ବହୁ କ୍ଳାନ୍ତ ହୋଇ ପଡିଛୁ ।

ଆମକୁ ମଧ୍ୟ ଯିବାର ଅନୁମତି ଦିଅନ୍ତୁ । କିଛି ଦରକାର ହେଲେ ଫୋନ୍ କରିବେ ନିଶ୍ଚୟ । କହି ଯିବାକୁ ଉଠିଲେ ମିଃ ବାଜାଜ୍ । ପଛେ ପଛେ ମିସେସ୍ ବାଜାଜ୍ ।

ନମସ୍କାର ଜଣାଇ ବାହାର ପର୍ଯ୍ୟନ୍ତ ବଳେଇ ଦେବାକୁ ଗଲେ ନବେଦିତା ।

ବସ ନାନୀ, ତୁମକୁ ନ ପଗ୍ଚରି ମୁଁ ବିଶୁକୁ ଗ୍ଚହା ପାଇଁ ଅର୍ଡର ଦେଇଛି, ଖଗ୍ଚପ ଭ୍ବିବନି ।

ଆରେ ତୋ ଘର, ତୋ ବିଶୁ, ତୋ ଭ୍ଇନା । ମୁଁ ଖଗ୍ଚପ ଭ୍ବିବାକୁ କଏ । ହଁ, ବିଶୁ ବହୁତ ଭଲ ସୁପ୍ ତିଆରି କରେ । କହିବୁ ଯଦି ସେ ଗ୍ଚହା ନ କରି ସୁପ୍ ତିଆରିକରି ଆଣିବ ।

ଆମ ଦୁହିଁଙ୍କୁ ସୁପ୍ ଖୁବ୍ ପସନ୍ଦ ନାନୀ । ସାଗର ଯିବା ପରେ ମୁଁ ଥରେବି ଛୁଇଁନି ।

ଦୁନିଆରେ ବଂଚବାକୁ ହେଲେ ବହୁତ କିଛି ସମନ୍ୱୟ ସାଧନା କରିବାକୁ ପଡେ ସାର୍, ବହୁ କିଛି ଭୁଲିବାକୁ ମଧ୍ୟ । ବିଶୁକୁ ସୁପ୍ ଆଣିବାକୁ କହି ସାଗରିକାକୁ ଲ୍ଗି ବସିଲେ ନବେଦିତା ।

ସାଗରଙ୍କ ବିଷୟରେ ତୁମେ କିଛି ଜାଣିଛ ନାନୀ?

ବ୍ୟକ୍ତିଗତ ଭ୍ବେ ସେମିତି କିଛି ନ ଜାଣିଥିଲେ ମଧ୍ୟ ତାଙ୍କ ବିଷୟରେ ଏତେଟା ଅପନିନ୍ଦା- - - ମତେ କାହିଁକି କେଜାଣି ବହୁତ କଷ୍ଟ ଦେଇଥିଲ୍ । ତୁମେ ବିଷୟ ବସ୍ତୁର କେବଳ ଅନ୍ଧକାର ପାର୍ଶ୍ୱଟା ଅନୁଭବ କରିଛ ନାନୀ ।

କଣ କହିବାକୁ ଗ୍ଚହୁଁଛୁ?

ବହୁତ କିଛି ।

କିଛି ନ କହି ସାଗରିକାର ଅଶ୍ରୁସଜ୍ଳ ଆଖି ଦୁଇଟିକୁ କେବଳ ଗ୍ଚହିଁ ରହିଲେ ନବେଦିତା ।

ଗ୍ଜସ୍ଥାନର ଗ୍ଘବ ସାଓ୍ୱରିଆ ବିଷୟରେ ସୁଣିଛ ନାନୀ?

ଜୋଧପୁରର ଗ୍ଘବ ସାଓ୍ୱାରିଆ? ସେ ଗୋଟାଏ କୁକ । ତା ନାଁ ନେ ନା ।

ବାସନ୍ତୀକୁ ସେ ଦଶବର୍ଷ ଦିନରୁ ଘରେ କାମ କରୁଉ ଥିଲ୍ । ଦିନରେ ସେ ଘର କାମ କରେ ଆଉ ସାଓ୍ୱାରିଆର ଶୋଷ ମାରିବାକୁ ବାଧ୍ୟ ହୋଇଥାଏ । ବିଗ୍ଚରୀ ଘରଠୁ ବହୁ ଦୂରରେ- - - ମନ କଥା କାହାକୁ କହି ପାରେ ନା । ସାଗରଙ୍କ ପାଖରେ ସାଓ୍ୱାରିଆର କଣ ଗୋଟାଏ ବଡ କାମ ଥିଲ୍ । ସାଗରଙ୍କର ପ୍ରକୃତ ରୂପ ନ ଜାଣି କାମ ହାସଲ୍ କରିବା ପାଇଁ ବାସନ୍ତୀକୁ ସଜାଇ ଆଣି ଆମ ଘରେ ଛାଡି ଦେଇଗଲ୍ ।

କେବେ କା କଥା?

ପାଞ୍ଚ, ଛଅ ବର୍ଷ ହୋଇଗଲାଣି ।

ତୁ ନ ଥିଲୁ?

ନାଁ, ସାନ ପୁଅଟାକୁ ସମ୍ଭାଳବା ସମ୍ଭବ ହେଉ ନଥିଲା ବୋଲି, ଦୁହିଁଙ୍କୁ ଧରି ମା ପାଖରେ ଥିଲି । ସାଗର ଘରେ ଏକା ରହୁଥିଲେ ।

ତା ପରେ?

ରାତି ବହୁତ ହୋଇଯାଇଥିଲା । ସାଗର ବାରମ୍ବାର ଫୋନ୍ କରୁଥିଲେ ମଧ୍ୟ ସାଓ୍ୱାରିଆର ଫୋନ୍ ବନ୍ଦ ଆସୁଥିଲା । ବ୍ୟସ୍ତ ହୋଇ ବାସନ୍ତୀକୁ କହିଲେ, ତୋ ଘର କେଉଁଠି? ଚାଲ୍ ମୁଁ ତତେ ଛାଡି ଆସିବି ।

ବାବୁ ମତେ ତମ ପାଖରେ ରାତିଟା ରଇବାକୁ କଇଛନ୍ତି ।

ମାନେ? ବିରକ୍ତ ହୋଇ ଉଠିଲେ ସାଗର ।

ଆଜିର କଥାନୁହେଁ ବାବୁ । ଦିଇ ବରଷ ହେଲା ସିଏ ଏଇୟା କରି ଆସୁଛି ।

ତୋ ବୟସ କେତେ? କେଇ ବର୍ଷ ହେଲା ତୁ ତା ଘରେ ଅଛୁ?

ମତେ ଚଉଦ ହେଲା । ଯେତେବେଳେ ଦଶବରଷର ହେଇଥିଲି, ଘର କାମ କରେଇବା ପାଇଁ ମତେ ଆମ ଆଦସାର ଗାଁ ରୁ ଆଣିଥିଲା । ଧୀରେ ଧୀରେ ସଂଧ୍ୟାରେ ତା ଗୋଡ ଘଷି ଦେବାକୁ କହିଲା । ସେଇ ଗୋଡ ଘଷାଟା ଗୋଡରୁ ଉଠି ଉଠି ମୁଣ୍ଡ ପର୍ଯ୍ୟନ୍ତ ଯାଇଥିଲା, ଆଉ ସଂଧ୍ୟାରୁ ରାତି ଆଡକୁ ବି ଚାଲି ଯାଇଥିଲା । କେତେ ଅସଭ୍ୟ କଥା କହେ, କେତେ ଅସଭ୍ୟ କାମ କରିବାକୁ କହେ । ସେସବୁ କାହା ଆଗରେ କହିଲେ ଜୀବନରେ ମାରିଦବ ବୋଲି ଧମକ ଦିଏ ।

ବାଳ ଶ୍ରମ ଏବଂ ନାବାଳକା ଉପରେ ବଳାତ୍କାର ଦୋଷ ଯୋଗୁ ସାଓ୍ୱାରିଆକୁ ଜେଲ୍ ହୋଇଯାଇଥିଲା । କହିଲା ସାଗରିକା, ହେଲେ ଆମେ ଶୁଣିଥିଲୁ ସାଗରଙ୍କ ଉପରେ ବାଳଶ୍ରମ ଆରୋପ ଲାଗିଥିଲା ।

ଠିକ୍ ଶୁଣିଛ ନାନୀ । ସାଗର ବହୁତ ଦୟାଳୁ । କାହାରି ଦୁଃଖ ସହି ପାରନ୍ତିନ । କେବଳ ଗାଁ ରେ ନୁହେଁ, ତାଙ୍କ କର୍ମକ୍ଷେତ୍ରରେ ମଧ୍ୟ ସେ ତାଙ୍କ ଦୟାଳୁ ଗୁଣ ନେଇ ପ୍ରସିଦ୍ଧ ଥିଲେ । ଶଙ୍କର ମଉସାଙ୍କର ଝିଅ ସାରିକା । ଶ୍ୱଶୁର ଘରେ ବହୁ ଦହଗଞ୍ଜ ହେଉଥିଲା । ସବୁ ସହି ମଧ୍ୟ ସେ ପଡି ରହିଥିଲା । ସାତ ମାସ ପେଟରେ । ଦିନେ ତା ସ୍ୱାମୀ ଆଉ ଶାଶୁ ତାକୁ ବାଡିଆ ପିଟା କରି ବାହାରେ ଫୋପାଡିଦେଲେ । ଖବର ପାଇ ଶଙ୍କର ମଉସା ପହଁଞ୍ଚିଥିଲେ । ଅବସ୍ଥା ବହୁତ ଖରାପ । ଜୟପୁର ନେଇଯାଇ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡାକ୍ତରମାନଙ୍କର ମତ,

ପିଲା ଉପରେ ବହୁ କୁ ପ୍ରଭାବ ପଡିଛି । କେଉଁ ସମୟରେ ବି ତାଙ୍କୁ ଡେଲିଭରି କରାଇବାକୁ ହେବ । ହେଲେ ପାଖରେ କେହି ଜଣେ ସ୍ତ୍ରୀଲୋକ ରହିବା ନହାତି ଦରକାର । ଛୋଟ ଝିଅ ତ ବହୁତ ମିଳ ଯାଉଥିଲେ । ହେଲେ ସାଗର ଗ୍ରାଇଲଡ୍ ଲେବର ପ୍ରତି ବହୁ ସଜାଗ ଥିଲେ । ସାରିକାର ଅବସ୍ଥା କ୍ରମେ କ୍ରମେ ଜଟିଳ ହୋଇ ଉଠୁଥିଲା । ଶଙ୍କର ମଉସାଙ୍କର ମ୍ରିୟମାଣ୍ୟ ଅବସ୍ଥା । ବହୁ କଷ୍ଟରେ ପାଖ ଆଖେର୍ ଗାଁ ରୁ ଗୋଟିଏ ସତର ବର୍ଷର ଝିଅ ଖୋଜି ଆଣି ହସପିଟାଲ୍ ରେ ସାରିକା ପାଖରେ ରଖାଇ ଦେଇଥିଲେ ସାଗର ।

ସତର ବର୍ଷ? ରାଜସ୍ଥାନ ଆଇନ୍ ଅନୁସାରେ ବାଳଶ୍ରମ ୧୮ ବର୍ଷ ପର୍ଯ୍ୟନ୍ତ ।

ସେଇଆ ତ କାରଣ ଥିଲା ନାନୀ, ତାଙ୍କ ହିସାବରେ ୧୪ ବର୍ଷ । ନୂଆ ନୂଆ କାନୁନ୍ ଜାରୀ ହୋଇଥିଲା । ଇଏ ଥିଲା ୨୦୧୨ ସେପ୍ଟେମ୍ବର କଥା, ନୂଆ କାନୁନ୍ ବିଷୟରେ ସେ ଅଜ୍ଞ ଥିଲେ । କାହିଁ ଥିଲା ସାଓ୍ୱାରିଆ, ପୁଲିସ୍ ନେଇ ଆମ ଘରେ ପହଁଞ୍ଚିଗଲା, ସରକାରୀ ଚାକରୀ ଗଲା, ବର୍ଷଟାଏ ହାଜତରେ କାଟିଲେ । ଯୋଉଠି ଗଲେ ସେଇ ଅପନନ୍ଦା । ସହି ନପାରି ଆତ୍ମହତ୍ୟା କରିଥିଲେ ।

ଆତ୍ମହତ୍ୟା? ? ଆମେ ତ ଶୁଣିଥିଲୁ ବହୁତ ପିଆପିଇ ଯୋଗୁ ତାଙ୍କର ଯକୃତ ଖରାପ ହୋଇଥିଲା । ଯକୃତ ପ୍ରତ୍ୟାରୋପଣ ପାଇଁ ଲିଭର ମିଳିଲାନି । ଶେଷରେ ତାଙ୍କର ଦେହା ହୋଇଯାଇଥିଲା ।

ସବୁ ମିଛ ନାନୀ, କାହାକୁ ବୁଝାଇବି? କେତେ ଜଣଙ୍କର ମୁହଁ ବନ୍ଦ କରିବି । ତୁମେ ତ ଡାକ୍ତର ନାନୀ । ଏଇ ନିଅ, ପୋଷ୍ଟମର୍ଟମ ରିପୋର୍ଟଟା ପଢିଲେ, ତୁମେ ଜାଣି ପାରିବ । ଏତେ ଭଲ ଗୁଣ ଥିବା ଲୋକଟିର ବଦନାମ ମତେ ବହୁକଷ୍ଟ ଦେଉଛି ନାନୀ, କହି ପର୍ସରୁ କାଗଜ ଖଣ୍ଡେ ବାହାର କରି ନିବେଦିତାଙ୍କ ହାତକୁ ବଢାଇଲା ସାଗରିକା ।

ପୋଷ୍ଟ ମର୍ଟମ ରିପୋର୍ଟଟା ଉପରେ ଥରେ ଆଖି ବୁଲାଇ ଆଣି ସାଗରିକାକୁ ଉଠାଇ ଭିତରକୁ ନେଇଗଲେ ନିବେଦିତା ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ



ଆଶୁତୋଷ ମେହେର

# ପ୍ରେମ ପଳାଶ ଫୁଲର

ଫଗୁଣ ଆସିଲେ
ଏଇମିତି
ପଳାଶ ଫୁଲରେ
ନଅାଁରଙ୍ଗ ଲାଗେ;
ପ୍ରେମ ଋତୁରେ
ଯେମିତି
ଜଳ ଜଳାଉଥାଏ
ପ୍ରେମି ଯୁଗଳକୁ
ନିଃଶବ୍ଦ ନୀରବତାରେ ||
ପଳାଶର
ନାଲିରଙ୍ଗରେ
କ ମନ୍ତ୍ର ଉଚ୍ଚାରିତ ହୁଏ
କେଜାଣେ ? ?
ମନଭିତରେ ଏଇମିତି
ବନ୍ଧିରଖେ
ଦୁଇ ପ୍ରେମିଙ୍କୁ
ଶୂନ୍ୟର ପରିଧି ଭିତରେ ||
ହୁଏତ ପଳାଶର
ନାଲିରଙ୍ଗଟା ହିଁ ପ୍ରେମ,
ସଂଚରି ଯାଉଥାଏ
ପ୍ରେମି ଯୁଗଳଙ୍କ
ଆଲିଙ୍ଗନର ବନ୍ଧନରେ ||



ଆର୍ଯ୍ୟପଲ୍ଲୀ, କଟ୍ ଛକ,
ପଟିଆ, ଭୁବନେଶ୍ୱର

# ମଧୁମାଷ୍ଟ୍ରେ



ଇଂ. ସାରଦା ପ୍ରସାଦ ପରିଡା

ଦାଣ୍ଡ କଥା ଦାଣ୍ଡରେ ରହିଲେ ଭଲ । ଘର ଏରୁଣ୍ଡି ଡେଇଁ ଥରେ ଯଦି ଘର ଭିତରକୁ ଆସିଲା। ମନ ଫଟା ଫଟି ହେଇ ଘର ଭାଙ୍ଗିବା ସାର । ତା ଛଡା ଏ ରାଜନୀତି ତ ପାଟ ବିଲର ମଇଁଷିଆ ଜୋକ ପରି ଭଲ ଲୋକକୁ ଗୋଡେଇ ଗୋଡେଇ ଧରୁଛି । କଉ ଲୋକଟା ନିରଦଳୀୟ ଯେ ? ପୂବେଇ ପବନ ଘାଲେଇଲେ ବୋଳଝାଞ୍ଜି ଯେମିତି ପୋଖରୀରେ ପୋତା ହୋଇଥିବା କଣ୍ଟା ଝଟା କୁ ଆଉଜିନଏ, ସେମିତି ଏ ନିର୍ବାଚନ ଘଡିରେ ଯିଏ ଯୁଆଡେ ପାରିଲା ବଳେ ବଳେ କଉପଟ କୁ ଆଉଜିବ । ନହେଲେ ନେତାଙ୍କର ଭିନ କାରସାଦି ଅଛି, ତହୁଁ କିଏ ବର୍ତ୍ତିବ ।

ଏଇ ଦେଖୁନ ମଧୁମାଷ୍ଟରେ କଥା । ଆଜିଯାଏ ରାଜନୀତି ଆଉ ରାଜନେତା କୁ ଘୃଣା କରୁଥିବା ଲୋକ, ଏଥର ସ୍ୱୟଂ ମୁଣ୍ଡିଆଳ ସାଜି ନକରିବା କାମ ସବୁ କରି ଅପଦୁଆ ନେଇଛନ୍ତି । ବାବୁ ଆଜ୍ଞା ଯେଉଁ ଦଳରୁ ସରପଞ୍ଚ ଠିଆ ହେଲେ ବିରୋଧୀ ବାଲାଏ ଫୁସୁଲା ଫୁସୁଲି କରି ତାଙ୍କ ସାନ ଭାଇବୋହୁ କୁ ସମିତି ସଭ୍ୟ ପ୍ରାର୍ଥୀ କରିଦେଲେ। ଆଜ୍ଞା ଆଉ ଥୟ କେଉଁଠି । ଘରଟା ଏକବାର କୁରୁକ୍ଷେତ୍ର। ଦୁଇଭାଇଙ୍କ ଭିତରେ ଏମିତି ମନ ଫଟା ଫଟି ଯେ ଏକବାର ଚଉଦ ପୁରୁଷ ଉଦ୍ଧାର ପାଇଗଲେ । ମାଷ୍ଟରେ ଆଜ୍ଞାଙ୍କର ବୁଢୀ ମା ର ଭୋଟ ଖଣ୍ଡିଏ ପାଇଁ ଦୁଇ ଭାଇ ଭିତରେ ରାମ ରାବଣ ଯୁଦ୍ଧ । ଖାଲି ନାଁ କୁ ସିନା ସଭ୍ୟ ସରପଞ୍ଚ ନିର୍ବାଚନ ନିର୍ଦ୍ଦଳୀୟ । ମାତ୍ର ସବୁଠୁ ବେଶୀ ସାଂଘାତିକ ତ ଏଇଟା । କଥା ଏମିତି ପ୍ରକାର ମଧୁମାଷ୍ଟରେ ଙ୍କ ମା ବୁଢୀ ମଧୁମାଷ୍ଟରେ ପାଖରେ ରୁହେ, ତେଣୁ ସେ ମଧୁମାଷ୍ଟରେ ଙ୍କ କଥାରେ ବା ନଯିବ କେମିତି। ମାତ୍ର ସାନଭାଇର ଜିଦ ମା ବାପାଙ୍କ ସମ୍ପତ୍ତି ଉପରେ ଯେମିତି ପୁଅ ମାନଙ୍କର ସମାନ ଅଧିକାର, ମତଦାନ ଉପରେ ମଧ ସେମିତି ସମାନ ଅଧିକାର ହେବା ଉଚତ । କିଏ ବୁଝେଇବ ସେ ସମୟରେ କାହାକୁ, ଏ ଅଧିକାର ବୁଢୀ ର ନିଜସ୍ୱ ବୋଲି। ସେ ସମୟରେ ଯିଏ ଯାହା ବୁଝିଲା ସବୁ ଠିକ । ଶେଷରେ ବୁଢୀ ନିରୁପାୟ ହେଇ ବଡପୁଅ ସାଙ୍ଗରେ ଗଲା ।

ଭୋଟ ଖଣ୍ଡିକ କୁଆଡେ ଗଲା ତାର ବା ଯାଏ ଆସେ କେତେ । ଦୁର୍ଯୋଗ କୁ ମାସ କେଇଟା ଯାଇଛି କ ନାଇ ଅକସ୍ମାତ ବୁଢୀର ମୃତ୍ୟୁ ହେଲା । ହେଲେ ୟାକୁ ଆଣ୍ଠୁଆମୀ, ମୁର୍ଖାମି ନା ଆଉ କଣ କହିବା, ବୁଢୀର ସାନ ପୁଅ ବଡଭାଇ ମଧୁମାଷ୍ଟରେ ଆଜ୍ଞା ଙ୍କ ପାଖକୁ ନ ଆସି ବାହାରେ ବାହାରେ ଅଣ- ଶୁଦ୍ଧିଆ ହେଇ ବୁଲୁଛି । ପଗ୍ଗରିଲେ କହୁଛି ଆଜ୍ଞା ସେମାନେ ମୋର କେହି ନୁହଁ, ଆଉ ମଧୁମାଷ୍ଟରେ ବି ତହୁଁ ବଳ ଯିଏ ନଜର ଦୋଷ ମାନବାକୁ ନାରାଜ ।

ଏବେ କେବଳ ଦଇବ ହି ସାହା

ଜୟ ହୋ ରାଜନୀତି , ତତେ ଶତ ଦଣ୍ଡବତ ।

ଅଧ୍ୟାପକ, କୋଣାର୍କ ବିଜ୍ଞାନ ଓ କାରିଗରୀ ମହାବିଦ୍ୟାଳୟ, ଜଟଣୀ

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଅପ୍ରେଲ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com"

# ପଞ୍ଚାୟତ ଇଲେକ୍ସନ



ଶଶଧର ମହାପାତ୍ର

( ଏକ)

ଆସି ପହଞ୍ଚିଲା ଏବେ ନିର୍ବାଚନ ବେଳ
ଗାଁ ମାନଙ୍କରେ ଦେଖ ନେତା ମାଳମାଳ
କିଏ କହେ ତାଙ୍କ ଦଳ ସର୍ବଶ୍ରେଷ୍ଠ ଦଳ
ତାଙ୍କ ନେତା ବଡ ନେତା, ନାହିଁବି କନ୍ଦଳ
ଯୋଗ୍ୟପ୍ରାର୍ଥୀ ଦେଖି ତୁମେ ଦିଅ ନିଜ ଭୋଟ
କେବେ ଭୁଲିଯାଅନାହିଁ ଦେଖି ବିଡା ନୋଟ
ଶାସକ, ବିରୋଧୀ ଅବା ହେଉ ସେ ସ୍ୱାଧୀନ
ଯିଏ ବିଶ୍ୱାସୀ, ହିତାକାରୀ, ପାଉ ମତଦାନ
କ୍ଷମତା ଓ ଧନ ଦେଖି ଭୋଟ୍ ଦେଇଥିଲେ
ଭୋଗିବ ପାଞ୍ଚ ବରଷ ହାତୁ ଖସିଗଲେ
ଯାହା କରୁଛ ସର୍ବେ ଭାବିଚିନ୍ତି କର
ତୁମ ଭୋଟ୍ ର ମୂଲ୍ୟ ନହେଉ ବେକାର
ଯଦି କା' ପାଲେ ପଡ ଯିଏ ବଡ ଠକ
ତୁମ ଭାଗ୍ୟ, ଭବିଷ୍ୟତ ନୈରାଶ୍ୟଜନକ

( ଦୁଇ)

ତିନି ଦଳ ମିଶିକରି ପ୍ରାର୍ଥୀ କଲେ ଛିଡା
ରାତି ଅଧରେ ବାଣ୍ଟିଲେ ନୋଟ୍ ବିଡାବିଡା
ମଦ, ମାଂସ ଯିଏଦେଲା ସେ ପ୍ରାର୍ଥୀ ଜିତିଲା
ଭାବମୂର୍ତ୍ତୀ ଯାହାହେଉ ଚୋକାଟା ରଙ୍ଗିଲା
ସଭା, ସମିତିରେ ମାଂସଭାତର ବ୍ୟବସ୍ଥା
ବିକଳରେ ଖାଇ ଲୋକେ ହୋଇଲେ ହୀନସ୍ଥା
କିଏ ପିଏ ଦେଶୀ, ଆଉ କିଏବି ବିଦେଶୀ
ମାଗଣାରେ ମିଳଗଲେ ହେଉଥାନ୍ତି ଖୁସି
ବ୍ୟାନର ମାରନ୍ତି ନେଇ ମନ୍ଦିର ଭିତରେ
ମାରିଅଛି ପୁଣି କିଏ ଗାଧୁଆ ତୁଠରେ
ଠାକୁରଙ୍କ ସଙ୍ଗେ ନେତା ଫଟୋକୁ ଦେଖିବ
ଗାଧୋଇସାରିକି ତାଙ୍କ ମୁହଁକୁ ଚାହିଁବ
ସିନେଷ୍ଟାରମାନେ ଆଜି କରନ୍ତି ପ୍ରଚାର
ସାବ୍ୟସ୍ତ କରନ୍ତି ଆଜି ତାଙ୍କ ଅଧିକାର
ଅର୍ଥ ମୋହଠାରୁ ବେଶୀ ମୋହ କ୍ଷମତାର
ଗର୍ବ, ଅହଂକାର ସହ ଖେଳ ବିବେକର

( ତିନ)

ବଢୁଅଛି ନିର୍ବାଚନ ହିଂସା ଘୁରିଆଡେ
ନିର୍ବାଚନ କମିସନ ଦେଖି ଶୋଇପଡେ
ପୋଡାଜଳା ହାଣକାଟ ଘଟେ ଘୁରିଆଡେ
ଇଲେକ୍ସନବେଳେ ଏହା ଦଶଗୁଣ ବଢେ
ଶାନ୍ତି ସୁରକ୍ଷ ଦେବା ସରକାରୀ କାମ
ପୋଲିସ୍ କର୍ମଘ୍ରୀ ହୁଅନ୍ତି ନରମ
ଆଇନ ଶୃଙ୍ଖଳା ମୁକାବିଲା ହେଲେ ଢିଲା
ପ୍ରତିକୂଳ ପରିବେଶ କରୁଛି ଝାମେଲା
ସରକାରୀ କର୍ମଘ୍ରୀ ହୋଇଲେ ସଂପୃକ୍ତି
ବିରୋଧୀଙ୍କ ଅଭିଯୋଗ ହୁଏ ତାଙ୍କପ୍ରତି
ପୋଲିସବିଭାଗ ନୀରପେକ୍ଷ ହେବାକଥା
ନହେଲେ ଗଣମାଧ୍ୟମ ଦିଏ ମୁଣ୍ଡ ବ୍ୟଥା
ବାମପନ୍ଥୀ, ଉଗ୍ରପନ୍ଥୀ, ମାଓବାଦୀଭି
ନିଆଁରେ ଢାଳନ୍ତି ଘିଅ ଦେଇ ଉସୁକେଇ
ହିଂସାକୁ ଆୟୁଧଭାବେ କଲେ ବ୍ୟବହାର
ଗଣତନ୍ତ୍ର ପବିତ୍ରତା ନଷ୍ଟ ହେବା ସାର
ଗଣତନ୍ତ୍ର ପଦ୍ଧତିରେ ପ୍ରତ୍ୟେକ ବ୍ୟକ୍ତିର
ମତଦାନଦେବା ଅଟେ ପୂର୍ଣ୍ଣ ଅଧିକାର
ଯେଉଁମାନେ ବାହୁବଳୀ, କ୍ଷମତାପ୍ରମତ୍ତ
ଜନସେବାପାଇଁ ନାହିଁ ସେମାନଙ୍କ ଚିତ୍ତ

( ଘ୍ରରି)

ଭୋଟଜୀବୀମାନେ ଦେଲେ ତୁମକୁ ଟଙ୍କାଏ
ଦଶଟଙ୍କା ସେଥିପାଇଁ ସିଏ ଲୁଟିଥାଏ
ଦେଖିବାକୁ ମିଳେ ଆଡମ୍ବର ଏ ପ୍ରଘ୍ରର
ଖର୍ଚ୍ଚ ହେଉଥିବା ଅର୍ଥ ତୁମରି ରାଜ୍ୟର
ମାଡପିଟ, ହାଣକାଟ ଚିନ୍ତାର ବିଷୟ
ପୋଡାଜଳା, ହିଂସାପାଇଁ ଯାଅ ନ୍ୟାୟାଳୟ
ଭୋଟବାକ୍ସ ଲୁଟିନେବାପାଇଁ ଲୋକେ ଦାୟୀ
ଗଣତନ୍ତ୍ର କ୍ଷତିଗ୍ରସ୍ତ ହୁଏ ସେଥିପାଇଁ
ଯୁକ୍ତିତର୍କ ଅଟେ ଗଣତନ୍ତ୍ର ମୂଳଦୁଆ
ଭଙ୍ଗାରୁଜା କରୁଥାଏ ଯିଏକ ମଦୁଆ
ଯାହାସବୁ ନଷ୍ଟହୁଏ ଦେଶର ସଂପତ୍ତି
କଛିଯାଏନାହିଁ ଯିଏ କରେ ରାଜନୀତି

( ଯାହା ବିଭିନ୍ନ ଖବର କାଗଜରେ କ ଓଟିଭିରେ ପ୍ରକାଶ ପାଇଛି ତାହାକୁ ଏ କବିତାରେ ଲେଖା ଯାଇଛି । କାହା ମନରେ ଦୁଃଖ ଦେବା ମୋର ଉଦ୍ଦେଶ୍ୟ ନୁହେଁ ।)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଅଲିଭ ଦାଗ

ଶ୍ରୀ ବଳରାମ ସାହୁ

ଶ୍ରାବଣର ମେଘାଚ୍ଛନ୍ନ ସକାଳଟିଏ। ବିଦ୍ୟାଳୟରୁ ଆମେ ଦୁଇ ଶିକ୍ଷକ ତରତରରେ ଚାଲିଛୁ ବାଲେଶ୍ୱର ବସ୍ ଧରିବାକୁ। କେନାଲ ବଂଧରେ ଗୋରୁଜଗା ପିଲାଟିଏ ଅତି ସଂଭ୍ରମରେ ଦଣ୍ଡବତ କଲା। ଆମେ ତାକୁ ବିସ୍ମୟରେ ଚାହିଁଲୁ କିଛି ପଚାରିବା ପୂର୍ବରୁ ସେ କହିଲା, ସାର୍ ମୁଁ ଆପଣଂକ ସ୍କୁଲରେ ଷଷ୍ଠଶ୍ରେଣୀରେ ଭର୍ତ୍ତି ହୋଇଛି। ପଢାପଢି ଆରମ୍ଭ ହୋଇନାହିଁ ବୋଲି ସ୍କୁଲକୁ ଯାଇନାହିଁ। ତାର ସେ ବିନୟୀଭାବ ଆମ ହୃଦୟରୁ ଆଶିଷ ଶୁଭେଚ୍ଛାର ଝର ଫିଟେଇ ଦେଲା। ଆମେ ତରତରରେ ଆଗେଇ ଚାଲିଥାଉ।

ସେ ସତ୍ୟରଂଜନ ! ସ୍କୁଲରେ ସବୁଥିରେ ସେ ଉତ୍ତମ ଛାତ୍ର ଭାବେ ବାରି ହୋଇଗଲା। ଗରିବ ଘରର ପିଲା ସିନା, ହେଲେ ମନ ତାର ଖୁବ୍ ଉଚ୍ଚ। କୋଉ କଥାରେ ତାକୁ ବିରକ୍ତ ହେବାକୁ ପଡେନ। ସ୍କୁଲର ମାସିକ ପ୍ରାପ୍ତ ଦେବାରେ ବି ସିଏ ଆଗୁଆ। ପଚାରିଲେ କହେ ପ୍ରତିଦିନ କିଛିକିଛି ପଇସା ସଂଗ୍ରହ କରି ପ୍ରାପ୍ୟ ପଇଠ କରିବାରେ ତାକୁ ଅସୁବିଧା ହୁଏନାହିଁ । ଭଲପିଲାଂକ ପ୍ରତି ଶିକ୍ଷକ ମାନଂକର ଶ୍ରଦ୍ଧା ଚିରଦିନ ଅଧିକ ଥାଏ । ସେମିତି ଅଳ୍ପ କେତୋଟି ଦିନରେ ସତ୍ୟ ଆମ ସଭିଂକର ଅତି ଆପଣାର ହୋଇଗଲା ।

ସେଦିନ ମୋ ପିରିଅଡ୍ ଥାଏ । କେଜାଣି କାହିଁକି ତା ପ୍ରଶ୍ନୋତ୍ତରରେ ମୁଁ ବିରକ୍ତ ହେଲି। ଯୋଉଠି ସ୍ନେହ ସେଇଠି ଶାସନ ।ତେଣୁ ବିରକ୍ତ ହୋଇ ସତ୍ୟକୁ ଶ୍ରେଣୀରେ ଠିଆ କରାଇ ଦେଇଥିଲି । ଅଳ୍ପ କିଛି ସମୟ ଯାଇଛି କି ନାହିଁ ଚେତା ହରାଇ ସେ ତଳେ ପଡିଗଲା।

ପିଲାମାନେ ଆଉ ମୁଁ ଧରାଧରି କରି ଅଫିସକୁ ନେଲୁ। କିଛି ସମୟ ଆମ ସେବା ସୁଶ୍ରୁଷାରେ ଅଳ୍ପକେ ସୁସ୍ଥ ହେଲା ସେ । ସୁସ୍ଥ ହେଲାପରେ କ'ଣ ହେଲା ପଚାରିବାରୁ କହିଲା- ଖାଇବାକୁ ନ ଥିଲା, ମୁଁ ଆଜି କିଛି ଖାଇନ । ଏ ପଦକ ଶୁଣି ହତବାକ୍ ହେଲି। ହଷ୍ଟେଲରୁ ତା' ପାଇଁ ଭାତ ତରକାରି ମଗାଇ ତାକୁ ବଳାଇ ବଳାଇ ଖୁଆଇଲି । ସୁସ୍ଥ ଅବସ୍ଥାକୁ ଆସିଲା ପରେ ଜାଣିଲୁ, ଅଭାବୀ ଘର । ବାପା, ମା' ଓ ସେ ତିନ ଜଣିଆ ପରିବାର । ଜମିବାଡ଼ି ନାହିଁ। ଘରଡ଼ିହ ଗାଁ ମହାଜନଙ୍କ ଠାରେ ବନ୍ଧା ପଡିଛି । ବାପା ତାର ମୂଲ ଲାଗିଲେ ଘରେ ଚୂଲି ଜଳେ । ଦୁଃଖେ

କଷ୍ଟେ ସଂସାର ଚଳେ । ବେଳେ ବେଳେ ଉପବାସ ବି ରହିବାକୁ ପଡେ । ତା ଅଭାବୀ ସଂସାରର ଦୁଃଖ ଶୁଣୁ ଶୁଣୁ ଆଖି ଲୁହରେ ଜକେଇ ଗଲା। ମୋ ପାଟିରୁ ଆପେ ଆପେ ବାହାରିଗଲା ତୁ ଆଜିଠୁଁ ଆମରି ଘରେ ରହ । ସେଇଠୁ ଆସି ସ୍କୁଲରେ ପାଠ ପଢିବୁ । ତୋ ବାପା ମା' କୁ ମୁଁ ଯାଇ ସବୁକଥା କହିବି । ଏଇଠୁ ସିଧା ଆମ ଘରକୁ ଚାଲ । ସେଠି ବସ୍ତାନ ରଖି ଦୁହେଁ ତୋ ବାପା ପାଖକୁ ଯିବା ।

ଏହାରି ଭିତରେ ପାଞ୍ଚ ପାଞ୍ଚଟା ବର୍ଷ ବିତି ଗଲାଣି । ଆମ ମ.ଇ. ସ୍କୁଲରୁ ପାଠ ସାରି ସାର୍ଥା ହାଇ ସ୍କୁଲରେ ଦଶମ ଶ୍ରେଣୀରେ ପଢୁ ଥାଏ ସେ । ଥରେ ମହିମା ଧର୍ମର ଅବଧୂତ ଶମ୍ଭୁନାଥ ବାବା ଆମ ଗାଁ କୁ ଆସିଥାନ୍ତି। ତାଙ୍କ ଭଜନ, କୀର୍ତ୍ତନ ଆଲୋଚନାରେ ଯୋଗ ଦେବାକୁ ମୋତେ କହି ଯାଏ । ବହୁ ସମୟ ତାଙ୍କରି ପାଖରେ ବସେ, ଧର୍ମ କଥା ଶୁଣେ । କ'ଣ ହେଲା କେଜାଣି କାହାକୁ କିଛି ନ କହି ବାବାଙ୍କ ସହ ଜୋରନ୍ଦା ଗାଦିକୁ ଚାଲିଗଲା । ବାବାଙ୍କ ସହିତ ଯାଇ ଥିବାର ନିଶ୍ଚିତ ଖବର ପାଇବି ମୁଁ କାହିଁକି ଖୁସି ହୋଇ ପାରିଲିନ ।

ସତ୍ୟରଞ୍ଜନ ଆମ ଘରୁ ଚାଲିଯିବାର ତିନି ଚାରି ମାସ ବିତିଗଲାଣି ।ତା ମା'ର ଡାକରା ପାଇ ତା ଘରକୁ ଗଲି । ମୋତେ ଦେଖିବା ମାତ୍ରେ ତା ମା'ର ବୁକୁ ଫଟା କାନ୍ଦଣା ମୋତେ ମର୍ମାହତ କରିଦେଲା । ତୁହାଇ ତୁହାଇ କହୁଥାଏ, ମୋ ପୁଅକୁ ଆଣିଦିଅ । ବୁଢୀ ବୟସରେ ଗୋଟିଏ ବୋଲି ପିଲା ପାଇଛି । ଭିକ ଉପାସରେ ରହି ତାକୁ ବଡ କରିଛି। ସେ ମୋର ଜୀବନ । ମମତାମୟୀ ମା'ର ସେ ବାହୁନା ଭିତରେ କାହ୍ନା ହରା ମା' ଯଶୋମତୀକୁ ଦେଖୁଥିଲି । ବହୁ ଆଶ୍ୱାସନା ଦେଇ ଆହତ ମନରେ ଫେରିଲି ।

ତା ପରଦିନ ସ୍କୁଲରେ ସାର ମାନଙ୍କ ଗହଣରେ ଏହିସବୁ କଥା ଆଲୋଚନା କରୁଥିଲି। ଝାଡେଶ୍ୱର ବାବୁ ସବୁ ଶୁଣି ସାରି ଚୁପଚାପ ବାହାରକୁ ଗଲେ। ସଂଗେ ସଂଗେ ଫେରି ଆସିଲେ ଲମ୍ବା ଚିଠିଟିଏ ଧରି । ମୋ ହାତକୁ ବଢେଇ ଦେଲେ । ଏକା ନିଃଶ୍ୱାସରେ ପଢ଼ିଗଲି । ଲେଖିଛି, ସେଠି ସେ ଶାନ୍ତି ପାଉନାହିଁ । ସମ୍ପ୍ରଦାୟ ଭିତରେ ଦଳାଦଳ, ଗୋଷ୍ଠୀ କନ୍ଦଳ, ସ୍ୱାର୍ଥପରତା, ଆତ୍ମବଡୀମା, ପରସ୍ପର ମଧ୍ୟରେ ଶ୍ରଦ୍ଧା ନାହିଁ । ଅଲେଖ ସମ୍ପ୍ରଦାୟର ବଡ ଶାଖା ଉତ୍ତରପ୍ରଦେଶକୁ ଚାଲିଯିବ ଭାବିଛି ।

ବର୍ଷଟେ ପରେ ସତ୍ୟରଞ୍ଜନ ବାବାଙ୍କ ସହ ଆମ ଗାଁକୁ ଆସିଲା । ଗେରୁଆ କୌପୀନ ଏବଂ ତାଳପତ୍ର ଛତାଟେ ଧରି ମୋତେ ଦେଖା କରିବାକୁ ଆସିଲା । ମୋତେ ନ କହି ଚାଲି ଯାଇଥିବା ଯୋଗୁଁ ଅନୁନୟ ବିନୟ ହେଲା । ତା ମା'ର ଦୁଃଖ ବୁକୁଫଟା କାନ୍ଦଣା କଥା କହିଲି । ତା ମା'କୁ ଦେଖା କରିବାକୁ ବାଧ୍ୟ କଲି । ସବୁକଥା ଶୁଣି ସାରି ମୁଁ ଅନୁମତି ଦେଲେ ଘରକୁ ଫେରିବ ବୋଲି କହିଲା । ମୁଁ ସଙ୍ଗେ ସଙ୍ଗେ ସମ୍ମତ ହୋଇ ସବୁକଛି ଅପରାଧ ମୁଣ୍ଡ ପାତି ବରଣ କରିବାର ପ୍ରତିଶୃତି ଦେଲି । ପ୍ରଧାନ ଶିକ୍ଷକ ଅମୁଲ୍ୟ ବାବୁ ଆଉ ମୁଁ ଶମ୍ଭୁନାଥ ବାବାଙ୍କୁ ସାକ୍ଷାତ କଲୁ । ବାବା ଜ୍ଞାନୀ ଓ ନିରହଙ୍କାରୀ । ଆମକୁ ଶ୍ରଦ୍ଧା କରନ୍ତି । ଅନେକ କଥା ଆଲୋଚନା ହେଲା ଆମ ଭିତରେ । ଅମୂଲ୍ୟବାବୁ କହିଲେ ବାବା, ଆପଣ ସମସ୍ତଙ୍କ ଠାରୁ ଭିକ୍ଷା ଗ୍ରହଣ କରନ୍ତି । ହେଲେ ଆଜି ଆମେ ଆପଣଙ୍କ ଭିକ୍ଷାପ୍ରାର୍ଥୀ । ବାବା କହିଲେ "ମୁଁ ତ ଜଣେ ଭିକ୍ଷାର୍ଥୀ, ମୁଁ ବା କଣ ଦେଇ ପାରିବି ? ହଉ, ଯାହା ମାଗିବ ମାଗ । "ସତ୍ୟରଞ୍ଜନ ଅଭାବରେ ତା ବାପା ମା' ର ଅସହାୟ ଅବସ୍ଥା କଥା କହିଲୁ । ତା ମା' ଆଖିରେ ସବୁ ଲୁହ ଶୁଖି ଯାଇଛି କହି ସତ୍ୟରଞ୍ଜନ କୁ ମାଗିଲୁ । ଖୁବ ଚନ୍ତିତ ହୋଇ ପଡିଲେ ବାବା । ତା ଭଳ ପିଲାକୁ ଶିଷ୍ୟ ରୂପେ ପାଇ ହରାଇବାର ଦୁଃଖ ବାବାଙ୍କ ମୁହଁରୁ ସ୍ପଷ୍ଟ ପଢି ହେଉଥିଲା । ବାବା ଅନୁମତି ଦେଲେ । ସତ୍ୟରଞ୍ଜନ ତା ବାପା ମା' କୋଳକୁ ଫେରିଗଲା । ଆମରି ଘରେ ରହି ପୁଣି ପଢାପଢି କରି ମେଟ୍ରିକ ପାସ କଲା ତା ପର ବର୍ଷ ।

ମୁଁ ଅଲସର୍ ଆକ୍ରାନ୍ତ ହୋଇ ଚକିତ୍ସିତ ହୋଇ ଡାକ୍ତରଙ୍କ ପାଖରୁ ଫେରିଲି। ପର ଦିନ ଦୋଳ। ସାନଭାଇ ଗୋପାଳ ପିଞ୍ଛାବଣିଆ ଦୋଳ ଦେଖିବାକୁ ବାହାରିଲା । ସତ୍ୟରଂଜନକୁ ଯେତେ କହିଲେ ଯିବାକୁ ରାଜି ହେଲାନ । ପୁଣି କ'ଣ ହେଲା ସେ ଏକା ଏକା ବାହାରିଲା । ମନରେ ଦୃଢତା ଶୀଘ୍ର ଶୀଘ୍ର ଯାଇ ସେ ରାସ୍ତାରେ ଗୋପାଳକୁ ଭେଟିବ। ରାତିସାରା ଦୋଳ ପାଇଁ ରାସ୍ତାରେ ଲୋକ ଚଳାଚଳ। ତେଣୁ ଭୟର କାରଣ ନ ଥିଲା । ହେଲେ ଯେତେ ଶୀଘ୍ର ଗଲେବି ଗୋପାଳର ସାକ୍ଷାତ ପାଇନ। ଓଲଟି ହଳଦୀପଦା ଛକ ଆଗରୁ ଦୁଇଟା ଲୋକ ତାକୁ ଅଟକାଇ ତା ପାଖରେ କ'ଣ ଅଛି ପଚାରିଛନ୍ତି । ଟଂକାଟିଏ ଆଉ କଛି ଖୁଚୁରା ପଇସା ଅଛି କହିଲାପରେ ସେ କଛି ଜାଣେନ । ବାରିକପୁରରୁ ଗୋରୁ ଘେନ ଆମ ଗାଆଁ ଧର ସାହୁ ଫେରିବାବେଳେ ପରିସ୍ରା କରିବାକୁ କଳମ ବୁଦା ପାଖରେ ବସିପଡି ଚମକ ପଡିଲା- କ୍ଷୀଣକଂଠରେ ମାଆଲୋ ମରିଗଲିଗୋ ପାଣି ଟୋପେ ଦିଅ ଚତ୍କାର ଶୁଣି ଯାଇ ଦେଖିଲା ବେଳକୁ ପିଲାଟିଏ ଛାଟିପିଟି

ହେଉଛି । ସ୍ପଷ୍ଟ ଜହ୍ନ ଆଲୁଅରେ ସତ୍ୟକୁ ଚହ୍ନିପାରି ତାକୁ କାନ୍ଧରେ ପକାଇ ହଳଦୀପଦା ଛକକୁ ଦୌଡ଼ିଲ୍ । ସେଠି ଆମ ଗାଁର ଆଉ କଛି ଲୋକ ସତ୍ୟର ଅବସ୍ଥା ଦେଖି ଦୋଳଯାତ ଯିବେ କ'ଣ, ତାକୁ ନେଇ ବାଲେଶ୍ୱର ଡାକ୍ତରଖାନା ଧାଇଁଲେ । ସାମାନ୍ୟ କେତେଟା ପଇସା ପାଇଁ କେହି ଦୁର୍ବୃତ୍ତ ତା ମୁହଁରେ ଏସିଡ ପକାଇ ଦେଇଥିଲେ । ପେଟ, ଛାତି, ବେକ, ମୁହଁର ଘା ଶୁଖିବାକୁ ଅନେକ ଦିନ ଲ୍‌ଗିଗଲ୍ ।

ସେମିତି ଆଉ ଗୋଟେ ଘଟଣା ସତ୍ୟରଞ୍ଜନ ଜୀବନରେ ଅବିସ୍ମରଣୀୟ । ବସ୍ତା ତହସିଲରୁ ଇନକମ୍ ସାର୍ଟିଫିକେଟ ପାଇଁ ଗୋଟିଏ ଦିନରେ ବସ୍ତାରୁ ଛାନୁଆ ଆର୍.ଆଇ. ଙ୍କ ଠାରୁ ପ୍ରମାଣ ପତ୍ର ନେଇ ପୁଣି ତହସିଲରେ ପହଞ୍ଚି ସାର୍ଟିଫିକେଟ ଆଣି ଘରକୁ ଫେରିଲ୍ ବେଳକୁ ତା ପାଖରେ ବହୁତ କମ୍ ପଇସା ଅଛି। ସେଠୁ ହଳଦୀପଦା ପହଞ୍ଚିବାକୁ ତା ପାଖରେ ବସ୍ ଭଡାକୁ ବି ଅଣ୍ଟିବନି। ତଥାପି କଣ୍ଡକ୍ଟର ଦୟାରୁ ହଳଦୀପଦା ଆସି ମୁହଁସଂଜ ବେଳେ ଏକ ପ୍ରକାର ଦୌଡି ଦୌଡି ଫଂଚୁପଡା ନଦୀଘାଟ ରେ ପହଞ୍ଚିଛି। ନଦୀରେ ବନ୍ୟାପାଣିର ପ୍ରଖର ସୁଅ। ନାଉରିଆ ଡବଲ ପଇସା ନେବ। ତା ପାଖରେ ପଇସା ନାହିଁ କହିଲ୍‌ପରେ ନାଉରିଆ ତା' ଗାଁ ଲୋକ ହୋଇ ବି କୋଉ ଖିଆଲରେ ମନା କରି ଦେଇଛି। ଘାଟରେ ଦଣ୍ଡେ ନିର୍ବାଶ ହୋଇ ଛିଡା ହୋଇଥିଲ୍ ବେଳେ ଆମ ଦେଶ ପ୍ରଧାନମନ୍ତ୍ରୀ ଶାସ୍ତ୍ରିଜୀଙ୍କ ପିଲ୍‌ଦିନ କାହାଣୀ ମନେ ପଡିଛି। ପଇସା ନ ଥିବାରୁ ଗଂଗାନଦୀକୁ ପହଁରି ପାରି ହେଉଥିଲେ । ସତ୍ୟ ମନରେ କ ଏକ ଅଦମ୍ୟ ସାହସ ଆସିଛି। ଲୁଗାପଟା ସଜାଡି ନଇକୁ ଡେଇଁଛି। ସ୍ରୋତର ଭଉଁରିରେ କେତେଥର ବୁଡିଛି ଉଠିଛି ସେ ଜାଣେନା। ଏଭଳି ଅଭାବନୀୟ ଘଟଣା ଘଟିବ ବୋଲି ନାଉରିଆ କେବେହେଲେ ଆଶା କରି ନ ଥିଲ୍। ଅପରାଧୀ ମନନେଇ ପ୍ରାଣପଣେ ଚେଷ୍ଟା କରିଛି ପିଲ୍‌ଟିକୁ ଭଉଁ ନଇରୁ ରକ୍ଷା କରିବାକୁ। ହେଲେ ତା ଚେଷ୍ଟା ବୃଥା ହେଲ୍। ଡ଼ଙ୍ଗା ଭିଡି ରଖିବାକୁ ଚେଷ୍ଟା କରୁ କରୁ ସତ୍ୟ ଠାକୁରଙ୍କ କୃପାରୁ କୂଳ ଧରିଗଲ୍। ବିଚରା ନାଉରିଆ ତାର ସାମାନ୍ୟ କେତେଟା ପଇସା ପାଇଁ ଯୋଉଁ ଦୁର୍ଘଟଣା ଘଟିବାକୁ ଯାଉଥିଲ୍ ସେ କଥା କହି ଆଜିବି ବେଳେବେଳେ ଆଖିରୁ ଲୁହ ପୋଛେ।

ମେଟ୍ରିକ ପାସ କଲ୍‌ପରେ ଠାକୁରଙ୍କ ଦୟାରୁ ରାଜ୍ୟ ବିଦ୍ୟୁତ ବିଭାଗରେ ଚାକରୀ ପାଇଲ୍। କେଇଟା ମାସ ପରେ ପିତୃ ଋଣ ପରିଶୋଧ କରି ବନ୍ଧକ ପଡିଥିବା ଘରଡ଼ିହ ମୁକୁଳେଇ ଅଳ୍ପ କଛି ଚାଷଜମି ମଧ୍ୟ କଣିଲ୍। ପୁଣି କେଇଟା ଦିନ ଯାଇଛି କ ନାହିଁ ତା ମାଆ ଓ ବାପା

ଡକାଡ଼କ ହେଲାପରି ସେପାରିର ପଥିକ ହେଲେ। ମାତୃ ପିତୃ କାର୍ଯ୍ୟ ସମାପନ କରି ଦୁଃଖରେ ଭାଙ୍ଗି ପଡିଛି ସତ୍ୟ। ଆମ ସମସ୍ତଙ୍କ କୁହାବୋଲା ମାନ ମା'ର ଶେଷ ଇଚ୍ଛା ପୁରଣ କରି ମୋର ଜଣେ ପରିଚତ ର ଝିଅ ସହିତ ତା ବାହାଘର ସାରି ଯାଇଥିଲା। ଏବେ ସଭିଙ୍କ ଶାନ୍ତ୍ୱନା ଭିତରେ ପିତୃ ମାତୃ ଶୋକ ଭୁଲି ପୁଣି ଅଂଟା ସଳଖୁଛି ସେ । ଅଳ୍ପ ଅଳ୍ପ କରି କଛି ଗୃଷଜମି କଣିବା ସହ ଛୋଟ ପକ୍କାଘରଟିଏ କରିପାରିଛି । ପିଲାପିଲି କୋଳକୁ ଆସିଛନ୍ତି। ଧୀରେ ଧୀରେ ତା ସଂସାରଟା ହସି ଉଠିଛି ।

ବିଧିର ବିଧାନ ବଡ଼ ବିଚତ୍ର। ପୁନେଇଁ ପରେ ଉଁଆସ, ସୁଖ ପରେ ଦୁଃଖ; ସେହି ଅଦେଖା ହାତ ତ ଖଞ୍ଜି ଦେଇଛି । ସତ୍ୟରଞ୍ଜନର ଅନେକ ଦିନର ଅଭ୍ୟାସ ସନ୍ଧ୍ୟାରେ କଛି ସମୟ ଯୋଗାସନ କରିବା। କନ୍ତୁ ସେଦିନ ତା ଯୋଗାସନ ଥିଲା ଶେଷ ଯୋଗ। ସ୍ତ୍ରୀ, ପୁତ୍ର, ସାଇ ପଡିଶା, ବନ୍ଧୁ ବାନ୍ଧବଙ୍କର ସ୍ନେହ ଶ୍ରଦ୍ଧା ମମତାକୁ ତୁଚ୍ଛ କରି ସେ ଯେ ଯୋଗ ଭିତରେ ଚର ବିଶ୍ରାମ ନେବ, ସେ କଥା କେହି କଳ୍ପନା କରି ନ ଥିଲେ। ସେଦିନ ସେଇ କାଳ ରାତିରେ ମୋ ଭାଇ, ପୁଅ, ସ୍ତ୍ରୀ ସହିତ ସତ୍ୟରଞ୍ଜନ ସ୍ତ୍ରୀର କରୁଣ ଚତ୍କାର ମୋତେ ସ୍ତବ୍ଧ କରିଦେଇଥିଲା। ଧୈର୍ଯ୍ୟର ବାଲିବନ୍ଧ ଭାଙ୍ଗି ଯାଇଥିଲା। ସଂଗେ ସଂଗେ ସତ୍ୟରଞ୍ଜନକୁ ନେଇ ଡାକ୍ତରଖାନାକୁ ଧାଇଁଲୁ। ହେଲେ ସବୁ ଚେଷ୍ଟା ବ୍ୟର୍ଥ ହେଲା। ଡାକ୍ତର ସତ୍ୟରଞ୍ଜନକୁ ମୃତ ଘୋଷଣା କଲାପରେ ଆମେସବୁ ଆଉ ଧୈର୍ଯ୍ୟ ଧରି ପାରିଲୁ ନାହିଁ। କେଉଁ ମୁହଁ ନେଇ ତାକୁ ଘରକୁ ଫେରେଇ ନେବୁ! କେମିତି ଶାନ୍ତ୍ୱନା ଦେବୁ ପତିହରା ଅଳ୍ପ ବୟସର ପତ୍ନୀକୁ!! କେମିତି ଭୁଲାଇବୁ ପିତୃହରା ଅବୋଧ ପିଲାଙ୍କୁ !! ଜନ୍ମ ସାଥୀରେ ମୃତ୍ୟୁ ତ ନଶ୍ଚିତ । କନ୍ତୁ ଏଇ ଅସମୟରେ ଅଳ୍ପ ବୟସରେ ଏ ଜୀବନ ଦର୍ଶନ କ ଯେତେ ଆଶ୍ୱାସନା ଦେଲେବି ପତିହରା ପତ୍ନୀକୁ ତାର ସୁହାଗ ସିନ୍ଦୁର, ଆଉ ପିତୃହରା ଅବୋଧ ପିଲାକୁ ବାପାର ସ୍ନେହର କବଚ କିଏ ବା ଦେଇ ପାରିବ !!! ଏ ଦୁଃଖ ଏ ଅଭାବ ଆମ ପାଇଁ ତା ଚରଦିନ ଅଲିଭା ଆଉ ଅପୂରଣୀୟ.......।

ଅବସର ପ୍ରାପ୍ତ ଶିକ୍ଷକ,
ବୀଣାପାଣି ମ.ଇ. ବିଦ୍ୟାଳୟ , ସାର୍ଥା

# ଓଡିଆ କବି ମୁଁ...
# ପାଉଛି ଫାଶୀ



ଫିରୋଜ କୁମାର ପଟେଲ

ଲେଖିଥିଲେ ଦିନେ ଇତିହାସ ମୋର
ଉତ୍କ୍ର ସାହିତ୍ୟରେ ମୁଁ ହସିହସି
ଆଙ୍କିଥିଲି ଦିନେ ଉତ୍କ୍ର ଗାଥାଚନ୍ଦ୍ର
ଉତ୍କଳ ଗୌରବ ତୂଳୀରେ ବସି
ମୋର ସେ କର୍ତ୍ତିରୁ ବୁଡୁଛି ଶଶୀ
ଓଡିଆ କବି ମୁଁ..ପାଉଛି ଫାଶୀ ।

ସ୍ୱାଧିନତା ଯୁଦ୍ଧେ ନିଆଁ ଜାଳଥିଲି
ମୋ କାବ୍ୟ କବିତା ଉଥାଙ୍ଗ ଯେଷି
ସେ କାବ୍ୟେ ଟିପ୍ପଣୀ ଦେଉଛି ଜନତା
ଅଟ୍ଟହାସ୍ୟ ଭାବ ମୁଖେ ପ୍ରକାଶି!
ଉତ୍କ୍ରଭୂଷା ସାଜେ ବଣ ତୁଳସୀ
ଓଡିଆ କବି ମୁଁ..ପାଉଛି ଫାଶୀ ।

ସମଗ୍ର ଜଗତେ ପ୍ରଶିଦ୍ଧତା ଆଜେ
ମୋ ଗୀତଗୀତି ଓ ନାଚ ଓଡିଶୀ
ଆଜି ସେ ଓଡିଶା ଗରବ ଗୌରବ
ସମୟ ସିନ୍ଧୁରେ ଯାଉଛି ଭାସି
କର୍ତ୍ତିଫୁଲ ମୋର ହେଲା ରେ ବାସି
ଓଡିଆ କବି ମୁଁ..ପାଉଛି ଫାଶୀ ।

ଛନ୍ଦ ଅଳଙ୍କାରେ　　　　　　ବଜାଉଥିଲି ମୁଁ
　　ଚିଲିକା କୋଣାର୍କ ପୁରୀ ର ବଂଶି
ଆଗ୍ରହ ବିନାଶେ　　　　　　ମୋ ଅଙ୍ଗରେ ବାଜେ
　　ସ୍ୱାର୍ଥପରତାର ତୀକ୍ଷ୍ଣ ଅସି
　　　　ଲାଗିଛି ମୋ ବେକେ ମୃତ୍ୟୁର ରସି
　　　　ଓଡିଆ କବି ମୁଁ..ପାଉଛି ଫାଶୀ ।

ମୋ ଲେଖନୀ ଗାଥା　　　　　ଧର୍ଷିତ ହେଉଛି
　　ସାହିତ୍ୟ ବହିରେ ଭାବାର୍ଥ ନାଶି
ହାତ ଟେକ ଦେଲି　　　　　　ସାହାର୍ଯ୍ୟ ଆଶାରେ
　　ପ୍ରଭୁ ଜଗନ୍ନାଥ ବଞ୍ଚାଅ ଆସି
　　　　ନୟନେ ଭାଙ୍ଗେ ମୋ ଜଳ କଳସୀ
　　　　ଓଡିଆ କବି ମୁଁ..ପାଉଛି ଫାଶୀ ।

ଅବନକେଲା, ସୁନ୍ଦରଗଡ, ଓଡିଶା



# ଆଇଜଲ, ମିଜୋରାମ୍

( ଆଇଜଲ୍ ରେ ମିସନାରୀ ପ୍ରଭାବ )

- ଧାରାବାହିକ ଭ୍ରମଣ କାହାଣୀ-

ପ୍ରିୟବ୍ରତ ପାତ୍ର

ଆଇଜଲ୍ ସହରଟିର ମ୍ୟାପ୍ ଦେଖିଲେ ଲାଗେ ଯେମିତି ଏହା ଗୀର୍ଜାମାନଙ୍କ ସହର । ସହରଟିକୁ ବୁଲିଲା ବେଳେ ସେଇ ଅନୁଭୂତି ପୁଣିଥରେ ହୋଇଥିଲା । ଗୀର୍ଜାମାନଙ୍କ ଭିତରେ ଯାହା ଖୁନ୍ଦାଖୁନ୍ଦି ହୋଇ ରହିଛନ୍ତି କିଛି ସ୍କୁଲ୍ କଲେଜ, ବଜାର ଓ ସିନେମାଘର । ପାଖାପାଖି ୫୦ଟି ଗୀର୍ଜାଘର ଆଇଜଲ୍ ର ଜନଜୀବନ, ବେଶପୋଷାକ, ଶିକ୍ଷାନୀତି, ରାଜନୀତି ଉପରେ ଏପରି ପ୍ରଭାବଶାଳୀ ହୋଇ ରହିଛନ୍ତି ଯେ ଲାଗେ ଗୀର୍ଜାମାନେ ସହରଟିକୁ ଚଳାଉଛନ୍ତି । ଏକବିଂଶ ଶତାବ୍ଦିରେ ପୂର୍ବ ଇଉରୋପ ଓ ଆମେରିକାରେ ଗୀର୍ଜାଗୁଡିକ ଖୁବ୍ ବେଶୀରେ ଗୋଟିଏ ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସ୍ତରକୁ ଖସି ଆସିବା ବେଳେ ଆଇଜଲ୍ ରେ ରାଜନୀତି, ଅର୍ଥନୀତି ଓ ଶିକ୍ଷାନୀତିକୁ ଲଗାମ ଧରି ଶାସନ କରିବା ଆଶ୍ଚର୍ଯ୍ୟ ଲାଗିଥିଲା । ବିଭିନ୍ନ ସମୟରେ ୧୮୯୧ରୁ ଏଯାବତ୍, ଇଉରୋପ ଓ ଆମେରିକାର ବିଭିନ୍ନ ଗୋଷ୍ଠୀର ମିସନାରୀମାନେ ଏଠାରେ କାର୍ଯ୍ୟବିସ୍ତାର କରି ରହିଛନ୍ତି । ସେମାନେ ପାଣ୍ଠି ସଂଗ୍ରହ କରି ଅଧିକରୁ ଅଧିକ ଲୋକଙ୍କୁ ନିଜ ପକ୍ଷଭୁକ୍ତ କରିବା ପାଇଁ ଚେଷ୍ଟା କରିଛନ୍ତି । କିଏ ସ୍କୁଲ ଖୋଲିଛି, କିଏ ଦାତବ୍ୟ ଚିକିତ୍ସାଳୟ କରିଛି, କିଏ ଶିଶୁସଦନ ବା ମାତୃମଙ୍ଗଳ ସଂସ୍ଥା ଖୋଲିଛନ୍ତି । କେଉଁମାନେ ତରୁଣୀମାନଙ୍କୁ ପୁଞ୍ଜିକରି ତିଷ୍ଠିଛନ୍ତି ତ କେଉଁ ସଂସ୍ଥା ବୟସ୍କମାନଙ୍କ ରିଟାୟର୍ଡ ଟଙ୍କାକୁ ପୁଞ୍ଜିକରି ତିଷ୍ଠିଛନ୍ତି । ଗୀର୍ଜାଧୀଶମାନେ ବଳିଷ୍ଠ ୟୁନିଅନ କରି ଧର୍ମଭିତ୍ତିରେ ସମଗ୍ର ଆଇଜଲକୁ ବନ୍ଦୀ କରି ରଖିଛନ୍ତି ।

ରବିବାରଦିନ ସାରା ସହର ପୂରାପୂରି ବନ୍ଦ ହୋଇଯାଏ । କାଳେ ଲୋକେ ସିନେମା, ଥିଏଟର୍, ଭିଡିଓ ପାର୍ଲୋର ଗ୍ଲିଯିବେ, ସେଥିପାଇଁ ସେସବୁ ମଧ୍ୟ ବନ୍ଦ ହୋଇଯାଏ । ଏପରିକି ସେଦିନ ଯୁବକମାନେ ଫୁଟବଲ୍ ଖେଳପାରିବେ ନାହିଁ ବୋଲି ଗୀର୍ଜା ସମୂହ ତରଫରୁ ସମନ ଜାରି ହୋଇଥାଏ । ସେଦିନ ଲୋକେ ସୁନ୍ଦର ବେଶପୋଷାକ ପିନ୍ଧି ବାଇବେଲ୍ ଧରି ଗୀର୍ଜାକୁ ଯିବେ, ପ୍ରାର୍ଥନା କରିବେ, ବାର୍ତ୍ତା ଶୁଣିବେ ଓ ସମୁହ ଭୋଜନରେ ଭାଗ ନେବେ । ମିଳିତ ହୋଇ ସେମାନେ ଦେଶବିଦେଶ ବିଷୟରେ କଥା ହୁଅନ୍ତି, ମିଳିତ ଭାବରେ ନିଷ୍ପତ୍ତି ନେଇଥାନ୍ତି, ନିନ୍ଦା ବା ପ୍ରଶଂସା ପ୍ରସ୍ତାବ ଗୃହୀତ କରିଥାନ୍ତି । ସେଠାରେ ଧର୍ମ ସମ୍ବନ୍ଧୀୟ ସିନେମା ବା ଭିଡିଓ କ୍ଲିପ୍ ସବୁ ଦେଖାଯାଏ ।

ଅତୀତରେ ମିଜୋରାମକୁ ଭାରତଠୁ ଅଲଗା କରିବା ପାଇଁ କରାଯାଇଥିବା ଚେଷ୍ଟାର ଏକ୍ଟିଭିଶାଳ ଥିଲା ଏହିସବୁ ଗୀର୍ଜା ଘରର ପ୍ରାଙ୍ଗଣ । ଏ ଲେଖକ ଏମିତି ଏକ ଆଲୋଚନା ବେଳେ ଉପସ୍ଥିତ ରହି ବିଭିନ୍ନ ଲୋକଙ୍କ ସହ କଥାବାର୍ତ୍ତା କରିଥିଲା । ମୁଁ ଓଡିଶାରୁ ଆସିଛି ବୋଲି ଜାଣିବା ପରେ ସେମାନେ ଗ୍ରାହାମ୍ ଷ୍ଟେନସଙ୍କ ପୋଡି ଘଟଣା, ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ପରେ ଫୁଲବାଣୀରେ ଦଙ୍ଗା ଘଟଣା, ଦଙ୍ଗା ପରେ କେରଳୀ ନନ୍ ଙ୍କ ପ୍ରତି ଅସଦ୍ ଆଚରଣର ଘଟଣା ଉପରେ ତୁହାଇ ତୁହାଇ ପ୍ରଶ୍ନ କରିଥିଲେ । ଘରେ ନିଆଁ ଲାଗିଯିବା ପରେ କୌଣସି ଏକ ଆଦିବାସୀ ମହିଳାଙ୍କୁ ମାରିଦେବା ପାଇଁ ଗୋଡାଉଥିବା ଦଳେ ଲୋକଙ୍କ ଦୃଶ୍ୟକୁ ସେମାନେ କୁଆଡେ ଶତାଧିକ ଥର ଦେଖିଥିଲେ । ଖ୍ରୀଷ୍ଟିଆନ୍ ଙ୍କ ବିରୋଧରେ ଘଟୁଥିବା ସମସ୍ତ ଭିଡିଓ କ୍ଲିପ୍ କୁ ସେମାନେ ବାରମ୍ବାର ଦେଖନ୍ତି, ଫଳସ୍ୱରୂପ ମିଜୋମାନେ ଭାରତଠୁ ନିଜକୁ ଅଲଗା ବୋଲି ଭାବନ୍ତି, ନିଜକୁ ବିଭିନ୍ନ ଦିଗରୁ ଅଧିକ ପ୍ରଗତିଶୀଳ, ଶିକ୍ଷିତ ଓ ସଂସ୍କୃତିବନ୍ତ ବୋଲି ଭାବନ୍ତି । ଆଜିର ମିଜୋରାମ୍ ବା ଆଇଜଲ୍ ବୋଲି ଯାହା ଦେଖୁଛୁ, ତା ପଛରେ ମିସନାରୀଙ୍କ ଆର୍ଶୀବାଦ ଓ ଅଭିଶାପ ଭରି ରହିଛି । ତାର କ୍ରମବିକାଶ ସମ୍ପର୍କରେ ଜଣେ ଫାଦରଙ୍କଠାରୁ ଯାହା ଶୁଣିଥିଲେ ସେସବୁ ଖୁବ୍ ରୋଚକ ଓ ରୋମାଞ୍ଚକର ।

ଇଂରେଜମାନଙ୍କ ଆଗମନ ପୂର୍ବରୁ ମିଜୋମାନେ ପ୍ରଚଣ୍ଡଭାବେ ସ୍ୱାଧୀନଚେତା ଥିଲେ । ଇତିହାସରେ ସେମାନେ କେବେ ମଧ୍ୟ କାହାଦ୍ୱାରା ଶାସିତ ନଥିଲେ । ବହିରାଗତଙ୍କ ଶିରଛେଦନ କରି, ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ସେମାନେ ନିଜ ଭୂମିରେ ନିଜେ ମାଲିକ ହୋଇ ରହିଥିଲେ । କାହାକୁ ଟିକସ ଦେଉନଥିଲେ, କାହାର କୁଲି ହୋଇ ନଥିଲେ କି କାହାର ଦରମାଖିଆ ଭଡାଟିଆ ସୈନ୍ୟ ହୋଇ ଯୁଦ୍ଧ ଲଢୁନଥିଲେ । ଆକାଶ ବକ୍ଷରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମଧ୍ୟରେ ଟହଲ ମାରୁଥିବା ଗୋଟିଏ ଗୋଟିଏ ମହାଜାଗତିକ ଜୀବ ବୋଲି ପ୍ରତ୍ୟେକ ମିଜୋ ନିଜକୁ ଭାବୁଥିଲେ । କିନ୍ତୁ ଇଂରେଜମାନଙ୍କ ଆଧୁନିକ ଅସ୍ତ୍ରଶସ୍ତ୍ର ଓ କୁଟିଳ ବୁଦ୍ଧି ଆଗରେ ସେମାନେ ହାରି ଯାଇଥିଲେ । ଫଳରେ ସ୍ୱଭାବରେ, ଆଗ୍ରହ ବ୍ୟବହାର ପ୍ରଦର୍ଶନରେ ସେମାନେ କିଛି କିଛି ବଦଳିଗଲେ ।

ମିଜୋରାମକୁ ଅକ୍ତିଆର କରିନେବା, ଇଂରେଜଙ୍କ ନିମନ୍ତେ ସେମିତି କିଛି ଗୋଟେ ବଡ ଧରଣର ସଫଳତା ବା ଲାଭଦାୟକ ଘଟଣା ନଥିଲା । କିନ୍ତୁ ମିଜୋରାମରେ ଘଟିଥିଲା ଅଦ୍ଭୁତପୂର୍ବ ପରିବର୍ତ୍ତନ । ଶାସକଙ୍କ ପଛେ ପଛେ ବାଇବେଲ୍ ଓ ମହମବତୀ ଧରି ମିସନାରୀମାନେ ପହଞ୍ଚିଗଲେ । ଶିକ୍ଷା ପହଞ୍ଚିଲା, ଜନଜୀବନରେ ଘଟିଥିଲା ବିପୁଳ ପରିବର୍ତ୍ତନ । ମଣିଷ ମୁଣ୍ଡ ଶିକାର କରୁଥିବା ମିଜୋ ଜନଜାତି କେତେଟା ବର୍ଷ ଭିତରେ ଗୋଟିଏ ସଭ୍ୟ ଓ ଶିକ୍ଷିତ ଜାତିରୂପେ ଠିଆ ହେଲେ ।

ତଲ୍‌ଙ୍ଗ ହେଉଛି ମିଜୋରାମର ସବୁଠୁ ଲମ୍ବା ନଈ । ଆଇଜଲ୍ ସହରଠୁ ୧୦୦୦ ମିଟର ତଳେ ଏହା ପ୍ରବହମାନ । ପ୍ରଥମେ ମିସନାରୀମାନେ ଚଟାଗଞ୍ଜ ( ବର୍ତ୍ତମାନ ବାଂଲାଦେଶରେ) ପର୍ଯ୍ୟନ୍ତ ଆସି, ସେଠାରୁ ବିଭିନ୍ନ ମାଧ୍ୟମରେ ତଲ୍‌ଙ୍ଗ୍ ନଈ ପର୍ଯ୍ୟନ୍ତ ଆସି, ସେଠାରୁ ଉଜାଣି ନଈରେ ଡଙ୍ଗାବାହି ଆଇଜଲ୍ ପାଖାପାଖି ଝଇଓଜଇଘଏ ଠାରେ ପହଞ୍ଚୁଥିଲେ । ସେଠାରୁ ଶଗଡଗାଡି ବା କୁଲି ଦ୍ୱାରା ଜିନିଷପତ୍ର ବୋହି, ଦୀର୍ଘ ୧୫ କ.ମି. ଉଠାଣି ରାସ୍ତା ଅତିକ୍ରମ କରି ମିସନାରୀମାନେ ଆଇଜଲରେ ପହଞ୍ଚୁଥିଲେ ।

ରେଭେରେଣ୍ଡ ୱିଲିଅମ୍ ଥିଲେ ପ୍ରଥମ ବ୍ୟକ୍ତି ଯିଏକ ମିଜୋରାମରେ ଯୀଶୁଙ୍କ ବାର୍ତ୍ତା ୧୮୯୧ରେ ପହଞ୍ଚାଇଥିଲେ । ସେ ଥିଲେ ୱେଲସ୍ ମିସନାରୀ । ୧୮୯୪ ମସିହା ଜାନୁଆରୀ ୧୪ରେ ଲୋରେନ୍ ଓ ସାଭିଦ୍ ନାମକ ଦୁଇ ବନ୍ଧୁ ଖାସ୍ କରି ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଆଇଜଲ୍ ରେ ପହଞ୍ଚିଥିଲେ । ସେଇ ଦୁଇ ମିସନାରୀ ମିଜୋମାନଙ୍କ କଥିତ ଭାଷାକୁ ରୋମାନ୍ ଲିପିରେ ରୂପ ଦେଇ ପ୍ରଥମ ମିଜୋ ବର୍ଣ୍ଣମାଳା **MIZO ZIR TIR BU** ସୃଷ୍ଟି କରିଥିଲେ । ଏହି ଦୁଇ ମିସନାରୀଙ୍କୁ ମିଜୋରାମର ଦୁଇ **ZOSOPS** ବୋଲି କୁହାଯାଏ । ଏହାର ଅର୍ଥ ହେଲା ଅତି ଆଦରର, ଅନ୍ତରଙ୍ଗ ତଥା ପଥ ପ୍ରଦର୍ଶକ ମଣିଷ । ଯେଉଁ ତିଇଜଣ ସ୍ଥାନୀୟ ମିଜୋ ସେମାନଙ୍କୁ ବାଇବେଲ ଲେଖିବାରେ ସାହାଯ୍ୟ କରିଥିଲେ ସେମାନେ ହେଲେ **Pu Suaka, Pu Thangphunga Pu Khamliana**.

ସଂଯୋଗବଶତଃ ମୁଁ ରହୁଥିବା ଚଲତଲଙ୍ଗ ଅଞ୍ଚଳରେ ଦେଖା ହୋଇଥିଲା ଜଣେ ସମ୍ଭ୍ରାନ୍ତ ଭଦ୍ରବ୍ୟକ୍ତିଙ୍କୁ, ଯିଏ କ ଥିଲେ ସ୍ଥାନୀୟ ପ୍ରେସବାଇଟେରିଅନ୍ ଚର୍ଚ୍ଚ ସମ୍ପାଦକ । ବାଇବେଲ୍ ଲେଖାବେଳେ ସାହାଯ୍ୟ କରିଥିବା ମିଜୋ ମୁଖିଆଙ୍କ ସେ ଥିଲେ ସମ୍ଭବତଃ ନାତିଙ୍କ ନାତି । ଅତୀତର ସେହି ଦୁଇ **ZOSOPS** ଅନୁବାଦ କାମରେ ଏତେ ବ୍ୟସ୍ତ ଥିଲେ ଯେ ସ୍ଥାନୀୟ ଜନଜାତି ତଥା ପାହାଡପର୍ବତ ଓ ଜନଜାତିଙ୍କ ଉପରେ ଲେଖିବାକୁ ସେମାନେ ସମୟ ପାଇ ନଥିଲେ । ସମ୍ପାଦକ ମହାଶୟ ମୋତେ ହାଇସ୍କୁଲ ପଡିଆକୁ ନେଇଥିଲେ । ଏକଦା ଦୁଇ ମିସନାରୀ ସେଠାରେ କୁଡିଆ କରି ରହୁଥିଲେ ଏବଂ ନିଜ ଘରେ ହିଁ ଗୀର୍ଜାଘର ଆରମ୍ଭ କରିଥିଲେ । ସେଇ ପଡିଆ ଥିଲା କୁଆଡେ ତତ୍କାଳୀନ ମିଜୋ ଜନଜାତିଙ୍କ ଧାର୍ମିକ ଭୂମି । ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ବଳି ପଶୁମାନଙ୍କ ବଧ ବଧଭୂମି ଥିଲା ସେଇ ପଡିଆ ।

ଦୁଇ **ZOSOPS**ଙ୍କ ପରେ ଆସିଥିଲେ ରେଭେରେଣ୍ଡ ଜୋନସ୍ ଯିଏକ ଦୈନିକ ନବେଟି ମିଜୋ ଶବ୍ଦ ମୁଖସ୍ଥ କରି ମିସନାରୀ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ୧୮୯୮ରେ ଆଉଜଣେ ମିସନାରୀ ରେଭେରେଣ୍ଡ ଇଡୱିନ୍ ରାଉଲେଣ୍ଡସ୍ ଆସିଥିଲେ । ସାଥିରେ ଆଣିଥିଲେ ବିଭିନ୍ନ ବାଦ୍ୟଯନ୍ତ୍ର ଓ ସଙ୍ଗୀତ । ସେ ସ୍କୁଲମାନଙ୍କ ପାଇଁ ଏକ ପାଠ୍ୟ ଖସଡା ମଧ୍ୟ ପ୍ରସ୍ତୁତ କରିଥିଲେ ।

ଲରିନସ୍ ଆଇଜଲ୍ ର ଉତ୍ତରକୁ ଥିବା ଲୁଙ୍ଗଲେଇରେ ପ୍ରଥମ ବାପଟିଷ୍ଟ ଚର୍ଚ୍ଚ ଆରମ୍ଭ କରିଥିଲେ । ତାଙ୍କ ସାନଭାଇ **R.L. LORRAIN** ୧୯୦୭ରେ ଆଉଟିକେ ଦକ୍ଷିଣକୁ ଯାଇ ଲଖେର୍ ମାନଙ୍କ ଗହଣରେ ବାପଟିଷ୍ଟ ଚର୍ଚ୍ଚ ଆରମ୍ଭ କରିଥିଲେ । ୧୯୧୬ରେ ଜଣେ ଖ୍ରୀଷ୍ଟିଆନ୍ ମିଜୋ ଆଇଜଲରେ ଆରମ୍ଭ କରିଥିଲେ ଗୋଟିଏ ବେସାହାଯ୍ୟ ଶୁଶ୍ରୁ ସଦନ ଏବଂ ସେ ତାଙ୍କର ଦଳୀୟ କାମକୁ ନାଁ ଦେଇଥିଲେ **The Salvation Army.** ମିଜୋରାମରେ ପ୍ରଥମ ଦୁଃସାହସୀ ମିସନାରୀଙ୍କ ଆନ୍ତରିକ ଚେଷ୍ଟା ଓ ସଫଳତାର ଏହା ଥିଲା ଏକ କ୍ଷୁଦ୍ର ନମୁନା । ପରବର୍ତ୍ତୀ କାଳରେ ଅନ୍ୟ ପ୍ରକାର ଉଦ୍ଦେଶ୍ୟ ଓ ଭାବନେଇ ଆହୁରି ଅନେକ ଆସିଥିଲେ ଓ ଆସୁଛନ୍ତି ।

ଆଇଜଲ୍ ସାରା ପାଖାପାଖି ପଚାଶଟି ଗୀର୍ଜାଘର ରହିଛି । ସବୁତକର ମୂଳଉତ୍ସ ଇଉରୋପ୍ ବା ଆମେରିକାରେ ରହିଛି । ମୁଁ ଟିପିକରି ନେଇଥିବା ସେସବୁର ନାମ ଗୁଡିକ ହେଲେ **UNITED PENTECOSTAL, ROMAN CATHOLIC, CHALTALANG PRESBYTERIAN, CENTRAL BAPTIST, M.C. SISTERS, SOLOMAN'S TEMPLE, ST MARY, KOHARAM, ZARKAUT, SALVATION ARMY, VENGALAI PRESS, ELECTRIC VENG, BETHELEMG** ଇତ୍ୟାଦି । ଆମ ଓଡିଶାର କୌଣସି ସହରରେ ଥିବା ଜଗନ୍ନାଥ, ଶ୍ରୀକୃଷ୍ଣ, ଶିବ, ଖଡାଖାଇ, ତାରିଣୀ, ସନ୍ତୋଷୀ ମା ଆଦି ମନ୍ଦିର ପରି ଆଇଜଲ୍ ରେ ବିଭିନ୍ନ କସମରେ ଗୀର୍ଜା । ଗୀର୍ଜାଘର ଗୁଡିକ ଖୁବ୍ ସଫାସୁତରା ଓ ବିଭିନ୍ନ ବିଷୟ ଉପରେ ସେଠାରେ ଆଲୋଚନା ହୁଇଥାଏ । ପ୍ରତ୍ୟେକେ ଚେଷ୍ଟା କରୁଛନ୍ତି ସଭ୍ୟ ସଂଖ୍ୟା ବୃଦ୍ଧି କରିବାକୁ । ନୂଆପିଢି କାଳେ ହାତଛଡା ହୋଇଯିବେ ବୋଲି ପ୍ରତ୍ୟେକ ସଂସ୍ଥା ଆତଙ୍କିତ, ଚନ୍ତିତ ।

ରବିବାର ଉପରବେଳା ସହରର ସବୁଠୁ ବଡ ଚର୍ଚ୍ଚ, ପ୍ରେସବାଇଟରିଆନ୍ ଚର୍ଚ୍ଚ ପ୍ରାଙ୍ଗଳରେ ଆମେ ଥିଲୁ । କୋଟ୍ ପେଣ୍ଟ ପିନ୍ଧା ପାଷ୍ଟର୍ ଜଣେ ଆମକୁ ବୁଝାଉଥିଲେ- କେମିତି ଖ୍ରୀଷ୍ଟଧର୍ମ ଆଗମନ ଫଳରେ ମିଜୋରାମରେ ପରିବର୍ତ୍ତନ ଘଟିଛି । ତାଙ୍କ ପାଖରେ ଲୁଙ୍ଗିଭଳି ଦିଶୁଥିବା ପାରମ୍ପରିକ ପୁଆନ୍ ସାଙ୍ଗକୁ ଟି ସାର୍ଟ ପିନ୍ଧିଥିବା ଭଦ୍ର ମହିଳା ଜଣେ ଠିଆହୋଇ ପାଷ୍ଟରଙ୍କ ସବୁ କଥାରେ କେବଳ ମୁଣ୍ଡ ଟୁଙ୍ଗାରୁ ଥିଲେ ।

ଦିନଥିଲା, ଖ୍ରୀଷ୍ଟିଆନ୍ ହେବା ପୂର୍ବରୁ ମିଜୋମାନେ ଦିନସାରା ଆକଣ୍ଠ ମୋଧୁ ( ସ୍ଥାନୀୟ ମଦ) ପାନ କରି ଅର୍ଦ୍ଧଚେତନ ଅବସ୍ଥାରେ ରହୁଥିଲେ । ପ୍ରେମପ୍ରଣୟ, ଫୁରୁସତ୍, ଆକ୍ରମଣ, ବିବାହ, ମୃତ୍ୟୁ, ଦଶାହ ସବୁଥିରେ ମୋଧୁର ପ୍ରବେଶ ଥିଲା । ମୋଧୁ ପିଇ ସବୁ ଆରମ୍ଭ ହେଉଥିଲା ଏବଂ ମୋଧୁରେ ହିଁ ସବୁ ସରୁଥିଲା । ଖ୍ରୀଷ୍ଟିଆନ୍ ହେବାପରେ ସେଇ ପରମ୍ପରା ଆଉ ମର୍ଯ୍ୟାଦାବନ୍ତ ହୋଇ ରହିଲା ନାହିଁ । ତା ବଦଳରେ ଲୋକେ ବେଦେଶୀ ଠିପି ବନ୍ଦ ମଦ କଣୁଛନ୍ତି ଓ ଅନ୍ୟବାଟରେ ମସ୍ତ ହୋଇ ରହୁଛନ୍ତି । ଆଗେ ଦେବତାଙ୍କ ଆଗରେ ପଶୁବଳୀ ହୁଉଥିଲା । ଏବେ ନର୍ଦ୍ଦିଷ୍ଟ କଂସେଇଖାନାରେ ଟ୍ରକ୍ ଟ୍ରକ୍ ଗାଈ ଗୋରୁ, ମଇଁଷି, ଘୁଷୁରୀ

ମରୁଯାଇ ମାଂସର ବଜାର ଖୋଲିଛି । ଲୋକେ ପାରମ୍ପାରିକ ପୋଷାକ ଛାଡି କୋଟପେଣ୍ଟ, ଟି ସାର୍ଟ, ଜିନସ୍, ମିନିସ୍କର୍ଟ, ବୁଟ୍, ପଏଣ୍ଟେଡ୍, ହିଲସ୍ ପିନ୍ଧୁଛନ୍ତି । ନିଜର ଢୋଲ, ତୁରୀ, ବଡବଡ ପିତ୍ତଳ ଗିନି ( ଗଙ୍ଗ୍) , ବଂଶୀ ଆଦି ଛାଡି ଲୋକେ ଗିଟାର୍ ଧରିଛନ୍ତି । କିଛି କିଛି ବାହ୍ୟ ପରିବର୍ତ୍ତନକୁ ଦେଖିଲେ ମିଜୋମାନେ ପୂରା ବଦଳିଗଲା ପରି ଲାଗୁଛି, କିନ୍ତୁ ଅସଲରେ ମାନସିକତା ଓ ଦୃଷ୍ଟିକୋଣ କେତିକି ବଦଳିଛି ତାହା ଭିନ୍ନ ଏକ ପ୍ରଶ୍ନ ।

ମିଜୋରାମର ଲୋକଗୀତରେ, କଥିତ ସାହିତ୍ୟରେ ଭରି ରହିଥିଲା ପ୍ରଚୁର ଆବେଗ, ଭାବପ୍ରବଣତା ଓ ହୃଦୟ ଭିତରକୁ ପ୍ରବେଶ କରିବାର ସ୍ୱାଭାବିକ ମାଧ୍ୟମ । କିନ୍ତୁ ଇଂରାଜ ଲିପି ଓ ଭାଷା ଆସିବା ପରେ ସେସବୁର କିଛି କିଛି ଅନୁବାଦ ହେଲା ସତ, କିନ୍ତୁ ସୌନ୍ଦର୍ଯ୍ୟ ଓ ସୌକୁମାର୍ଯ୍ୟ ଚାଲିଗଲା । ମାତ୍ର କେତୋଟି ଗୋଲ୍ଲୁ ଶବ୍ଦ ଓ ବାକ୍ୟ ଭିତରେ ଏତେବଡ ଲୋକ ସାହିତ୍ୟକୁ ପ୍ରକାଶ କରିବା ଅସମ୍ଭବ ଥିଲା । ନିଜର ଐତିହ୍ୟ, ପରମ୍ପରା, ବେଶପୋଷାକ, ଖେଳ କସରତ, ଲୋକଗୀତ ଆଦିକୁ ନେଇ ଗର୍ବ କରିବା ବଦଳରେ ସେସବୁର ସମୂଳ ଉତ୍ପାଟନ କରି ତା ଜାଗାର ବିଦେଶୀମାନଙ୍କ କଥାରେ ନିଜକୁ ସଜାଇବାରେ ଅସ୍ମିତା ନଥାଏ । ତା ସତ୍ତ୍ୱେ ଏକଥା କୁହାଯାଇପାରେ ଖ୍ରୀଷ୍ଟଧର୍ମ ଆସିବା ପରେ ଲୋକେ ଶିକ୍ଷିତ ହୋଇଛନ୍ତି, ମାର୍ଜିତ ହୋଇଛନ୍ତି ଏବଂ ସାରା ବିଶ୍ୱ ସହ ସମ୍ପର୍କ ସ୍ଥାପନ କରିବାକୁ ସକ୍ଷମ ହେଉଛନ୍ତି । ମିଜୋମାନେ ଯାଯାବର ଶିକାରୀ ଜୀବନ ଛାଡି, ନିର୍ଦ୍ଦିଷ୍ଟ ଜାଗାରେ ରହି ବ୍ୟବସାୟ, ଚାଷକାମ ବା ଚାକରୀ କରିଛନ୍ତି । ଗାଁ ଗାଁ ଭିତରେ ଝଗଡା, ହଣାକଟା ବନ୍ଦ ହୋଇଛି । ବହୁଭାଗରେ ବିଖଣ୍ଡିତ ହୋଇଥିବା ମିଜୋମାନେ ଗୋଟିଏ ରାଜ୍ୟର ଲୋକ ଭାବେ ଠିଆ ହୋଇ ପାରିଛନ୍ତି ।

ମିଜୋରାମରେ ଏବେ ପାଖାପାଖି ଶତପ୍ରତିଶତ ସାକ୍ଷରତା । କିନ୍ତୁ ଏ ବ୍ୟାପକ ଶିକ୍ଷା, ମିଜୋମାନଙ୍କୁ କେତିକି ମାତ୍ରାରେ ଭାରତୀୟ କରିପାରିଛି, କେତିକି ମାତ୍ରାରେ ଭାରତର ଗଣତନ୍ତ୍ର, ସୁଖଦୁଃଖ, ସାର୍ବଭୌମତା, ନିରପେକ୍ଷତା ପ୍ରତି ଅନ୍ତରଙ୍ଗତା ସୃଷ୍ଟି କରିଛି, ତାହା ହେଉଛି ଅସଲ ପ୍ରଶ୍ନ ।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା



# ତୁମ ପାଇଁ....



ପ୍ରଦେଶ କୁମାର ପ୍ରଧାନ

ଝୁରନା ଝୁରନା ଘଇ
କାହୁଁ ତୋ ଫେରିବା ନାହିଁ
ଆଉ ସେଇ ବୃନ୍ଦାବନୁ,
ଭଲରେ ଅଛି ସେ
ଖୁସିରେ ଅଛି ସେ
ସବୁ ଭୁଲି ଗଲ୍ଣି ମନୁ ।

କର୍ତ୍ତବ୍ୟର ଦ୍ୱାହି ଦେଇ
ମଥା ତୋର ଥିଲ୍ ଛୁଇଁ
ପାଳଥିଲୁ ତୋ କୋଟି ସପନ,
ବିରହ କଲୁ ସ୍ୱୀକାର
ଟାଣିଲୁ ଲକ୍ଷ୍ମଣ ଗାର
ଦେଲୁ ଦୂର୍‌ଇ ହୃଦ ସ୍ପନ୍ଦନ ।

ଭୁଲ୍ ପାଇଁ ଥାଏ କ୍ଷମା
କେବେ ସରେ ପୁଣ୍ୟ ଜମା
କେବେ ହୁଏ ପ୍ରାୟଶ୍ଚିତ,
ଅନ୍ଧାରେ ଦେଖ ନଜକୁ
ସଜାଡି ନେ ଭଙ୍ଗା ନାବକୁ
ସପନ ନହେଲ୍ ପଛେ ସତ ।

ଦୂରେ କାହିଁ ଆଲୋକ ଜଳେ
ନଦୀ ପ୍ରଖର ଗିରି କୋଳେ
ଗ୍ଲିବାକୁ ହେବ ଆଗକୁ,
ଶବ୍ଦ ସବୁ ରହିଯିବ
ଅଣ୍ଟା ତୋ ସଳଖ ହେବ
ବିଶ୍ୱାସ ନାହିଁ ଅଣଗ୍ଧଷ କୁ ।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ

**"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଅପ୍ରେଲ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲ୍: vedantimagazine@gmail.com"**

# ଜ୍ୟାମିତି ଏମିତି ଏମିତି



ଡ. ସୌମ୍ୟ ରଞ୍ଜନ ମିଶ୍ର

ମାର୍ଚ୍ଚ ମାସ ହେଲେ ସମସ୍ତେ ବ୍ୟସ୍ତ । କାମ ନଥିଲେ ବି ଅନ୍ତତଃ ବ୍ୟସ୍ତ ବୋଲି ଦେଖାଇବାକୁ ପଡେ । ନହେଲେ ଦାୟିତ୍ୱ ବୋଝ୍ ମପାଯିବ କପରି! ସୁଦର୍ଶନର ବି ସେଇ ଅବସ୍ଥା । ମୁଁ କନ୍ତୁ ଜାଣେ ସେ ଦାୟିତ୍ୱବାନ୍ ଲୋକ । ରବିବାରରେ ମଧ୍ୟ କାମକୁ ବାହାରିଥାଏ ମୟୁରଭଞ୍ଜ । ମାର୍ଚ୍ଚ ୩୧ ଖଣ୍ଡା ଯେ ଝୁଲୁଛି ମୁଣ୍ଡ ଉପରେ । ତା ସହିତ ବୁଲି ଯିବାକୁ ମୋତେ ନମନ୍ତ୍ରଣ କଲା ସେ । ରବିବାରଟା ମାରାଯିବ ବୋଲି ମୁଁ କୁନ୍ଥୁ କୁନ୍ଥୁ ହେଉଥିଲି, ହେଲେ ମୋ ସ୍ତ୍ରୀ ଅନୁମତି ଦେବାରୁ ବାହାରିଲି ତା ସହିତ । ସର୍ତ୍ତ ଏଇଆ ଯେ, ସେହିଦିନ ହିଁ ଫେରିଆସିବା ।

ସୁଦର୍ଶନ ସାଥିରେ ଥିଲେ ବାଟ ଜଣା ପଡେନା । ସବୁବେଳେ କଛି ନା କଛି ବକର ବକର ହେଉଥିବ । ଏ ଭିତରେ କେତେବେଳେ ଆମେ ଘାଟି ରାସ୍ତା ଧରିଲୁଣି । ହଠାତ୍ ମୋର ନଜର ପଡିଲା ଗୋଟାଏ ଲେଖା ଉପରେ । ଲେଖା ହୋଇଛି – "ଭୟଶୂନ୍ୟ ଅଞ୍ଚଳ" । ଶିମିଳିପାଳର ବାଘ ଏଠାକୁ ଆସି ପାରୁନଥିବେ । ସେଥିପାଇଁ ବୋଧେ ବନବିଭାଗ ବାଲା ଏକଥା ଲେଖିଛନ୍ତି । ସୁଦର୍ଶନ ମୋତେ ରୋକିଲା – ଏଇଟା ଗୋଟେ ସ୍କୁଲ । ସରକାରଙ୍କ କୃପାରୁ ପିଲାମାନେ ଏଠି ଭୟଶୂନ୍ୟ ହୋଇ ବୁଲନ୍ତି । ଶିକ୍ଷକ ଶିକ୍ଷୟିତ୍ରୀ, ପିଲାଙ୍କ ଦେହରେ ଟିପ ମାରନ୍ତି ନାହିଁ । ଖାଲି ଯାହା ଡାଲି, ଚାଉଳ ଓ ଅଣ୍ଡା ଖାତାରେ ଜନ ପ୍ରତିନଧି ଓଗେରଙ୍କର ଟିପ ଲଗାନ୍ତି । ସେଇ ଖାତା ଠିକ୍ ଥିଲେ ସବୁ ଠିକ୍ । ଅଭିଭାବକ ମାନେ ମଧ୍ୟ ଅନେକ ସମୟରେ ରାସ୍ତାଭୁଲି ସ୍କୁଲ ଆଡକୁ ମାଡି ଆସନ୍ତି । ବିଦ୍ରୁପ କରି କହିଲା ସୁଦର୍ଶନ । ସେଥିପାଇଁ ସ୍କୁଲ ପାଚେରୀ ଓ ପ୍ରବେଶ ପଥ ନାହିଁ ବୋଧେ । ସୁଦର୍ଶନ କଥାରେ କଥା ଯୋଡି କହିଲି ମୁଁ । ସୁଦର୍ଶନ ଟିକେ ହସିଲା ।

କଛି ବାଟ ଉତ୍ତାରୁ ସୁଦର୍ଶନ ମୋତେ ଆଉ ଏକ ଲେଖା ଦେଖାଇଲା – "ଭେଦଭାବ ଶୂନ୍ୟ ଅଞ୍ଚଳ" । ଏଇଟା ନଶ୍ଚୟ ମହିମା ଅଲେଖ ଟୁଙ୍ଗି – ମୁଁ କହିଲି । ଗେରୁଆ ରଙ୍ଗର କାନ୍ଥକୁ ଦେଖି ଭ୍ରମରେ ପଡିଗଲ କି ଭାଇନା । ଏଇଟା ବି ଗୋଟେ ସ୍କୁଲ୍ । ଏଠି ସମସ୍ତେ ପାର୍ଟି ପାବାର । ଛାତ୍ରଛାତ୍ରୀ, ମାଷ୍ଟ୍ର, ମାଷ୍ଟ୍ରାଣୀଙ୍କ କଥା ଶୁଣନ୍ତିନ । କନ୍ତୁ ମାଷ୍ଟ୍ର ମାଷ୍ଟ୍ରାଣୀଙ୍କୁ ଅଭିଭାବକଙ୍କ ଭାଷା

ଶୁଣିବାକୁ ପଡେ। ସ୍କୁଲ ଆସିଥିବା ଓ ନଆସିଥିବା ସବୁ ପିଲାଙ୍କୁ ଭାତ ଡାଲମା ଦିଆଯାଏ। ସରକାରଙ୍କ ହୁକୁମ୍।

ସ୍କୁଲ ହତା ଭିତରେ ଗାଇଗୋରୁ ଅବାଧ ଚଳପ୍ରଚଳ କରନ୍ତି। ରାତିରେ ଗାଁ ଭେଣ୍ଡିଆ ଭୋଜି କରନ୍ତି ଆଉ ବୋତଲ ଗଡାନ୍ତି। ସୁଦର୍ଶନ ଆଉ କଣ ସବୁ କହୁଥିଲା। ହେଲେ ମୁଁ ଫେରିଯାଇଥିଲି ଅତୀତକୁ ଆଉ ମନେ ପକାଉଥିଲି ମୋ ପିଲାଦିନକୁ। ଗାଡି ଆଗରେ କୁକୁଡା ଚଆଁଟିଏ ଆସିଯିବାରୁ ଡ୍ରାଇଭର ଜୋରରେ ବ୍ରେକ୍ କଷିଲା। ଆମେ ଦୁଇଜଣ ଝୁଙ୍କିଗଲୁ ଆଗକୁ। "ସରି ସାର୍" କହି ଡ୍ରାଇଭର ପଛକୁ ଗୁହିଁଲା। ହୁସିଆର୍ ହୋଇ ଗାଡି ଚଳାଇବାକୁ ଡ୍ରାଇଭରକୁ କହୁଥିଲା ସୁଦର୍ଶନ। ମୁଁ ଭାବୁଥିଲି ଏବେକାର ମାଷ୍ଟ୍ର ମାଷ୍ଟ୍ରାଣୀଙ୍କ କଥା। ଦଣ୍ଡିବା ଶକ୍ତିକୁ ହରାଇ ସଭିଙ୍କୁ କ୍ଷମା ମାଗୁଥାଇ।

ମଧୁଖଣ୍ଡୀ, ଶ୍ରୀ ବଳଦେବ ଜୀୟୁ, କେନ୍ଦ୍ରାପଡା

**"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଅପ୍ରେଲ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com"**

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ଏଇତ ଜୀବନ



ପ୍ରଶାନ୍ତ କୁମାର ନାଥ

ଦୁଃଖରେ ଥିଲେତ ଅବୁଝା ଆଖିରୁ
ଦୁଇ ଟୋପା ଲୁହ ଝରେ
ସୁଖରେ ଥିଲେତ ଗୋଲାପୀ ଓଠରୁ
ହସର ମୁକୁତା ଝରେ ।
ମନ ଯଦି ଥରେ ଭାଙ୍ଗିଯାଏ କେବେ
ଛାତିରେ ଭରଇ କୋହ
ହସିବାକୁ ଯେତେ ଚେଷ୍ଟା କଲେ ମଧ୍ୟ
ଶୁଖିଲା ଦିଶଇ ମୁହଁ ।
ହସ ହସ ଥିବା ଖୁସିରେ ମୁହୂର୍ତ୍ତ
ବେଳେ ବେଳେ ଧୋକା ଦିଏ
ଖୁସି ସମୟରେ ପହଞ୍ଚାଏ ଆଣି
ଦୁଃଖର ପାହାଡଟିଏ ।
ସୁଖ ଦୁଃଖ ଆଉ ହସ ଲୁହ ପର୍ବ
ଜୀବନର ଅନ୍ୟ ନାମ
ଆମରି ସାଥିରେ ସାଥେ ରହିବାଟା
ଅଟେ ପର୍ବ ତାଙ୍କ କାମ ।
ସମୟ ସାଥିରେ ତାଳ ଦେଇ ଆମେ
ଚାଲିବା ଜୀବନ ଯାକ
ସୁଖରେ ହସିବା ଦୁଃଖରେ କାନ୍ଦିବା
ସାଥେ ଥିବ ସୁଖ ଦୁଃଖ ।



ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର

# ବୁଢାବର



ସୁବ୍ରତ କୁମାର ମୁଦୁଲି

ଘର ଆଉ ଘରଲୋକଙ୍କୁ ପରକରି ପର ଲୋକଟିର ପ୍ରେମରେ ପଡି ଘରୁ ଲୁଚ ପଳେଇ ଆସିବାର ବର୍ଷେ ହେଲାଣି । ଏ ପର୍ଯ୍ୟନ୍ତ ସେମାନେ କେହି ଥରେ ହେଲେ ବି ଫଟା ସମ୍ପର୍କକୁ ଯୋଡିବାକୁ ଋହିଁ ନାହାନ୍ତି ମୋ' ସହିତ । ମୁଁ ମୋ' ସ୍ତ୍ରୀ ପୂଜା ଆଉ ଏକ ଅଜଣା ଜମ୍ଭୁତ କମ୍ପାକାର ଦୁନଆଁ। ମୁଁ ଜାଣେ ସେମାନେ ଦିନେ ନା ଦିନେ ମୋତେ ଫେରେଇ ନେବେ ସେମାନଙ୍କ ପାଖକୁ। ମନେ ପଡେ ସବୁକଛି ହୁଏତ ମୋ' ହିସାବରେ ମୁଁ କଛି ଭୁଲ କରିନ ଆମ ପରିବାରର ଦାବି ଅନୁଯାୟୀ ପୂଜା କ'ଣ ଦେଇ ପାରିଥାଆନ୍ତା ଯୌତୁକ । ଦିନକୁ ଦିନ ସମସ୍ୟା ଜଟିଳ ହେଲା ବାଛିନେଲି ଏମିତି ଗୋଟେ ରାସ୍ତାକୁ । ମୁଁ ଭାଗ୍ୟବାନ ଆଜି ପର୍ଯ୍ୟନ୍ତ ପୂଜାର ସାନ୍ତ୍ୱନା ମତେ କଛି ମାତ୍ରାରେ ଚନ୍ତାମୁକ୍ତ କରିଛି। ମୁଁ ଜାଣେ ବାପା ବୋଉ ନଶ୍ଚୟ ମତେ ମନେ ପକାଉଥିବେ। ଏକମାତ୍ର ସାନ ଭଉଣୀ ମାନଟା ମୋ' କଥା ଭାବି ମୁହଁମାରି ବସୁଥିବ କେତେ ଆଶା କରିଥିଲା ଭାଉଜଙ୍କ ଗେହ୍ଲା ନଣନ୍ଦ ହେବ ହେଲେ ସମୟଟା କଛି କରେଇ ଦେଲାନ। ପିଲାଦିନେ ମାନ ସହ ବହୁତ ଝଗଡା କରୁଥିଲି  ବେଳେ ବେଳେ ରାଗିଯାଇ ତାକୁ ବୁଢାବର ସହ ବାହା କରେଇ ଦେବି କହିଲାରୁ ବିଗୁଡ଼ି ମୁହଁ ଫୁଲେଇ ମୋ' ସହ କଥା ହେଉନଥିଲା। ପରେ ବୁଝାଉଥିଲି ତା' ପାଇଁ ରାଜକୁମାର ଆଣି ଦେବି ବୋଲି କହୁଥିଲି ହେଲେ ..।

ରାତି ପାହି ପାହି ଆସୁଥିଲା ପ୍ରାକ ମୌସୁମୀ ବର୍ଷା ଛିଟା ଝରକା ସନ୍ଧିରୁ ପଶି ଆସୁଥିଲା ଘର ଭିତରକୁ । ହଠାତ ମୋବାଇଲ ବାଜି ଉଠିଲା ଏକାଥରେ ଜାଣି ପାରିଲି ଇଏ ମାନ ଛଡା ଆଉ କେହି ହୋଇ ନପାରେ । ଅନେକ ଦିନ ପରେ କାହାଠାରୁ ମୋ' ନମ୍ବର ପାଇ କଥା ହେବା ଯୋଗୁଁ ମାନ କାନ୍ଦୁଥିଲା ମୁଁ ବି କୋହକୁ ଲୁଚାଇବାକୁ ଚେଷ୍ଟା କରୁଥିଲି । ଯା' ହେଉ ଜାଣି ଖୁସି ହେଲି ମାନ ବାହାଘର ଠିକ ହେବା କଥା ହେଲେ ମାନର ମନ ମାନୁ ନଥିଲା ବାପାଙ୍କୁ ସମ୍ମାନ ଦେଇ ସେ ରାଜି ହୋଇଥିଲା ବାହା ହେବାକୁ । ବହୁ ପଚାରିବା ପରେ ଯାହା ଶୁଣିଲି ମୋ' ପାଦରୁ ମାଟି ଖସିଗଲା କାନ୍ଦ କାନ୍ଦ ହୋଇ ମାନ କହୁଥିଲା ....ତୋ' କଥା ଠିକ ହେଲା ଭାଇ ତୁ ନହେଲେ କ'ଣ ହେଲା ଶେଷରେ ସରକାରୀ ଚାକିରି ଲୋଭରେ ବାପା ମୋ' ପାଇଁ ଠିକ କରିଛନ୍ତି ତୋ'ର ପିଲାବେଳେ କହିବା ମୁତାବକ ବୁଢାବର ଟିଏ ।

ଦେଉଳ, ଏରସମା, ଜଗତସିଂହପୁର

# ଯୁଗେ ଯୁଗେ ଭୁଲ୍



ଶୁଭମ ନାୟକ

ପୃଥିବୀ ପିଠିରେ ଯୁଗ ଯୁଗ ଧରି
ମାନବ ଆସିଛି ଭୁଲ୍ କରି
ରକ୍ତ ଅସ୍ଥି ମାଂସ ମାନବ ଶରୀର
ଫେରିଯାଏ କେବେ ପର କରି ।

ରଷି ବିଶ୍ୱାମିତ୍ର ଭୁଲ୍ କଲେ ବୋଲି
କମ ବାସ୍ନାରେ ଲିପ୍ତ ହୋଇ
ସ୍ୱର୍ଗ ଅପସରୀ ମେନକା ଗର୍ଭୁ
ଶକୁନ୍ତଳା ଜନ୍ମ ତହିଁ
ସତ୍ୟ ଯୁଗରେ ଭୁଲ୍ ମାର୍ଗରେ ଗଲେ
ବିଶ୍ୱାମିତ୍ର ପଥିକ ହୋଇ ।

ଧର୍ମର ପ୍ରତୀକ ରାଜା ଯୁଧିଷ୍ଠିର
ମାନି ଶକୁନିର ବୋଲ
ଖେଳଥିଲେ ମିଛ ପଶାକାଠି ଖେଳ
ହୋଇଥିଲେ ସର୍ବହରା

ଦ୍ୱାପର ଯୁଗର ଭୁଲ୍ ଥିଲା ଏହି
ମହାଭାରତ ସୃଷ୍ଟି ହେଲା ।
ପ୍ରଜାବତ୍ସଳ ଶ୍ରୀ ରାଜା ରାମଚନ୍ଦ୍ର
ରାଜା ମାନି ପ୍ରଜାବୋଲ
ଜାନକୀ ନନ୍ଦିନୀ ସିତା କଲେ ପର
ଭୁଲ୍ କଲେ ନ୍ୟାୟାଧୀଶ
ଭୁଲ୍ କଲେ ସେହି ରାଜା ରଘୁବୀର
ଯୁଗ ତ୍ରେତୟା ଏଥର ।

ଚାଲିଛି ଏଇଠି କଳି କାଳ ଏବେ
କେତେ ଭୁଲ୍ ର ପ୍ରମାଣ ଦେବି
ଭୁଲ୍ କରି ବସେ ବୋଲି ମାନବ
ଏଠି ରହିଛି ମାନବ ହୋଇ ।

ତସଲ୍ଡିହି, ସୁନ୍ଦରଗଡ, ଓଡିଶା

# PRIDE OF ODISHA

Kingdom of Bahrain honours world-renowned Indian sand artist Shri Sudarsan Pattnaik for his significant contributions to the Spring of Culture's Community Programme. Mr Pattnaik was felicitated by the honourable Minister of Education, Dr Majid Bin Ali Al Nuaimi for sharing his wondrous talents with the teachers of the Kingdom.



(Padmashree Pattnaik being honoured by Minister of Education, Kingdom of Bahrain)

He had been invited from Odisha for the second time by the Kingdom's Economic Development Board (EDB) and the Ministry of Education to lead a sand art workshop and training programme for the island's teachers. Over a 5-day period, the maestro was joined by several educators to learn the magic of sand art wherein he helped the participants create their own sand sculptures.

"I have been called for multiple commercial programmes across the globe. But when the Kingdom of Bahrain invited me to educate its teachers who in turn can share their knowledge with million others, I was deeply touched by the concept and accepted the invitation at once," Mr Pattnaik said.

“After sculpting with the tutors for merely two days, I noticed immense talent and a willingness to learn. The island is filled with scope for this art form, not only because of the abundance of sand but their warmth,” he added.

In the near future, Mr Pattnaik aims to partner with the Bahraini Government to create a sand art school in the Kingdom so they can harbour the best sand artists in the world.

The award-winning sculptor was also felicitated by noted business-man and Chairperson of the Bahrain Odia Society, Shri Arun Kumar Praharaj in a grand ceremony for taking Odisha to the world.



(Chair Person of Bahrain Odia Society Mr. Arun Kumar Praharaj felicitating Pdmashree Sudarsan Pattnaik)

The Son of the Sands been awarded the Padmashree in 2014 and constantly works towards making a difference by creating thought-provoking reflections on matters of the environment, politics, national integrity and religious tolerance. He said: “I have grown up in very tough situations. I remember the time when I worked as a child-labour and did not even have shoes to wear. So I always base my art on the world’s sufferings. At the very least, if I can make people think, I will be contented.”



(Hosts and the guest of honour –
Shri Arun Kumar Praharaj, Shri Sudarsan Pattnaik & Ms. Arunita)



(The Bahrain Odias with Padmashree Sudarsan Pattnaik)

# ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/ ୦୪/ ୨୦୧୭ | ଉତ୍କଳ ଦିବସ |
| ୦୨/ ୦୪/ ୨୦୧୭ | ଶ୍ରୀମନ୍ଦିରରେ ଚୈତ୍ର ଗୁଣ୍ଡିଗ୍ଧ ଯାତ୍ରା |
| ୦୩/ ୦୪/ ୨୦୧୭ | ଶ୍ରୀ ଦୁର୍ଗାଦେବ୍ୟାଃ ବାସନ୍ତୀକ ସପ୍ତମୀ ପୂଜା ଓ ମହାଷ୍ଟମୀ ପୂଜା |
| ୦୪/ ୦୪/ ୨୦୧୭ | ଅଶୋକାଷ୍ଟମୀ ଓ ଶ୍ରୀରାମ ନବମୀ, ବାସନ୍ତୀକ ଶ୍ରୀ ଦୁର୍ଗା ଦେବ୍ୟାଃ ନବମୀ ପୂଜା ଓ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥଯାତ୍ରା |
| ୦୫/ ୦୪/ ୨୦୧୭ | ବାସନ୍ତିକ ଦଶହରା |
| ୦୬/ ୦୪/ ୨୦୧୭ | ସୁଦଶାବ୍ରତ |
| ୦୭/ ୦୪/ ୨୦୧୭ | କାମଦା ଏକାଦଶୀ ଓ ହଳ ନିଷେଧ |
| ୦୮/ ୦୪/ ୨୦୧୭ | ଅନଙ୍ଗ ତ୍ରୟୋଦଶୀ |
| ୦୯/ ୦୪/ ୨୦୧୭ | ବିଷ୍ଣୁ ଓ ଶିବଦମନକ ଚତୁର୍ଦ୍ଦଶୀ |
| ୧୦/ ୦୪/ ୨୦୧୭ | ପୂର୍ଣ୍ଣିମାର ଚନ୍ଦ୍ରପୂଜା |
| ୧୧/ ୦୪/ ୨୦୧୭ | ଚୈତ୍ର ପୂର୍ଣ୍ଣିମା, ହିଙ୍ଗୁଳା ଯାତ୍ରା ଓ ବୈଶାଖ ବ୍ରତାରମ୍ଭ |
| ୧୩/ ୦୪/ ୨୦୧୭ | ବର୍ଷ ଶେଷ ଓ ମାସନ୍ତ |
| ୧୪/ ୦୪/ ୨୦୧୭ | ମହାବିଷୁବ ( ପଣା) ସଂକ୍ରାନ୍ତି, ହନୁମାନ ଓ ରାଧାରମଣ ଦେବଙ୍କ ଜୟନ୍ତି, ଗୁଡ୍ ଫ୍ରାଇଡେ |
| ୨୬/ ୦୪/ ୨୦୧୭ | ରୁକ୍ମଣୀ ଅମାବାସ୍ୟା ଓ ହଳ ନିଷେଧ |
| ୨୮/ ୦୪/ ୨୦୧୭ | ଉତ୍କଳ ଗୌରବ ମଧୁବାବୁଙ୍କ ଜୟନ୍ତୀ |
| ୨୯/ ୦୪/ ୨୦୧୭ | ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରାରମ୍ଭ ଓ ରଥ ଅନୁକୂଳ |
| ୩୦/ ୦୪/ ୨୦୧୭ | ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ |

# ଟିକିଏ ହସନ୍ତୁ

ଦୁଇ ସମୁଦି ମଦ ପିଇବାକୁ ବସିଲେ ।

ପୁଅର ବାପା – କେମିତି ପାଣି ମିଶେଇବି?

ଝିଅର ବାପା – ଜମା ପାଣି ମିଶାଅନ ।

ପୁଅର ବାପା – କଣ ପାଇଁ?

ଝିଅର ବାପା – ଆମର ପରମ୍ପରା ଅଛି...ଯେ ଝିଅ ଘରୁ ପାଣି ପିଇବା ମନା.... ।

( ଏହାକୁ କହନ୍ତି ସଂସ୍କାର)

ସାର - ପପୁ କହିଲୁ ତମ ଘରକୁ ବିଜୁଳି କେଉଁଠାରୁ ଆସୁଛ ।

ପପୁ – ସାର, ମାମୁଁଘରୁ ।

ସାର – କେମିତି କରେ?

ପପୁ – ସାର୍, ଯେତେବେଳେ ବି ଆମ ଘରେ ବିଜୁଳି ପଳେଇଯାଏ ବାପା କୁହନ୍ତି – "କାଟିଦେଲା ସଳାଟା" ।

ପୁଲିସ୍ – ତୁମର ସ୍ୱାମୀ କେନ୍ତେହି ମଲେ?

ପତ୍ନୀ – ମୁଇଁ ନାଇଁ ଜାନ ସାର୍, ଅଫିସରୁ ଫେରିଲେ ଆଉ୍ କହିଲେ, "କଛି ଦିଅ, ପେଟେ ମୂଷା ଦଉଡୁଛେ । ମୁଇଁ ମୂଷାମରା ଉଷୋ ଦେଇଦେଲିଁ ।

ପପୁ – ଗୋଟେ ଗୋଡର ପ୍ଲାଷ୍ଟିକ୍ ସର୍ଜରୀ କରିବା ପାଇଁ କେତେ ଖର୍ଚ୍ଚ ହେବ?

ଡାକ୍ତର - ୩ ଲକ୍ଷ ଲାଗିବ ।

ପପୁ – ଯଦି ମୁଁ ପ୍ଲାଷ୍ଟିକ୍ ଦିଏ ।

ଡାକ୍ତର ତା ହେଲେ ସାଥିରେ ଫେବିକୁଇକ୍ ବି ଆଣିଦବୁ, ମାଗଣାରେ କରିଦେବି ।

ଦାମ ମୋବାଇଲ ଦୋକାନକୁ ଗଲା ଆଉ କହିଲା ଭାଇ ଟିକେ ମୋର ମୋବାଇଲରେ ଏମ୍.ପି.୩ ଗୀତ ଲୋଡ କରିଦିଅନ୍ତୁ ।

ଦୋକାନୀ – ତୁମର ମିମୋରୀ କାର୍ଡ ଅଛିତ?

ଦାମ – ନାଇ, କନ୍ତୁ ଭୋଟର କାର୍ଡ ଆଉ ଆଧାର କାର୍ଡ ଅଛି ।

***

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com / editor.vedantimagazine@gmail.com



ଶିକ୍ଷା ଓ ସଂସ୍କୃତି ଆଭୂଷଣ ତା
ସେ ଆମ ଦୁହିତା ମମତାମୟୀ,
ଆତ୍ମବିଶ୍ୱାସର ଅଚଳମେରୁ ସେ,
ସ୍ୱାଭିମାନୀ ସେତ ଜଗତଜୟୀ।
ଝିଅ ଜନ୍ମ ନୁହେଁ ପରଘରକୁ,
ଜାୟା- ଜନନୀର ଅପୂର୍ବ ସମ୍ଭାର
ସାହା ଭରସା ସେ ଦୁଇ କୂଳକୁ!
( ବିଜେତା: ମୀନକ୍ଷୀ ପାଢ଼ୀ,
ଥାନେ, ମହାରାଷ୍ଟ୍ର)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**https://www.facebook.com/vedantiemagazine**

**http://vedantimagazine.wordpress.com**

**http://vedanti.wextarinteractive.com**